ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଡିସେମ୍ବର ୩୦/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Thursday, December 30/2021 | ★★

୧୮ଶ ଭାଗ ୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ବୁମ୍ରାଙ୍କ ପ୍ରଭାବୀ ବୋଲିଂ

ସେଞ୍ଚୁରିୟନଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ରଭାବୀ ବୋଲିଂ କରି ଭାରତର ବିଜୟ ସମ୍ଭାବନା ଦୃଢ଼ୀଭୂତ କରିଛନ୍ତି ଯଶପ୍ରୀତ୍ ବୁମ୍ରା।

୦୮

୦୬

## ସୋସିଆଲ ମିଡିଆରେ 'ଅତରଙ୍ଗୀ ରେ'କୁ ବିରୋଧ

ଅକ୍ଷୟ କୁମାର ଅଭିନୀତ ଫିଲ୍ମ 'ଅତରଙ୍ଗି ରେ'କୁ ବିରୋଧ କରାଯାଉଛି। ଏଥିରେ ହିନ୍ଦୁଙ୍କୁ ଅପମାନିତ କରାଯାଇଥିବା ଅଭିଯୋଗ ଉଠିଛି।





ଭୁବନେଶ୍ୱର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର(ଉତ୍କଳ ରଙ୍ଗମଞ୍ଚ)ରେ ବୁଧବାର ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବରେ ରାଉରକେଲାର ଅନୁଷ୍କା ଦାସ ଓ ଆଲିସା ଧଳଙ୍କ ନୃତ୍ୟ ପରିବେଷଣ।

# ସ୍କୁଲ ଖୋଲିବା ନିଷ୍ପତ୍ତି ବଦଳିପାରେ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ରାଜ୍ୟରେ ଜାନୁୟାରୀ ୩ରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ୍ ଖୋଲିବା ନିଷ୍ପତ୍ତି ବଦଳିବାର ସମ୍ଭାବନା ରହିଛି। ଏ ନେଇ ବୁଧବାର ଡିଏମ୍ଇଟି ଡା. ରମାରମଣ ମହାନ୍ତି କହିଛନ୍ତି। ସେ କହିଛନ୍ତି, ପୂର୍ବସ୍ଥିତିକୁ ଦେଖି ସରକାର ପ୍ରାଥମିକ ସ୍କୁଲ ଖୋଲିବା ନିଷ୍ପତ୍ତି ନେଇଥାଇପାରନ୍ତି। ସେତେବେଳେ ଦୈନିକ ସଂକ୍ରମଣ ସଂଖ୍ୟା ଶହେରୁ ଦେଢ଼ଶହ ଭିତରେ ସୀମିତ ରହୁଥିଲା। ସେହିପରି 'ଓମିକ୍ରନ' ଭୟ ମଧ୍ୟ ରାଜ୍ୟକୁ ନ ଥିଲା। କିନ୍ତୁ ଗତ ସାତ ଆଠ ଦିନ ହେବ ସ୍ଥିତି ବଦଳି ଯାଇଛି। ଦେଶର ୨୧ଟି ଜିଲାରେ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେଲେଣି। ଦିନକୁଦିନ ଏହିସଂଖ୍ୟା ବଢ଼ୁଛି। ଆମ ରାଜ୍ୟରେ ମଧ୍ୟ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେଣୁ ରାଜ୍ୟ ସରକାର ପ୍ରାଥମିକ ସ୍କୁଲ ଖୋଲିବାକୁ ନେଇଥିବା ନିଷ୍ପତ୍ତି ବଦଳାଇପାରନ୍ତି। ସରକାର ଏ ନେଇ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବେ ବୋଲି ଡିଏମ୍ଇଟି କହିଛନ୍ତି।

ଜାନୁୟାରୀ ୩ରୁ ପ୍ରାଥମିକ ସ୍କୁଲ ଖୋଲିବା ପାଇଁ ଗତ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ☞ପୃଷ୍ଠା-୪

## ପିଲାଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ର

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ପିଲାଙ୍କ ଟିକାକରଣକୁ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ରର ବ୍ୟବସ୍ଥା ହୋଇଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଟିକାକରଣ ନୋଡାଲ ଅଧିକାରୀ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୫ରୁ ୧୮ ବର୍ଷ ପିଲାଙ୍କୁ ଟିକାକରଣ ପାଇଁ ଡେଡିକେଟେଡ ସାଇଟ୍ ଖୋଲିବାକୁ ଆମେ ନିର୍ଦ୍ଦେଶ ଦେଇଛୁ। ସେଠି ଦିନତମାମ ଟିକାକରଣ ଚାଲିବ। ଏହାସହ ଯେଉଁ ଟିକା କେନ୍ଦ୍ରଗୁଡ଼ିକ ବର୍ତ୍ତମାନ ରହିଛି ସେଠାରେ ସକାଳ ୮ଟାରୁ ଦିନ ୧ଟା ମଧ୍ୟରେ କେବଳ ପିଲାଙ୍କୁ ଓ ଅପରାହ୍ନରେ ଅନ୍ୟମାନଙ୍କୁ ଟିକା ଦିଆଯିବ। ୨୦୦୭ କିମ୍ବା ତା' ପୂର୍ବରୁ ଯେଉଁ ପିଲା ଜନ୍ମ ହୋଇଛନ୍ତି ସେମାନେ ଟିକା ନେବା ପାଇଁ ଯୋଗ୍ୟ। ☞ପୃଷ୍ଠା-୪

# ଝାଡ଼ଖଣ୍ଡରେ ୨୫ ଟଙ୍କା ଶସ୍ତା ହେବ ପେଟ୍ରୋଲ

**ନୂଆଦିଲ୍ଲୀ, ୨୯।୧୨**

ଝାଡ଼ଖଣ୍ଡରେ ମୋଟରସାଇକେଲ ଓ ସ୍କୁଟର ଚାଳକମାନଙ୍କୁ ପେଟ୍ରୋଲ ଉପରେ ୨୫ ଟଙ୍କା ରିହାତି ଦେବାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବୁଧବାର ଘୋଷଣା କରିଛନ୍ତି। ଆସନ୍ତାବର୍ଷ ଜାନୁୟାରୀ ୨୬ରୁ ଏହି ରିହାତି ଲାଗୁହେବ। ରାଶନକାର୍ଡଧାରୀ ଜଣେ ଦୁଇଚକିଆ ଯାନ ଚାଳକ ପେଟ୍ରୋଲ କ୍ରୟ ଉପରେ ମାସକୁ ୨୫୦ ଟଙ୍କା ରିହାତି ପାଇବେ। ଉକ୍ତ ଅର୍ଥ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯିବ। ଏହା ଦ୍ୱାରା ରାଜ୍ୟର ୬୨ ଲକ୍ଷ ଲୋକ ଉପକୃତ ହେବେ ବୋଲି ଜଣେ ରାଜ୍ୟ ପଦାଧିକାରୀ କହିଛନ୍ତି।

ଦେଶରେ ପେଟ୍ରୋଲ ଓ ଡିଜେଲ ଦର ଆକାଶଛୁଆଁ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସୋରେନ୍ କେନ୍ଦ୍ର ସରକାରଙ୍କୁ



**ରାଶନ କାର୍ଡଧାରୀ ଦୁଇଚକିଆ ଯାନ ଚାଳକ ଉପକୃତ ହେବେ**

ସମାଲୋଚନା କରିଥିଲେ। ତୈଳ ଦର ବୃଦ୍ଧି ଯୋଗୁ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରେ ଗାଡ଼ି ଥିଲେ ବି ତେଲ କିଣିବାକୁ ପଇସା ନ ଥିବାରୁ ଗରିବ ଲୋକେ ଏହାକୁ ଚଳାଇପାରୁ ନାହାନ୍ତି। ଚାଷୀ ଏହାର ଉତ୍ପାଦିତ ଫସଲକୁ ବଜାରରେ ବିକ୍ରି କରିବାକୁ ନେଇପାରୁ ନାହିଁ ବୋଲି ସୋରେନ୍ କହିଥିଲେ। ସେଥିପାଇଁ ରାଜ୍ୟର ରାଶନ କାର୍ଡଧାରୀମାନେ ଦୁଇଚକିଆ ଯାନରେ ପେଟ୍ରୋଲ ପକାଇଲେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଲିଟର ପିଛା ୨୫ ଟଙ୍କା ଲେଖାଏ ଟ୍ରାନ୍ସଫର କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରତ୍ୟେକ ଗରିବ ପରିବାର ମାସିକ ୧୦ ଲିଟର ପର୍ଯ୍ୟନ୍ତ ତେଲ ଉପରେ ଏହି ରିହାତି ପାଇପାରିବେ। ପୂର୍ବରୁ ଦିଲ୍ଲୀ ସରକାର ପେଟ୍ରୋଲ ଉପରୁ ଭାଟ୍ ୩୦ ପ୍ରତିଶତରୁ ୧୯.୪୦ପ୍ରତିଶତକୁ ହ୍ରାସ କରିଥିଲେ। ଫଳରେ ସେଠାରେ ପେଟ୍ରୋଲ ଦର ୮ ଟଙ୍କା ହ୍ରାସ ପାଇଛି।




**ଆଜିର ସମ୍ପାଦକୀୟ**

**ମହାଶକ୍ତି ସଂଘର୍ଷ ଓ ୟୁରୋପ**

**ବାଲେଶ୍ୱରରେ ସାଇବର ଠକେଇ** ☞ପୃଷ୍ଠା-୩

# ଓମିକ୍ରନ୍ ନିରୋଧୀ ଆଣ୍ଟିବଡି ଚିହ୍ନଟ

## ଉପଯୋଗୀ ହେବ ତୃତୀୟ ଡୋଜ୍

**ୱାଶିଂଟନ, ୨୯।୧୨**

ଓମିକ୍ରନ୍ ଏବଂ କରୋନା ଭୂତାଣୁର ଅନ୍ୟ ଭାରିଆଣ୍ଟଗୁଡ଼ିକୁ ନିଷ୍କ୍ରିୟ କରିବା ଲାଗି ଆଣ୍ଟିବଡି ଚିହ୍ନଟ ହୋଇଛି। ବୈଜ୍ଞାନିକମାନଙ୍କର ଏକ ଅନ୍ତର୍ଜାତୀୟ ଟିମ୍ ନିକଟରେ କରିଥିବା ଅଧ୍ୟୟନରୁ ଏହା ଜାଣିବାକୁ ପାଇଛନ୍ତି। ଉକ୍ତ ଆଣ୍ଟିବଡିଗୁଡ଼ିକ ଭୂତାଣୁର ସ୍ପାଇକ୍ ପ୍ରୋଟିନ୍ ଅଞ୍ଚଳକୁ ଟାର୍ଗେଟ କରିଥାନ୍ତି। 'ନେଚର' ପତ୍ରିକାରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି।



ସ୍ପାଇକ୍ ପ୍ରୋଟିନ୍‌କୁ ଅକାମୀ କରୁଥିବା ଆଣ୍ଟିବଡିଗୁଡ଼ିକର ଟାର୍ଗେଟକୁ ଚିହ୍ନଟ କରାଯାଇଥିବାରୁ ନୂଆ ଟିକା ପ୍ରସ୍ତୁତି ଏବଂ ଆଣ୍ଟିବଡି ଚିକିତ୍ସାରେ ଏହା ସହାୟକ ହୋଇପାରିବ ବୋଲି ଗବେଷକମାନେ କହିଛନ୍ତି। ଏହା କେବଳ ଓମିକ୍ରନ୍ ଚିକିତ୍ସା ପାଇଁ ନୁହେଁ, ଭବିଷ୍ୟତରେ ଆସିବାକୁ ଥିବା ଅନ୍ୟ ଭାରିଆଣ୍ଟଗୁଡ଼ିକର ଚିକିତ୍ସାରେ ମଧ୍ୟ ସହାୟକ ହେବ ବୋଲି ହୋୱାର୍ଡ ହଗ୍ସ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍‌ର ଇନ୍‌ଭେଷ୍ଟିଗେଟର ତଥା ୟୁନିଭର୍ସିଟି ଅଫ୍ ୱାଶିଂଟନ ସ୍କୁଲ୍ ଅଫ୍ ☞ପୃଷ୍ଠା-୪

## ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୯ ହେଲା

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ପୁଣି ଉପରମୁହାଁ ହୋଇଛି। ଏଥିସହ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ଆକ୍ରାନ୍ତ ସଂଖ୍ୟା ବି ବଢ଼ି ଚାଲିଛି। ବୁଧବାର ଆଉ ଜଣେ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍) ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଆକ୍ରାନ୍ତ ଜଣକ ୟୁଏଇରୁ ଫେରିଥିଲେ। ତାଙ୍କ ବୟସ ୩୧ ବର୍ଷ ହୋଇଥିବାବେଳେ ଘର କେନ୍ଦୁଝରରେ।

ତେବେ ଏହାକୁ ମିଶାଇ ରାଜ୍ୟରେ ମୋଟ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ନୂଆ ଓମିକ୍ରନ୍ ଆକ୍ରାନ୍ତ ବିମାନରେ ଦୁବାଇରୁ କୋଲକାତା ଆସିବା ପରେ ସେଠାରୁ ଟ୍ରେନ୍‌ରେ କେନ୍ଦୁଝରର ବଡ଼ବିଲ ଆସିଛନ୍ତି। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେ ଆସିଲାବେଳେ ନେଗେଟିଭ ଥିଲେ। ଘରେ ପହଞ୍ଚିବାର ଦିନକ ପରେ ତାଙ୍କୁ ଜ୍ୱର ଆସିଥିଲା। ସେ କୋଭିଡ୍ ଟେଷ୍ଟ କରିଥିଲେ ଓ ପରେ ତାଙ୍କ ନମୁନାକୁ ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଥିଲା। ସେ ଓମିକ୍ରନ୍‌ରେ ସଂକ୍ରମିତ ହୋଇଥିବା ରିପୋର୍ଟ ଆସିଛି। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କର ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ରାଜ୍ୟରେ ପ୍ରଥମ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

ଅପରପକ୍ଷେ ରାଜ୍ୟରେ ଗତ ୨୪ ଘଣ୍ଟାରେ ଆଉ ୨୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୦ରୁ ୧୮ ବର୍ଷ ମଧ୍ୟରେ ୩୪ଜଣ ଥିବାବେଳେ କ୍ୱାରାଣ୍ଟାଇନରୁ ୧୨୯ ଓ ସ୍ଥାନୀୟ ସଂକ୍ରମିତ ୯୨ଜଣ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୯୮ଜଣ ଥିବାବେଳେ ବାକି ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୫ ତଳେ ରହିଛି। ବର୍ତ୍ତମାନ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦,୫୪,୩୮୧କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟରେ ଆଉ ୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଖୋର୍ଦ୍ଧାର ଏବଂ ଅନ୍ୟ ଜଣଙ୍କ ଘର କୋରାପୁଟରେ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

## ଧର୍ମଘଟ ସ୍ଥଗିତ ରଖିଲା ବସ୍ ମାଲିକ ସଂଘ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ରାଜ୍ୟ ପରିବହନ ବିଭାଗ ପ୍ରମୁଖ ସଚିବ ମଧୁସୂଦନ ପାଢୀଙ୍କ ଅଧ୍ୟକ୍ଷତାରେ ବୁଧବାର ଭୁବନେଶ୍ୱରରେ ରାଜ୍ୟ ବସ୍ ମାଲିକ ସଂଘ, ଢେଙ୍କାନାଳ ଓ ଅନୁଗୋଳ ସଂଘ କର୍ମକର୍ତ୍ତା ଏବଂ ଏନ୍ଏଚଏଆଇ କର୍ତ୍ତୃପକ୍ଷଙ୍କ ଏକ ବୈଠକ ହୋଇଛି। ଏଥିରେ ମଙ୍ଗୁଳି-ଅନୁଗୋଳ(ଏନ୍ଏଚ-୫୫)ର ଦୂରବସ୍ଥା ସମ୍ବନ୍ଧୀୟ ଆଲୋଚନା ହେବା ପରେ ଏନ୍ଏଚଏଆଇ କର୍ତ୍ତୃପକ୍ଷ ଆସନ୍ତା ୨୦ ସୁଦ୍ଧା ଉକ୍ତ ରାସ୍ତାର ସବୁ ମରାମତି କାର୍ଯ୍ୟ ଶେଷ ହେବା ସହ ଜୁନ୍ ୨୦୨୨ ସୁଦ୍ଧା ସମ୍ପୂର୍ଣ୍ଣ କାମ ଶେଷ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେବା ପରେ ପରିବହନ ସଚିବଙ୍କ ଅନୁରୋଧ ଅନୁଯାୟୀ ଆସନ୍ତା ୧ ତାରିଖରୁ ହେବାକୁ ଥିବା ଧର୍ମଘଟ ସ୍ଥଗିତ କରାଗଲା ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଆରପାରିରେ 'ଖଇରୀ'ର ପାଳିତା ମା'

**କଟକ ଅଫିସ/ବାରିପଦା ଅଫିସ, ୨୯।୧୨**

ଶିମିଳିପାଳ ଅଭୟାରଣ୍ୟର ବାଘୁଣୀ 'ଖଇରୀ'କୁ ପାଳିପୋଷି ବଡ଼ କରିଥିବା ନୀହାର ନଳିନୀ ସ୍ୱାଇଁ(୮୮)ଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଜୀବଜନ୍ତୁ ପ୍ରେମୀ ତଥା ଖଇରୀର ପାଳିତା ମା' ଭାବେ ନଳିନୀ ବେଶ୍ ପରିଚିତ ଥିଲେ। ସ୍ୱାମୀ ସରୋଜ ରାଜ ଚୌଧୁରୀଙ୍କ ବିୟୋଗ ପରେ ସେ କଟକ ସିଦ୍ଧେଶ୍ୱର ସାହିସ୍ଥିତ ବୃଦ୍ଧାଶ୍ରମରେ ଦୀର୍ଘବର୍ଷ ଧରି ରହୁଥିଲେ।

୧୯୭୪ରେ ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ପ୍ରକଳ୍ପର ତତ୍କାଳୀନ ନିର୍ଦ୍ଦେଶକ ସରୋଜ ରାୟ ଚୌଧୂରୀ ସ୍ତ୍ରୀ ନୀହାର ନଳିନୀଙ୍କ ସହ ବୁଲୁଥିବାବେଳେ ଖଇରା ନଦୀକୂଳରୁ ଏକ ବାଘ ଛୁଆ ପାଇ ଘରକୁ ଆଣିଥିଲେ। ଦୀର୍ଘ ୭ବର୍ଷ ଧରି ସରୋଜ ଏବଂ ନଳିନୀ ନିଜ ପିଲା ଭଳି ତାହାର ଲାଳନ ପାଳନ କରିଥିଲେ। ଖଇରା ନଦୀ କୂଳରୁ ବାଘକୁ ଉଦ୍ଧାର କରାଯାଇଥିବାରୁ ଏହାର ନାଁ ଖଇରୀ ରଖିଥିଲେ। ଘର ଅଗଣାରେ ରହୁଥିବା ଏହି ବାଘକୁ ଦେଖିବା ପାଇଁ ଆଖପାଖ ଗ୍ରାମରୁ ଲୋକେ ଆସୁଥିଲେ। ୧୯୮୧ରେ ଏକ ପାଗଳା କୁକୁର କାମୁଡ଼ାରେ ଖଇରୀର ମୃତ୍ୟୁ ଘଟିଥିଲା। ଖଇରୀର ମୃତ୍ୟୁ ପରେ ଦୁଃଖରେ ମ୍ରିୟମାଣ ସରୋଜଙ୍କ ସେହି ବର୍ଷ ପରଲୋକ ଘଟିଥିଲା। ସ୍ୱାମୀଙ୍କୁ ହରାଇବା ପରେ ନଳିନୀ ବୃଦ୍ଧାଶ୍ରମକୁ ଚାଲିଆସିଥିଲେ। ସେମାନଙ୍କର କୌଣସି ପିଲାଛୁଆ ନ ଥିଲା। ବୃଦ୍ଧାଶ୍ରମରେ ରହିବାବେଳେ ନଳିନୀ ଖଇରୀକୁ ସବୁବେଳେ ମନେ ପକାଉଥିଲେ। ମଙ୍ଗଳବାର ସେ ଖାଇସାରି ଶୋଇବାକୁ ଯାଇଥିଲେ। ଏହାପରେ ସେ ଆଉ ଉଠି ନ ଥିଲେ। ଖବରପାଇ ଡାକ୍ତର ସେଠାରେ ପହଞ୍ଚି ତାଙ୍କୁ ମୃତ ଘୋଷଣା କରିଥିଲେ।





ବାଘୁଣୀ 'ଖଇରୀ' ସହ ନୀହାର ନଳିନୀ ସ୍ୱାଇଁ ଓ ତାଙ୍କ ସ୍ୱାମୀ ତଥା ପୂର୍ବତନ ଡିଏଫ୍ଓ ସରୋଜ ରାଜ ଚୌଧୁରୀ।

# ମୁଖ୍ୟମନ୍ତ୍ରୀଙ୍କୁ ମିଳିଲାନି ଗୃହ ବିଭାଗ

ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଅସନ୍ତୁଷ୍ଟ ବିଧାୟକମାନଙ୍କୁ ମନାଇବା ପାଇଁ ମଙ୍ଗଳବାର ନିଜ କ୍ୟାବିନେଟ ସମ୍ପ୍ରସାରଣ କରିଥିଲେ। ହେଲେ ଏହି ବିସ୍ତାର ପରେ ଭାଜପାରେ ବିବାଦ ବଢ଼ିଛି। କାରଣ ଦୁଇ ନୂଆ ମନ୍ତ୍ରୀ କମଲ ଗୁପ୍ତା (ଭାଜପା) ଏବଂ ଦେବେନ୍ଦର ସିଂ ବବଲି (ଜେଜେପି)ଙ୍କୁ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ବିଭାଗ ନ ଥିଲା। ଏଥିଯୋଗୁ ସେ କ୍ୟାବିନେଟର ବରିଷ୍ଠ ସହଯୋଗୀ ଅନିଲ ଭିଜ୍‌ଙ୍କଠାରୁ ଗୃହ ବିଭାଗ ମାଗିଥିଲେ। ଭିଜ୍ ଏଥିରେ ଅସନ୍ତୁଷ୍ଟ ହୋଇ ନୂଆ ମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବକୁ ବର୍ଜନ କରିବା ସହ ଭାଜପାର କେନ୍ଦ୍ରୀୟ ନେତୃତ୍ୱଙ୍କ ନିକଟରେ ଫେରାଦ ହୋଇଥିଲେ। ଶେଷରେ ଖଟ୍ଟର ଓ ଭିଜ୍ ଗୋଟିଏ ଲେଖାଏ ବିଭାଗ ଛାଡ଼ି ନିଜ ଦଳର ଜଣେ ମନ୍ତ୍ରୀଙ୍କୁ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ଚୌଟାଲା ମଧ୍ୟ ନୂଆକରି ଶପଥ ନେଇଥିବା ତାଙ୍କ ଦଳର ମନ୍ତ୍ରୀଙ୍କ ପାଇଁ ଗୋଟିଏ ବିଭାଗ ଛାଡ଼ିଦେଇଛନ୍ତି। ଏହି ଘଟଣାକ୍ରମକୁ ନେଇ ହରିୟାଣା ରାଜନୀତି ସରଗରମ ହୋଇଥିବାବେଳେ ଖଟ୍ଟର-ଭିଜ୍ ମୁହାଁମୁହିଁ ହେବା ଭାଜପାର ଅନ୍ତର୍କଳହକୁ ପଦାରେ ପକାଇଛି।



ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର

## ହରିୟାଣାରେ କ୍ୟାବିନେଟ ସମ୍ପ୍ରସାରଣ

- ଶପଥ ନେଲେ ଭାଜପାର କମଲ ଗୁପ୍ତା, ଜେଜେପିର ଦେବେନ୍ଦର ସିଂ ବବଲି
- ଅନିଲ ଭିଜ୍‌ଙ୍କୁ ଗୃହ ବିଭାଗ ମାଗିଥିଲେ ଖଟ୍ଟର
- ଦିଲ୍ଲୀରେ ପହଞ୍ଚିଲା ବିବାଦ

**ଚଣ୍ଡିଗଡ଼/ନୂଆଦିଲ୍ଲୀ, ୨୯।୧୨**

ହରିୟାଣା ମନ୍ତ୍ରିମଣ୍ଡଳରେ ଭାଜପା କୋଟାରୁ ହିସାର ବିଧାୟକ ଡ. କମଲ ଗୁପ୍ତା ଏବଂ ସହଯୋଗୀ ଜନନାୟକ ଜନତା ପାର୍ଟି (ଜେଜେପି)ରୁ ଟୋହାନା ବିଧାୟକ ଦେବେନ୍ଦର ସିଂ ବବଲିଙ୍କୁ ସାମିଲ କରାଯାଇଛି। ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଚଣ୍ଡିଗଡ଼ସ୍ଥିତ ରାଜଭବନରେ ଉଭୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ସଂସ୍କୃତରେ ଶପଥ ନେଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ପୃଷ୍ଠଭୂମିର କମଲ ଗୁପ୍ତା ହେଉଛନ୍ତି ଖଟ୍ଟରଙ୍କ ଘନିଷ୍ଠ ସହଯୋଗୀ। ଅନ୍ୟପକ୍ଷେ ହିନ୍ଦୀରେ ଶପଥ ନେଇଥିବା ଦେବେନ୍ଦର ହରିୟାଣରେ କେନ୍ଦ୍ରର ୩ କୃଷି ଆଇନ ବିରୋଧୀ ଆନ୍ଦୋଳନର ମୂଳ କୁହାଯାଉଥିବା ଫତେଗଡ଼ର ☞ପୃଷ୍ଠା-୪

# ପରଦା

**ଶେଷ ପାଦରେ ଉପନୀତ ୨୦୨୧। ଚଳିତବର୍ଷ ଓଡ଼ିଆ ଏବଂ ହିନ୍ଦୀ ସିନେମାରେ ଘଟିଥିବା ଘଟଣାବଳୀକୁ ନେଇ ଉପସ୍ଥାପନା...**

## ବାଜି ମାରିଲେ ଅକ୍ଷୟ

ଗତ କିଛି ବର୍ଷ ଭଳି ଖିଲାଡି ମାଷ୍ଟର ଅକ୍ଷୟ କୁମାର ଚଳିତ ବର୍ଷ ବି ନିଜ ଅଭିନୟ ଦକ୍ଷତା ବଳରେ ଦର୍ଶକଙ୍କୁ ଅଧିକ ପ୍ରଭାବିତ କରିବାରେ ସକ୍ଷମ ହୋଇଛନ୍ତି। ଏ ବର୍ଷ ତାଙ୍କ ଅଭିନୀତ 'ବେଲ୍ ବଟମ', 'ସୂର୍ଯ୍ୟବଂଶୀ', ଅତରଙ୍ଗୀରେ', 'ରକ୍ଷାବନ୍ଧନ' ଏବଂ 'ପୃଥ୍ୱୀରାଜ' ରିଲିଜ ହୋଇ ଭଲ ବିଜ୍‌ନେସ୍ କରିଛି। ଏହାବ୍ୟତୀତ 'ସାଇନା' (ପରିଣିତି ଚୋପ୍ରା), 'ରୁହି'(ଜାହ୍ନବୀ କପୁର), 'ଅନ୍ତିମ-ଦ ଫାଇନାଲ ଟ୍ରୁଥ୍' (ସଲମାନ ଖାଁ), 'ସତ୍ୟମେବ ଜୟତେ-୨' (ଜନ୍ ଆବ୍ରାହମ୍), 'ରାଧେ' (ସଲ୍‌ମାନ) ଏବଂ 'ବଣ୍ଟି ଔର ବବ୍‌ଲି-୨' ରାଣୀ ମୁଖାର୍ଜୀ) ଚଳିତ ବର୍ଷ ଆଶାନୁରୂପ ବିଜ୍‌ନେସ କରିପାରିଛି।

## ବିବାହ ବନ୍ଧନରେ ଭିକି-କ୍ୟାଟ୍ରିନା

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଚଳିତ ବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। 'ଉରି' ଫେମ୍ ଭିକି କୌଶଳଙ୍କୁ ସେ ପତି ଭାବରେ ଗ୍ରହଣ କରିଛନ୍ତି। ଭିକି-କ୍ୟାଟ୍ରିନାଙ୍କ ଏହି ହାଇ ପ୍ରୋଫାଇଲ ମ୍ୟାରେଜ ଯୋଧପୁରରେ ଅନୁଷ୍ଠିତ ହୋଇଥିଲା।

## ପରଲୋକରେ ଟ୍ରାଜେଡି କିଙ୍ଗ୍

ବଲିଉଡ୍‌ର ଟ୍ରାଜେଡି କିଙ୍ଗ୍ ତଥା ବର୍ଷୀୟାନ ଅଭିନେତା ଦିଲୀପ କୁମାର ଚଳିତ ବର୍ଷ ପରଲୋକ ଗମନ କରିଛନ୍ତି। ଅଭିନୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ସମ୍ମାନଜନକ ପଦ୍ମ ଭୂଷଣ ଏବଂ ପଦ୍ମ ବିଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ବ୍ୟତୀତ ସଙ୍ଗୀତ କ୍ଷେତ୍ରରେ ପରିଚିତ ସ୍ୱର ସଂଯୋଜକ ଶ୍ରବଣ ରାଠୋର, ମନ୍ଦିରା ବେଦୀଙ୍କ ସ୍ୱାମୀ ତଥା ନିର୍ଦ୍ଦେଶକ ରାଜ୍ କୌଶଲ ଏବଂ ରିୟାଲିଟି ଶୋ' ବିଗ୍ ବସ୍-୧୩ର ବିଜେତା ସିଦ୍ଧାର୍ଥ ଶୁକ୍ଲାଙ୍କର ଏ ବର୍ଷ ମୃତ୍ୟୁ ହୋଇଥିଲା।

## ରଜନୀକାନ୍ତଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର

ବର୍ଷୀୟାନ ଅଭିନେତା ରଜନୀକାନ୍ତଙ୍କୁ ଚଳିତବର୍ଷ ପାଇଁ ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି। ଏଥର 'ଭୋସଁଲେ' ଚଳଚ୍ଚିତ୍ର ପାଇଁ ମନୋଜ ବାଜପେୟୀ ଏବଂ 'ଅସୁରନ୍' ଫିଲ୍ମ ପାଇଁ ଧନୁଷ( ଶ୍ରେଷ୍ଠ ଅଭିନେତା), କଙ୍ଗନା ରାଣାଓ୍ୱତ (ଶ୍ରେଷ୍ଠ ଅଭିନେତ୍ରୀ), ସଞ୍ଜୟ ପୂରନ୍ ସିଂ ଚୌହାନ୍ (ଶ୍ରେଷ୍ଠ ନିର୍ଦ୍ଦେଶକ), ବିଜୟ ସେତୁପାତି (ଶ୍ରେଷ୍ଠ ସହ ଅଭିନେତା), ପଲ୍ଲବୀ ଜୋଷୀ (ଶ୍ରେଷ୍ଠ ସହ ଅଭିନେତ୍ରୀ)ଙ୍କୁ ପୁରସ୍କୃତ କରାଯାଇଛି। ଅନ୍ୟପକ୍ଷରେ ଜାତୀୟ ସଂହତି ଉପରେ ନିର୍ମିତ ମରାଠୀ ଫିଲ୍ମ 'ତାଜମଲ୍' ଏବଂ ସାମାଜିକ ସମସ୍ୟା ଉପରେ ପ୍ରସ୍ତୁତ ମରାଠୀ ଫିଲ୍ମ 'ଅନନ୍ଦି ଗୋପାଲ'କୁ ମଧ୍ୟ ପୁରସ୍କୃତ କରାଯାଇଛି।




## ଏଥର ସଂଖ୍ୟା ୨୦

ପ୍ରାୟ ୨ବର୍ଷ ଧରି କରୋନା ଯୋଗୁ କେବଳ ସାଧାରଣ ଜୀବନ, ଅର୍ଥନୀତି ନୁହେଁ ମନୋରଞ୍ଜନ ଜଗତ ମଧ୍ୟ ପ୍ରଭାବିତ ହୋଇଛି। ଚଳିତବର୍ଷ ଆଶଙ୍କା ଭିତରେ କେତେକ ଓଡ଼ିଆ ସିନେମା ପରଦା ଉପରକୁ ଆସିଥିଲା ସତ, ହେଲେ ସେଗୁଡ଼ିକ ଆଶାନୁରୂପ ବ୍ୟବସାୟ କରିବାରେ ବିଫଳ ହୋଇଥିଲେ। କାରଣ କରୋନା କଟକଣା ମଧ୍ୟରେ ପ୍ରେକ୍ଷାଳୟ ଖୋଲିଥିଲା ହେଲେ ସେଠାକୁ ଯାଇ ସିନେମା ଦେଖିବାକୁ ଅଧିକାଂଶ ଦର୍ଶକ ଉଚିତ ମଣି ନ ଥିଲେ। ତେବେ ଏହି ବର୍ଷ ଡିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ମୋଟ ୧୯ଟି ସିନେମା ରିଲିଜ ହୋଇଥିଲା। ଏବର୍ଷ ଶେଷ ଫିଲ୍ମ ଭାବରେ 'ହୀରୋଗିରି' (ଆକାଶ-ମେଘା ଘୋଷ) ଚଳିତ ମାସ ୩୧ରେ ମୁକ୍ତିଲାଭ କରିବାକୁ ଯାଉଛି। ଅନ୍ୟପକ୍ଷରେ ଘରୋଇ ଚ୍ୟାନେଲଗୁଡ଼ିକ ସାଟେଲାଇଟ୍ ଫିଲ୍ମ ପ୍ରସ୍ତୁତ କରି ରିଲିଜ ଧାରା ଜାରି ରଖିଥିଲେ। ଚଳିତ ବର୍ଷ ରିଲିଜ ହୋଇଥିବା ସିନେମାଗୁଡ଼ିକ ମଧ୍ୟରେ ରହିଛି : ରୋମିଓ ରଜା (ଅମ୍ଲାନ-ତମନ୍ନା), ସୁପରବୟ (ଜ୍ୟୋତି-ତମନ୍ନା), ତାଣ୍ଡବ (ଦେବାଶିଷ ପତି-ଚନ୍ଦ୍ରାଣୀ), ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୂର (ଅଭିଷେକ ରଥ-ଅଙ୍କିତା), ଜଙ୍ଗଲ (ସୂରଜ-ଆହାନା), ଓୟେ ଗିଟାର (ଅମନ୍-ଆହାନା), ଶହୀଦ ରଘୁ ସର୍ଦ୍ଦାର (ଦେବାଶିଷ ପାତ୍ର-କାବ୍ୟା), ଚକ୍ଷୁବନ୍ଧନ (ରାଜ୍ ରାଜେଶ-ଭୂମିକା ଦାଶ), ମନେ ମନେ ମନ ଖୋଜୁଥିଲା (ଓମ୍‌କାର-ନମ୍ରତା ସିଂଦେଓ), ଅର୍ଦ୍ଧ ସତ୍ୟ (ହର ରଥ-ରତ୍ନୁପର୍ଣ୍ଣା), ସିନ୍ଥିରୁ ସିନ୍ଦୂର ଅଳପ ଦୂର (ରାଜା-ରୋମି), ମନ ମୋର ନେଇ ଗଲୁରେ (ଜ୍ୟୋତି-ଭୂମିକା), ବିଜୟିନୀ (ଦେବାଶିଷ ପାତ୍ର-ବର୍ଷା ପ୍ରିୟଦର୍ଶିନୀ), ଗାଁର ନାଁ ଗାଲୁଆପୁର (ପପୁ ପମ୍‌ପମ୍ - ମନୀଷା), ଅରୁନ୍ଧତୀ (ରାଜବୀର - ଏଲିନା ପ୍ରିୟଦର୍ଶିନୀ), ଚାଲ ଟିକେ ପ୍ରେମ କରିବା (ଦେବରାଜ-ଚିନ୍ମୟୀ ପ୍ରିୟଦର୍ଶିନୀ), କଟକ ଓ୍ୱେଡ୍‌ସ ସମ୍ବଲପୁର (ସମ୍ବିତ-ସୁସ୍ମିତା ପ୍ରଧାନ), ଭୋକ (କୁନା ତ୍ରିପାଠୀ-କାବ୍ୟା), ବିଶ୍ୱାସ (ସୁଜୟ ମହାନ୍ତି-ସାହିଲ)। ଚଳିତବର୍ଷ ଓଲିଉଡ୍‌ର ପରିଚିତ ଅଭିନେତା ଅନୁଭବ ମହାନ୍ତି, ଅରିନ୍ଦମ, ସବ୍ୟସାଚୀ, ବାବୁସାନ୍ ପ୍ରମୁଖଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳି ନ ଥିଲା।

## ତିନୋଟି ଓଡ଼ିଆ ଚଳଚ୍ଚିତ୍ରକୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ଏବଂ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ 'ଶଲାବୁଢ଼ାର ବଦଲା' ଏବଂ ନୀଳମାଧବ ପଣ୍ଡାଙ୍କ 'କାଳିର ଅତୀତ'କୁ ଚଳିତବର୍ଷର ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଫିଚର ଫିଲ୍ମ ପୁରସ୍କାର ମିଳିଥିଲା। ଅନ୍ୟପକ୍ଷରେ ଆଶୁତୋଷ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ପ୍ରାମାଣିକ ଚଳଚ୍ଚିତ୍ର 'ଶ୍ରୀକ୍ଷେତ୍ରରୁ ସାହିଜାତ'କୁ ଶ୍ରେଷ୍ଠ କଳା ଏବଂ ସଂସ୍କୃତି ବିଭାଗରେ ପୁରସ୍କୃତ କରାଯାଇଥିଲା।

## ସ୍ଥଗିତ ରହିଲା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ

ଚଳିତ ବର୍ଷ ଘୋଷିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଶେଷରେ ଏହି ବିବାଦ ରାଜ୍ୟ ହାଇକୋର୍ଟରେ ପହଞ୍ଚିଥିଲା। ଏହି ପୁରସ୍କାରକୁ ତର୍ଜମା କରିବା ପରେ ଏହାର ପ୍ରଦାନ ଉତ୍ସବ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି ଉଚ୍ଚ ନ୍ୟାୟାଳୟ। କେବଳ ସେତିକି ନୁହେଁ, ପୁଣି ଥରେ ଏହି ତାଲିକାକୁ ଭଲଭାବରେ ତର୍ଜମା କରି ଘୋଷଣା କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପୁରସ୍କାରରେ ସମ୍ମାନଜନକ ଜୟଦେବ ପୁରସ୍କାର ପାଇଁ ବରିଷ୍ଠ ପ୍ରଯୋଜକ ଘନଶ୍ୟାମ ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ତାଲିକାରେ 'କାଳିର ଅତୀତ' (ଶ୍ରେଷ୍ଠ ଚଳଚ୍ଚିତ୍ର), ନୀଳମାଧବ ପଣ୍ଡା (ଶ୍ରେଷ୍ଠ ପ୍ରଯୋଜକ-ନିର୍ଦ୍ଦେଶକ)ଙ୍କୁ ସାମିଲ କରାଯାଇଥିବା ବେଳେ 'ଖୁସି' ଚଳଚ୍ଚିତ୍ର ପାଇଁ ସରୋଜ ପରିଡ଼ାଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ କାବ୍ୟା କିରଣଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପାଇଁ ମନୋନୀତ କରାଯାଇଥିଲା। ଅନ୍ୟପକ୍ଷରେ ଚଳିତ ବର୍ଷ ଘୋଷିତ ରାଜ୍ୟ ଟେଲି ପୁରସ୍କାର ତାଲିକାରେ 'କାଳିଆ କରୁଛି ଲୀଳା'କୁ ଶ୍ରେଷ୍ଠ ଚଳଚ୍ଚିତ୍ର, ଏହି ଫିଲ୍ମ ପାଇଁ ଦେବାଶିଷ ପାତ୍ର ଶ୍ରେଷ୍ଠ ପ୍ରଯୋଜକ-ଅଭିନେତା, ଲିପ୍ସା ମିଶ୍ର ଶ୍ରେଷ୍ଠ ଅଭିନେତ୍ରୀ (ରଙ୍ଗିଲା ବୋହୂ), ଶ୍ରେଷ୍ଠ ଧାରାବାହିକ (ସରଗମ୍) ଭାବରେ ମନୋନୀତ କରାଯାଇଥିଲା।

## ନବାଗତଙ୍କ ଲମ୍ବା ଲାଇନ

ଚଳିତବର୍ଷ କେବଳ ପ୍ରଯୋଜନା କିମ୍ବା ନିର୍ଦ୍ଦେଶନା ନୁହେଁ, ଅଭିନୟ କ୍ଷେତ୍ରରେ ମଧ୍ୟ ନବାଗତଙ୍କ ତାଲିକା ବେଶ୍ ଲମ୍ବା ଥିଲା। ଏ ବର୍ଷ ଓଡ଼ିଆ ସିନେମାରେ ନବାଗତ କଳାକାରଙ୍କ ମଧ୍ୟରେ ଅଛନ୍ତି ଦେବାଶିଷ ପତି-ଚନ୍ଦ୍ରାଣୀ (ତାଣ୍ଡବ), ଅମନ୍ (ଓୟେ ଗିଟାର), ରାଜ ରାଜେଶ (ଚକ୍ଷୁବନ୍ଧନ), ଓମ୍‌କାର-ନମ୍ରତା ସିଂଦେଓ (ମନେ ମନେ ମନ ଖୋଜୁଥିଲା), ରତ୍ନୁପର୍ଣ୍ଣା (ଅର୍ଦ୍ଧ ସତ୍ୟ), ରାଜବୀର ଦେଓ (ଅରୁନ୍ଧତୀ), ସୁସ୍ମିତା ପ୍ରଧାନ (କଟକ ଓ୍ୱେଡ୍‌ସ ସମ୍ବଲପୁର) ଏବଂ ସୁଜୟ ମହାନ୍ତି-ସାହିଲ ମିଶ୍ର (ବିଶ୍ୱାସ)। ଅନ୍ୟପକ୍ଷରେ ପ୍ରଯୋଜକ ଭାବରେ ଏଣ୍ଟ୍ରି କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ସୁଶାନ୍ତ କୁମାର ପଣ୍ଡା (ରୋମିଓ ରଜା), ଅଜୟ କୁମାର ରାଉତ (ସୁପରବୟ), ବଦ୍ରିନାଥ ପଟ୍ଟନାୟକ (ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୂର), ଡା. ବିଶ୍ୱନାଥ ପଟ୍ଟନାୟକ (ଶହୀଦ ରଘୁ ସର୍ଦ୍ଦାର), ଦିଲୀପ ବଳବନ୍ତରାୟ (ଚକ୍ଷୁବନ୍ଧନ), ପ୍ରଭାତୀ ଆଚାର୍ଯ୍ୟ (ମନେ ମନେ ମନ ଖୋଜୁଥିଲା), ସଂପ୍ରିତ୍ କୁମାର ଶତପଥୀ (ଗାଁର ନାଁ ଗାଲୁଆପୁର), ଅଜିତାଭ ମଲ୍ଲିକ (ଅରୁନ୍ଧତୀ), କେ. ତମନ୍ନା (କଟକ ଓ୍ୱେଡ୍‌ସ ସମ୍ବଲପୁର) ଏବଂ ଡ. ବିବେକାନନ୍ଦ ପାଣିଗ୍ରାହୀ (ବିଶ୍ୱାସ)।


ଓମକାର-ନମ୍ରତା

## ପରଲୋକରେ

ଚଳିତ ବର୍ଷ ଓଲିଉଡ୍ ହରାଇଛି କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ। ବିଶିଷ୍ଟ ଗାୟିକା ତପୁ ମିଶ୍ର କରୋନାରେ ଆକ୍ରାନ୍ତ ହୋଇ ଏ ବର୍ଷ ପରଲୋକ ଗମନ କରିଛନ୍ତି। ଲୋକପ୍ରିୟ ହାସ୍ୟାଭିନେତା ରବି ମିଶ୍ର, ପ୍ରଯୋଜକ ଶ୍ରୀନିବାସ ପାଇକରାୟ, ଅଭିନେତା ଅଟଳ ବିହାରୀ ପଣ୍ଡା, ରବି ପଟ୍ଟନାୟକ (ସମ୍ପାଦନା), ଶାନ୍ତି ସ୍ୱରୂପ ମିଶ୍ର (ଅଭିନେତା), ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସ୍‌ଲା, ସ୍ୱର ସଂଯୋଜକ ଅମରେନ୍ଦ୍ର ମହାନ୍ତି ଏବଂ ସଙ୍ଗୀତ ନିର୍ଦ୍ଦେଶକ ଜେ. ଆଦେନୀଙ୍କର ମଧ୍ୟ ଏହି ବର୍ଷ ମୃତ୍ୟୁ ହୋଇଥିଲା।

## ବଢ଼ୁଛି ସାଟେଲାଇଟ୍ ସିନେମାର ସଂଖ୍ୟା

ଗତ କିଛି ବର୍ଷ ଧରି ସାଟେଲାଇଟ୍ ସିନେମାଗୁଡ଼ିକର ସଂଖ୍ୟା ବଢ଼ିବାରେ ଲାଗିଛି। ଚଳିତବର୍ଷ ରିଲିଜ୍ ହୋଇଥିବା ପ୍ରମୁଖ ସାଟେଲାଇଟ୍ ସିନେମା ମଧ୍ୟରେ ରହିଛି, ଶ୍ରୀକ୍ଷେତ୍ର, ରୋଲ୍ ନଂ-୨୭ ସୁଜାତା ସେନାପତି, ଚୁମ୍‌କି ମାଇଁ ଡାର୍ଲିଂ, ଚରିତ୍ର, ଇଏ ବି ଗୋଟେ ଲଭ୍ ଷ୍ଟୋରି, ରାତି ସରି ସରି ଯାଉଛି ଏବଂ ମା'ର ମମତା।

## ବିବାହ ବନ୍ଧନ

ପୂର୍ବରୁ ବେଶ୍ କେତୋଟି ସିନେମାରେ ରିଲ୍ ଯୋଡ଼ି ସାଜି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ସବ୍ୟସାଚୀ-ଅର୍ଚ୍ଚିତା ଏ ବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ହାଇ ପ୍ରୋଫାଇଲ ମ୍ୟାରେଜ ରାଜସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଅଭିନେତ୍ରୀ ଆହାନା, ଗୁନ୍‌ଗୁନ୍, ଗାୟିକା ସୋହିନୀ ମିଶ୍ର ଏବଂ ହାସ୍ୟାଭିନେତା ଗୁଲୁ ମଧ୍ୟ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।


ଅର୍ଚ୍ଚିତା-ସବ୍ୟସାଚୀ


ରଜନୀକାନ୍ତ


କଙ୍ଗନା ରାଣାଓ୍ୱତ


ରାଣୀ ମୁଖାର୍ଜୀ


ଦିଲୀପ କୁମାର


ଶ୍ରବଣ ରାଠୋର


ସିଦ୍ଧାର୍ଥ ଶୁକ୍ଲା


ଅମରେନ୍ଦ୍ର ମହାନ୍ତି


ତପୁ ମିଶ୍ର


ସବ୍ୟସାଚୀ ମହାପାତ୍ର


ନୀଳମାଧବ ପଣ୍ଡା


ତମନ୍ନା


ଜ୍ୟୋତି ନାୟକ


ରାଜବୀର ଦେଓ


ସମ୍ବିତ ଆଚାର୍ଯ୍ୟ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୮,୩୪,୯୦,୫୩୮ | ୫୪,୩୪,୪୭୧ | ୨୫,୨୧,୦୧,୮୦୧ |
| ଭାରତ | ୩,୪୮,୦୮,୮୮୬ | ୪,୮୦,୫୯୧ | ୩,୪୨,୫୧,୨୨୨ |
| ଓଡ଼ିଶା | ୧୦,୫୪,୩୮୧ | ୮୪୫୭(+୫୩) | ୧୦,୪୪,୪୪୩ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଶିଳ୍ପ ସମୃଦ୍ଧ ଜିଲାରେ ବେକାରଙ୍କ ସଂଖ୍ୟା ବଢୁଛି

**ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ୍.ଏ.),୨୯।୧୨**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଯାଜପୁର ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ବ୍ୟାସନଗର ସ୍ୱୟଂଶାସିତ କଲେଜ ପରିସରରେ ଏକ କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ତେବେ ଏଠାରୁ କଳିଙ୍ଗନଗର ଶିଳ୍ପାଞ୍ଚଳର ଦୂରତା ମାତ୍ର ୫ କିମି ହୋଇଥିଲେ ହେଁ କୌଣସି ଶିଳ୍ପ କାରଖାନା କର୍ତ୍ତୃପକ୍ଷ ଭାଗ ନେଇନାହାନ୍ତି। ଏହାକୁ ନେଇ ଆଶାୟୀଙ୍କ ମଧ୍ୟରେ ନାନା ଚର୍ଚ୍ଚା ଜୋର ଧରିଛି।

ଶିଳ୍ପ ଓ ଖଣି ଖାଦାନରେ ଭରପୂର ଯାଜପୁର ଜିଲାରେ ଦିନକୁ ଦିନ ବେକାରି ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ପ୍ରାୟ ୬୦ ପ୍ରତିଶତ ନିୟମିତ ନିଯୁକ୍ତି ଓ ଠିକା ଶ୍ରମିକ ରାଜ୍ୟ ବାହାର ଲୋକଙ୍କୁ ମିଳୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଜିଲା କର୍ମ ନିୟୋଜନ ସଂସ୍ଥାରେ ଯେତିକି ସଂଖ୍ୟାରେ ବେକାର ଶିକ୍ଷିତ ଯୁବତୀଯୁବକ ନାମ ପଞ୍ଜୀକରଣ କରୁଛନ୍ତି, ସେମାନଙ୍କୁ ଚାକିରି ମିଳୁନାହିଁ। ଚାକିରି ଅପେକ୍ଷାରେ ଅନେକଙ୍କ ବୟସ ଅତିକ୍ରାନ୍ତ ହୋଇ ଯାଉଥିବାରୁ ସେମାନଙ୍କ ମଧ୍ୟରେ ନୈରାଶ୍ୟଭାବ ପ୍ରକାଶ ପାଉଛି। ଶିଳ୍ପ ଓ ଖଣିଦ୍ୱାରା ଜିଲାର ବେକାରି ସମସ୍ୟା ଦୂରୀକରଣ ହୋଇପାରିବ ବୋଲି ସରକାର କହୁଥିବାବେଳେ ବାସ୍ତବତାଠାରୁ ଏହା ବହୁ ଦୂରରେ ରହିଯାଉଛି। ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟ ସୂତ୍ର ଅନୁଯାୟୀ ଏଯାଏ ପ୍ରାୟ ୨୫ ହଜାର ବେକାର ଶିକ୍ଷିତ ଯୁବତୀଯୁବକ ପଞ୍ଜୀକରଣ କରିଛନ୍ତି। ହେଲେ ଦୁର୍ଭାଗ୍ୟ ଯେ, ଜିଲା କର୍ମ ନିୟୋଜନ ସଂସ୍ଥା ଜରିଆରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ନିଯୁକ୍ତି ସଂଖ୍ୟା ୧୦୦ ବି ଅତିକ୍ରମ କରି ପାରିନାହିଁ। ସ୍ଥାନୀୟ ନିଯୁକ୍ତି ସଂଖ୍ୟାକୁ ଅବଲୋକନ କଲେ ଜିଲାର ଜନପ୍ରତିନିଧିମାନଙ୍କ ପ୍ରସଙ୍ଗ କ୍ରମେ ଅପ୍ରସଙ୍ଗ ବୋଲି ମନେହେଉଛି। ଜନ ପ୍ରତିନିଧିଙ୍କ ଉପରେ ଜନତାଙ୍କ ଆଶା ଓ ଭରସା କ୍ରମଶଃ ମଉଳି ଯାଇଛି। ସାଧାରଣ ଲୋକଙ୍କ ଜନଜୀବନ ସହ ଜଡିତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସବୁ ନେତାଏ ଏଡାଇ ଯାଇ ନିଜର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଜାବୁଡ଼ି ଧରିବାର ଦେଖାଯାଉଛି। ଜିଲାରେ ଗୋଟିଏ ପରେ ଗୋଟିଏ ଶିଳ୍ପ କାରଖାନା ଗଢ଼ି ଉଠିବାରେ ଲାଗିଛି। ଏସବୁ ଶିଳ୍ପ ସଂସ୍ଥା କିନ୍ତୁ ସ୍ଥାନୀୟ ନିଯୁକ୍ତିକୁ ଜାଣିଶୁଣି ଉପେକ୍ଷା କରି ଚାଲିଛନ୍ତି। ସ୍ଥାନୀୟ ଲୋକେ ନିଯୁକ୍ତି ପାଇଲେ ଯେଉଁ ମାତ୍ରାରେ ଲାଭଖୋର କମ୍ପାନୀ ମାଲିକମାନେ ଶ୍ରମିକ ଶୋଷଣ କରି ଚାଲିଛନ୍ତି ତାହା ସଂଗଠିତ ହୋଇ ବିରୋଧ ହେବ। ଏହି ଚିନ୍ତା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଘାରୁଛି। ଅନ୍ୟପକ୍ଷେ ଯେଉଁ କେତେଜଣ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ଅସ୍ଥାୟୀ ଓ ଠିକା ନିଯୁକ୍ତି, ଦିନ ମଜୁରିଆ କହିଲେ ଅତ୍ୟୁକ୍ତି ନୁହେଁ। ସ୍ଥାୟୀ ନିଯୁକ୍ତି ପାଇଁ ଜିଲା କର୍ମ ନିୟୋଜନ ସଂସ୍ଥା ମାଧ୍ୟମରେ କମ୍ପଲସରି ନୋଟିଫିକେଶନ ଅଫ୍ ଭାକାନ୍ସି ଆକ୍ଟ ୧୯୫୯ ଅନୁଯାୟୀ ଖାଲି ପଦବୀରେ ନିଯୁକ୍ତି ବ୍ୟବସ୍ଥାକୁ ଉଦ୍ଦେଶ୍ୟମୂଳକ ଭାବେ ଶିଳ୍ପ ସଂସ୍ଥାଗୁଡିକ ଉଲ୍ଲଂଘନ କରି ଚାଲିଛନ୍ତି। ଏଥିରୁ ସ୍ପଷ୍ଟ ଯେ, କେବଳ ନିଯୁକ୍ତି ମେଳା ନୁହେଁ ଆଇନକାନୁନ ଓ ନୀତି, ନିୟମ ପ୍ରତି ମଧ୍ୟ ଶିଳ୍ପସଂସ୍ଥାଙ୍କ ବେଖାତିର ମନୋଭାବ ରହି ଆସିଛି। ଅନ୍ୟପକ୍ଷେ, ଗତ ୨୦୧୬-୧୭ ଆର୍ଥିକ ବର୍ଷରୁ ଜିଲାରେ ନୂତନ ଭାବେ ପ୍ରତିଷ୍ଠିତ ସିମେଣ୍ଟ କାରଖାନାଗୁଡ଼ିକରେ ଠିକା ଶ୍ରମିକ ଭାବେ ଜିଲାର ପ୍ରାୟ ୧୫୦୦ ଲୋକଙ୍କୁ ନିଯୁକ୍ତି ମିଳିଛି। ଏଭଳି ପ୍ରସଙ୍ଗ ଜିଲାରେ ସର୍ବୋଚ୍ଚସ୍ତରରେ ପ୍ରତିନିଧିତ୍ୱ କରୁଥିବା ଜନ ପ୍ରତିନିଧିଙ୍କ ଦୃଷ୍ଟିକୁ ଆସୁନାହିଁ। ତଥାପି ଲୋକଙ୍କ ଦରଦୀ ହେବାର ଅଭିନୟ କରି ଶସ୍ତା ରାଜନୀତିରେ ବ୍ୟସ୍ତ ନେତାଏ ବାସ୍ତବତାକୁ ଅବାସ୍ତବ ଏବଂ ଅବାସ୍ତବକୁ ବାସ୍ତବ କରିବାରେ ମାତିଛନ୍ତି ବୋଲି ମତପ୍ରକାଶ ପାଇଛି। ବେକାରି ସମସ୍ୟା ଯୋଗୁ ଦିନ ଦ୍ୱିପ୍ରହରରେ ଲୁଟ୍, ରାହାଜାନି, ଡକାୟତି ଆଦି ଘଟଣା ନିୟମିତ ବ୍ୟବଧାନରେ ଘଟି ଚାଲିଛି।

ଏହି ନିଯୁକ୍ତି ମେଳାରେ ଭାଗ ନେଇଥିବା ଆଶାୟୀ ପ୍ରକାଶ କୁମାର ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାମଲ ଓ ଜୟଶ୍ରୀ ମିଶ୍ର କହିଛନ୍ତି, କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଖଣି ଅଞ୍ଚଳର ନିଯୁକ୍ତିଦାତାମାନେ ଏଠାରେ ଭାଗ ନେବେ ବୋଲି ଆଶା କରିଥିଲୁ। କିନ୍ତୁ ଭାଗ ନେଇଥିବା ନିଯୁକ୍ତିଦାତାମାନେ ତାଲିମ ନେବା ପରେ ଚାକିରି ମିଳିବ ବୋଲି କହିଛନ୍ତି। ବଡ଼ ଶିଳ୍ପ କମ୍ପାନୀମାନେ ଏହି ନିଯୁକ୍ତି ମେଳାକୁ ଉପେକ୍ଷା କରିଛନ୍ତି। କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମେଳାକୁ ଉଦ୍‌ଘାଟନ କରି ଏଠି ଦକ୍ଷତା ପ୍ରତିପାଦନ ପାଇଁ ଭରପୂର ସୁଯୋଗ ରହିଛି ଏବଂ ଅନେକ ଉଚ୍ଚଶିକ୍ଷିତ, ଡିଗ୍ରୀ, ଡିପ୍ଲୋମାଧାରୀ ଭରି ରହିଛନ୍ତି। ସେ ଦିଗରେ ସମସ୍ତ ନିଯୁକ୍ତିଦାତା ଓ ତାଲିମ ସହଯୋଗୀମାନେ ଯତ୍ନବାନ୍ ହେବାକୁ ସେ ପରାମର୍ଶ ଦେଇଥିଲେ। ମେଳାରେ ୮ ଟି ନିଯୁକ୍ତିଦାତାଙ୍କ ସହିତ ୬ ଜଣ ତାଲିମ ସହଯୋଗୀ ସାମିଲ ହୋଇଥିଲେ। ମୋଟ ୭୮୦ ପ୍ରାର୍ଥୀ ନିଯୁକ୍ତି ମେଳାରେ ଯୋଗ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦୫ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଭିନ୍ନ ବେସରକାରୀ ସଂସ୍ଥା ମାଧ୍ୟମରେ ନାମାଙ୍କନ ପାଇଁ ମନୋନୟନ କରାଯାଇଛି। ଅନ୍ୟପକ୍ଷେ ଏକାଧିକ ଷ୍ଟଲ ଖାଲି ପଡିଥିବା ଦେଖିବାକୁ ମିଳିଥିଲା।


ଖାଲିପଡ଼ିଥିବା ଷ୍ଟଲ।

■ ଦ୍ୱିତୀୟ ଦିନ ନିଯୁକ୍ତି ମେଳାକୁ ଆସିଲେ ନାହିଁ କୌଣସି କମ୍ପାନୀ
■ ଖାଲି ପଡ଼ିଲା ଅଧିକାଂଶ ଷ୍ଟଲ

## ବାଲେଶ୍ୱରରେ ସାଇବର ଠକେଇ


ସହଦେବଖୁଣ୍ଟା ଥାନା ସମ୍ମୁଖରେ ଲୁଟ୍‌ର ଶିକାର ହୋଇଥିବା ଦମ୍ପତି।

### ମହିଳାଙ୍କ ଆକାଉଣ୍ଟରୁ ୧୨ଲକ୍ଷ ୪୫ ହଜାର ଗାଏବ

**ବାଲେଶ୍ୱର ଅଫିସ, ୨୯।୧୨**

ବାଲେଶ୍ୱର ଜିଲାରେ ଏକ ବଡ଼ଧରଣର ସାଇବର ଠକେଇ ହୋଇଛି। ଜଣେ ମହିଳାଙ୍କ ଇଣ୍ଡସ୍ଇଣ୍ଡ ବ୍ୟାଙ୍କ, ବାଲେଶ୍ୱର ବ୍ରାଞ୍ଚରେ ଥିବା ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) ୧୦ଲକ୍ଷ ଏବଂ ସେଭିଂ ଆକାଉଣ୍ଟରୁ ୨ଲକ୍ଷ ୪୫ହଜାର ଟଙ୍କା ଗାଏବ ହୋଇଯାଇଛି। ଏ ସମ୍ପର୍କରେ ମହିଳା ଜଣକ ଜାଣିବା ପରେ ବୁଧବାର ଅନ୍‌ଲାଇନରେ କଟକସ୍ଥିତ ନ୍ୟାଶନାଲ ସାଇବର କ୍ରାଇମ୍ ଥାନାରେ ଅଭିଯୋଗ କରିଛନ୍ତି। ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନାରେ ମଧ୍ୟ ଏକ ଲିଖିତ ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ମହିଳା ଜଣକ ହେଲେ ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ ବାଲିଗୋହିରୀ ଗ୍ରାମର ଜ୍ୟୋତ୍ସ୍ନାରାଣୀ ପାତ୍ର।

ଜ୍ୟୋତ୍ସ୍ନାରାଣୀ ୨୦୨୦ ସେପ୍ଟେମ୍ବର ୨୩ରେ ୫ଲକ୍ଷ ଲେଖାଏ ଦୁଇଟି ଏଫ୍‌ଡି ଫକୀରମୋହନ ଗୋଲେଇସ୍ଥିତ ଇଣ୍ଡସ୍ଇଣ୍ଡ ବ୍ୟାଙ୍କରେ ରଖିଥିଲେ। ୨୦୨୩ ଅଗଷ୍ଟ ୨୩ରେ ଏହା ମାଚ୍ୟୁରିଟି ହେବାକୁ ଥିବା ବେଳେ ଗତ ମଙ୍ଗଳବାର ତାଙ୍କ ଆକାଉଣ୍ଟରୁ ସାଇବର ଠକଙ୍କ ଦ୍ୱାରା ଏଫ୍‌ଡିରୁ ୧୬ଥରରେ ୧୦ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ବୁଧବାର ପୂର୍ବାହ୍ନ ୧୧ଟାରେ ଜ୍ୟୋତ୍ସ୍ନାରାଣୀଙ୍କ ସ୍ୱାମୀ ସମୀର ରାଉତ ବ୍ୟାଙ୍କରେ ଟଙ୍କା ଡିପୋଜିଟ୍ କରିବା ପାଇଁ ପହଞ୍ଚିବା ପରେ ତାଙ୍କ ଏଫ୍‌ଡିରେ ଥିବା ଟଙ୍କାକୁ ସାଇବର ଠକ ଲୁଟି ନେଇଥିବା ଜାଣିବାକୁ ପାଇଥିଲେ। ସେ ସଙ୍ଗେ ସଙ୍ଗେ ତାଙ୍କର ସେଭିଂ ଆକାଉଣ୍ଟକୁ ଲକ୍ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ମାତ୍ର ବ୍ୟାଙ୍କ କର୍ମଚାରୀ ତାଙ୍କ ଆବେଦନକୁ ଭ୍ରୂକ୍ଷେପ ନ କରି ସାଇବର ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ କହିଥିଲେ। ଜ୍ୟୋତ୍ସ୍ନାରାଣୀ ଜିଲା ଏସ୍‌ପିଙ୍କ ଅଫିସ୍‌ରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ପରାମର୍ଶ ଅନୁସାରେ ବ୍ୟାଙ୍କକୁ ଯାଇ ଆକାଉଣ୍ଟର ଡିଟେଲ୍‌ସ ଆଣିବା ପାଇଁ ବ୍ୟାଙ୍କକୁ ଆସିଥିଲେ। ସେଭିଙ୍ଗ୍ ଆକାଉଣ୍ଟରେ ଥିବା ୨ଲକ୍ଷ ୪୫ହଜାର ଟଙ୍କାକୁ ମଧ୍ୟ ସାଇବର ଠକ ଅଳ୍ପ ସମୟ ପୂର୍ବରୁ ୩ ଥରରେ ଲୁଟି ନେଇଥିବା ଜଣାପଡ଼ିଥିଲା। ବ୍ୟାଙ୍କ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ତାଙ୍କର ଟଙ୍କା ଲୁଟ୍ ହୋଇଥିବା ସମୀର ଅଭିଯୋଗ କରିଛନ୍ତି। ନିଜର ଜମି ବିକ୍ରି କରି ଏଫ୍‌ଡି କରିଥିବା ଟଙ୍କା ହରାଇ ଉଭୟ ଦମ୍ପତି ଏକପ୍ରକାର ମାନସିକ ଦୁଶ୍ଚିନ୍ତାରେ ରହିଛନ୍ତି। ଟଙ୍କା ଫେରି ନ ପାଇଲେ ବ୍ୟାଙ୍କ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ବାଲେଶ୍ୱର ଇଣ୍ଡସ୍ଇଣ୍ଡ ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର ଇନ୍ଦ୍ରନୀଲ୍ ଦତ୍ତ କହିଛନ୍ତି, ସାଇବର କ୍ରାଇମ୍ ତଦନ୍ତ ପାଇଁ ବ୍ୟାଙ୍କକୁ ନିର୍ଦ୍ଦେଶ ଆସିଛି। ସମସ୍ତ ପ୍ରକାର ସହଯୋଗ କରୁଛୁ। ତଦନ୍ତ ପରେ ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।

## ଟ୍ରକ୍ ଓଲଟି ୧୫ଶହ ବତକ ମୃତ

**ନବରଙ୍ଗପୁର,୨୯।୧୨(ବି.ପ୍ର.):** ନବରଙ୍ଗପୁରର ୨୬ ନମ୍ବର ଜାତୀୟ ରାଜପଥ (ବଡ଼ ଡାଇଭଟା) ରାସ୍ତାକଡ଼ରେ ଏକ ବତକ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ୧୫ଶହ ବତକଙ୍କ ମୃତ୍ୟୁ ହୋଇଛି। ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର ସୁରକ୍ଷିତ ଥିବା ଜଣାପଡିଛି। ଏକ ବତକ ବୋଝେଇ ଟ୍ରକ୍ (ଏପି-୧୬ ଟିଭି-୧୫୪୩) ବିଶାଖାପାଟଣାରୁ କଳାହାଣ୍ଡି ଅଭିମୁଖେ ଯାଉଥିଲା। ଏହି ସମୟରେ ଟ୍ରକ୍‌ର ବ୍ରେକ୍ ଫେଲ୍ ହୋଇଯିବାରୁ ତାହା ବଡ଼ ଡାଇଭଟା ରାସ୍ତାକଡ଼ରେ ଓଲଟି ପଡିଥିଲା।

## ମହିଳାଙ୍କ ଆତ୍ମାହୁତି ଉଦ୍ୟମ, ୧୪୪ ଜାରି

**ହାଡୁଭାଙ୍ଗିରେ ଜବରଦଖଲ ଉଚ୍ଛେଦକୁ ବିରୋଧ**

**କାଶୀନଗର,୨୯।୧୨(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ବ୍ଲକ ହାଡୁଭାଙ୍ଗି ଗ୍ରାମରେ ଜବରଦଖଲ ଉଚ୍ଛେଦ ପ୍ରତିବାଦରେ ବୁଧବାର ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୋଲିସ ସମ୍ପୃକ୍ତ ମହିଳାଙ୍କୁ କାବୁ କରିବା ସହ ତାଙ୍କର ଅନ୍ୟ ସହଯୋଗୀଙ୍କୁ ଉଠାଇ ନେଇଛି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି।

ହାଡୁଭାଙ୍ଗି ଗ୍ରାମରେ ଜବରଦଖଲ ଉଚ୍ଛେଦ ଚାଲିଛି। ଗ୍ରାମର ଦୋକାନ ଓ ବାସଗୃହ ମିଶି ମୋଟ ୫୬ଘର ଭାଙ୍ଗିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ବୁଧବାର ମାଜିଷ୍ଟ୍ରେଟ, ପ୍ରଶାସନ ଓ ପୋଲିସ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବେଳେ ହଠାତ୍ କେ.ରେଣୁକା ନାମ୍ନୀ ମହିଳା ଦେହରେ କିରୋସିନ ଢାଳି ନିଆଁ ଲଗାଇବାକୁ ଚେଷ୍ଟା କରିଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ପୋଲିସ ତାଙ୍କୁ ଉଦ୍ଧାର କରିଛି। ରେଣୁକାଙ୍କ ଅଭିଯୋଗ ଯେ ପ୍ରଶାସନ ଓ ପୋଲିସ ପାନ୍ତରଅନ୍ତର କରି ପ୍ରଥମେ ଗରିବଙ୍କ ଘର ଭାଙ୍ଗି ଦେଇଛି। ତାଙ୍କ ଦୋକାନ ଭଙ୍ଗାଯାଇଥିବାରୁ ରୋଜଗାର ସକାଶେ ଅନ୍ୟ କୌଣସି ପନ୍ଥା ନାହିଁ। ତେଣୁ ସେ ଏପରି କରିଥିବା କହିଛନ୍ତି। ଅନ୍ୟପକ୍ଷରେ ସକାଳ ୮ଟାରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସକାଳୁ ୪ ଦୋକାନ ଗୃହ ଉଚ୍ଛେଦ କରିଦେଇ ଅନ୍ୟ ଘର ଉଚ୍ଛେଦ ନ କରି ଏବେ ପର୍ଯ୍ୟନ୍ତ ପ୍ରଶାସନ କାହା ନିର୍ଦ୍ଦେଶକୁ ଅପେକ୍ଷା କରିଛି ବୋଲି ପ୍ରଶ୍ନ କରିଛନ୍ତି ରେଣୁକା। ତେବେ ଉଚ୍ଛେଦ ପ୍ରକ୍ରିୟାକୁ ପ୍ରଶାସନ ମାସେ ପାଇଁ ସ୍ଥଗିତ ରଖିଥିବା ଜଣାପଡ଼ିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


କୁନି
ପରିବାରବର୍ଗ


ଶୁଭଶ୍ରୀ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଇଏଏସ୍ ରୂପାରୋଶନ ସାହୁଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ): ୨୦୦୬ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ସିଏମ୍‌ଓରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ରୂପାରୋଶନ ସାହୁଙ୍କୁ ପଦୋନ୍ନତି ମିଳିଛି। ତାଙ୍କୁ ଆଇଏଏସ୍ ଲେଭଲ୍-୧୪ର ସୁପର ଟାଇମ ସ୍କେଲକୁ ପଦୋନ୍ନତି ମିଳିଛି। ସେହିପରି ସମାନ ବ୍ୟାଚ୍‌ର ଆଇଏଏସ ଅଧିକାରୀ ପ୍ରେମାନନ୍ଦ ଖୁଣ୍ଟିଆଙ୍କୁ ମଧ୍ୟ ଲେଭଲ୍-୧୪ର ସୁପର ଟାଇମ୍ ସ୍କେଲ୍‌କୁ ପଦୋନ୍ନତି ମିଳିଛି। ଖୁଣ୍ଟିଆ ବର୍ତ୍ତମାନ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି।

## ଆଜିର ମନ୍ତବ୍ୟ

ମହିଳାମାନେ ସେମାନଙ୍କ ଅଧିକାର ବିଷୟରେ ଅବଗତ ହୋଇ ଏକଜୁଟ ହେଲେ ପାର୍ଲାମେଣ୍ଟରେ ବଡ଼ ସଂଖ୍ୟାରେ ସେମାନଙ୍କ ଉପସ୍ଥିତି ବେଶୀ ଦୂର ନୁହେଁ।
**-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ**


# classifieds Everyday
0674-2580101, 2549302




### SALE

CRPରୁ ୧୪କି.ମି. କାଟେଣୀରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- ସୁନ୍ଦରପଦାରେ 9,60,000/- (18 plot available). 9938016295.
D-71760

**Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009.** D-71750

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008.
D-22629

**ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area-2285 (Bank finance available) booking open- 9337088399.**
D-71761

**Duplex house (11years old) for sale Jagamara, Bhubaneswar, Built-up area 2500sqft., land area 2100sqft., Price 1.30 crores, only serious buyers are requested to contact: 8328812205.**
D-71759

ଧଉଳି ଛକ ପାଖରେ ଘରବାରି boundary 40ft. ପିଚୁରୋଡ୍ ଥାଇ plot ବିକ୍ରିହେବ। 7008833643.
D-71762

**Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ Bio-Tech Park (Vaccine Plant) ନିକଟରେ gharabari plot boundary, electricity ଥାଇ କିଣନ୍ତୁ, immediate ଘର କରନ୍ତୁ 9437005434.** D-71754

**Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.**
D-71749




**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757




**House on rent purpose for Office, Clinic, Educational institute, Godam, Shops available at Cooperative Colony, Berhampur. Mobile No.- 9348121441, 9439288171.** D-22666




Newly open full body massage ladies and gents. 8327740003, 8455985899. D-71838

May Millan massage center all types body massage with hiprofile smart lady rooms service available. 9778087140
D-71331

Ayurvedic full body massage, refresh your mind relaxed by expert lady therapist. Contact: 8480939300. D-22667




ଘରେବସି ସ୍ୱଳ୍ପ ବିନିଯୋଗରେ ମାସକୁ ୩୦,୦୦୦/-ରୁ ୬୦,୦୦୦/- ରୋଜଗାର କରନ୍ତୁ। 9776020766, 9439008685. D-71460

ଘରେବସି Part Time କାମକରି ପ୍ରତି levelରେ 1250/-ରୁ 2,000/- ରୋଜଗାର କରନ୍ତୁ। 8763722330.
D-22672

### Civil Engg.ରେ ପିଏଚ୍.ଡି. ଲାଭ



**ଡ. ସନ୍ଦିପ ସାମନ୍ତରାୟ,** National Institute of Technology, Silcharରୁ Civil Engineeringରେ ପିଏଚ୍.ଡି. ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରାଧ୍ୟାପକ ଡ. ଦିଲିପ କୁମାର ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ରଚିତ ସନ୍ଦର୍ଭଟି "Prediction of runoff and Sediment Load in Watersheds using Hybrid Neural Networks" Prof. A.K. Keshari, IIT Delhi and Proof. K.K. Kahatua, NIT, Rourkelaଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି । ଡ. ସନ୍ଦିପ VSSUT, Burlaରୁ M.Tech. କରିବା ପରେ, ପ୍ରଥମେ VSSUT, Burla, Sambalpur, ଠାରେ Odisha University of Technology Research (OUTR)ରେ Assistant Proof. (On contract) ହିସାବରେ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ଡ. ସନ୍ଦିପ ୨୫ଟା International Jurnal ପ୍ରକାଶିତ କରିବା ସହ ୪୦ରୁ ଊର୍ଦ୍ଧ୍ୱ International Conferenceରେ ଯୋଗଦାନ କରିବା ସହିତ Article Publish କରିଛନ୍ତି । ଏହାସହିତ "Watershed Management and Application of AI" ନାମକ ବହି Taylor & Fransics Group, CRC Press, UK Publicationରେ ପ୍ରକାଶିତ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ସନ୍ଦିପ ଜଗତ୍‌ସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକରେ ଗୋପିଆକୁଦ ଗ୍ରାମପଞ୍ଚାୟତର ଶ୍ରୀମତୀ ଲକ୍ଷ୍ମୀ ସାମନ୍ତରାୟ ଓ ଶ୍ରୀମାନ ଭାବଗ୍ରାହୀ ସାମନ୍ତରାୟଙ୍କ ପୁତ୍ର । ଏହି ସଫଳତା ପାଇଁ ସେ ତାଙ୍କର ଗାଇଡ୍, ନିଜ ପରିବାରର ସମସ୍ତ ସଦସ୍ୟ, ଗୁରୁଜନ, ସାଙ୍ଗସାଥୀ ଓ ଭଗବାନଙ୍କ ଆଶୀର୍ବାଦ ପାଇଁ କୃତଜ୍ଞତା ଜଣାଇଛନ୍ତି।
D-22692

### AFFIDAVIT



By virtue of an affidavit before Executive Magistrate, Koraput, I Sri Simalu Hantal, son of late Apana Hantal has changed my surname from Rasaboi to Hantal. Hence I will be known as Simalu Hantal for all purpose. D-22695



By virtue of an affidavit before Executive Magistrate, Koraput, I Smt. Suji Hantal, wife of Palu Hantal has changed my surname from Rasaboi to Hantal. Hence I will be known as Suji Hantal for all purpose. D-22696



By virtue of an affidavit before Executive Magistrate, Koraput, I Palu Hantal, son of late Reli Hantal has changed my surname from Rasaboi to Hantal. Hence I will be known as Palu Hantal for all purpose. D-22697



By virtue of an affidavit before Executive Magistrate, Koraput, I Chinami Hantal, wife of late Apana Hantal has changed my surname from Rasaboi to Hantal. Hence I will be known as Chinami Hantal for all purpose. D-22698



By virtue of an affidavit before Executive Magistrate, Koraput, I Chinami Hantal, wife of late Reli Hantal has changed my surname from Rasaboi to Hantal. Hence I will be known as Smt. Chinami Hantal for all purpose. D-22699

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ ପଖାଳ ଦହିକି**
**ଚିଙ୍ଗୁଡ଼ି ଶୁଖୁଆ ପୋଇକି**
**ଯାହାର ମନ ଯହିଁକି**
**ବସି ରହିଥାଏ ତହିଁକି।**

ସାଧାରଣତଃ ପଖାଳ ଭାତ ସହ ଦହି ଓ ପୋଇ ସହିତ ଚିଙ୍ଗୁଡ଼ି ଶୁଖୁଆ ପାଟିକୁ ସୁଆଦିଆ ଲାଗିଥାଏ। ସେହିପରି ଯାହାର ମନ ଯାହାଠାରେ ଥାଏ, ସେ ତାକୁ ହିଁ ସର୍ବଦା ଝୁରି ହେଉଥାଏ। ଖାଦ୍ୟ ସହ ରୁଚିର ସମ୍ପର୍କ ତଥା ମନ ସହ ଭାବନାର ସମ୍ପର୍କ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସାତ ସତର**
**କେତେତୁ ଦେଖାଉ ପାନ ପତର।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ବ୍ୟକ୍ତି ତୁଚ୍ଛାକୁ ବାହ୍ୟ ଆଡମ୍ବର ଦେଖେଇ ହୁଅନ୍ତି। ଆବଶ୍ୟକତାଠୁଁ ଅଧିକ ନିଜକୁ ଉଚ୍ଚ କରି ଦେଖାଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ମହାପ୍ରଭୁଙ୍କୁ ୫ଲକ୍ଷ ଟଙ୍କା, ୭ କେଜି ରୁପା ଦାନ



**ପୁରୀ ଅଫିସ, ୨୯।୧୨**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳର ସୁବ୍ରତ ରଥ ବୁଧବାର ୫ଲକ୍ଷ ଟଙ୍କା ସମେତ ମୋଟ ୭କେଜି ୬୬୨ମିଲିଗ୍ରାମର ୩ଟି ରୁପାଗରା, ୩ଟି ରୁପା ଥାଳି, ୬ଟି ପଞ୍ଝୁ ଓ ପାତ୍ରୀ ଏବଂ ୩ଟି ହାତଘଣ୍ଟି ଦାନ କରିଛନ୍ତି। ସୁବ୍ରତ ପୁରୀ ଆସି ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଭେଟି ଏହି ସାମଗ୍ରୀଗୁଡ଼ିକ ଦାନ କରିଥିଲେ। ଏହି ଅବସରରେ ସୁବ୍ରତଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ମୁଖ୍ୟମନ୍ତ୍ରୀଙ୍କୁ ମିଳିଲାନି ...

ତୋହାନାରୁ ବିଧାନସଭାରେ ପ୍ରଥମ ଥର ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଗତ ଜୁନ୍‌ରେ ବବଲି ନିଜ ନିର୍ବାଚନମଣ୍ଡଳୀକୁ ଯାଇଥିବାବେଳେ ଆନ୍ଦୋଳନରତ କୃଷକଙ୍କ ଘୋର ବିରୋଧର ସମ୍ମୁଖୀନ ହୋଇଥିଲେ। କୃଷକଙ୍କ ଆକ୍ରମଣରେ ତାଙ୍କ ଗାଡ଼ିର କାଚ ଭାଙ୍ଗିଯିବା ସହ ଡ୍ରାଇଭର ଆହତ ହୋଇଥିଲେ। ଦେବେନ୍ଦର ଜଣେ ପ୍ରମୁଖ ଜାଟ୍ ଚେହେରା। ୨୦୧୯ ନିର୍ବାଚନରେ ସେ ଭାଜପାର ତତ୍କାଳୀନ ରାଜ୍ୟ ସଭାପତି ସୁଭାଷ ବରାଲଙ୍କୁ ବିପୁଳ ଭୋଟ ବ୍ୟବଧାନରେ ହରାଇଥିଲେ।

ହରିୟାଣାରେ ଏହା ହେଉଛି ୨ ବର୍ଷ ମଧ୍ୟରେ ଦ୍ୱିତୀୟ ସମ୍ପ୍ରସାରଣ। ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ପାଇଁ ୨୦୧୯ ଅକ୍ଟୋବରରେ ନିର୍ବାଚନ ହୋଇଥିଲା। ଭାଜପା ଏବଂ ଜେଜେପି ପରସ୍ପର ବିରୋଧରେ ଲଢ଼ିଥିଲେ। ଭାଜପା ୪୦ ଆସନ ଜିତିଥିଲା। ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଶେଷରେ ୧୦ ବିଧାୟକ ଥିବା ଜେଜେପି ସହ ମେଣ୍ଟ କରିବାକୁ ବାଧ୍ୟ ହୋଇଥିଲା। ଅକ୍ଟୋବର ୨୭ରେ ମନୋହର ଲାଲ ଖଟ୍ଟର ଏବଂ ଜେଜେପି ଅଧ୍ୟକ୍ଷ ଦୁଷ୍ୟନ୍ତ ଚୌଟାଲା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ନଭେମ୍ବରରେ ଉଭୟ ଦଳର ୧୦ ବିଧାୟକଙ୍କୁ ମନ୍ତ୍ରୀ କରାଯାଇଥିଲା। ସଦ୍ୟ ବିସ୍ତାର ସହ ଖଟ୍ଟରଙ୍କୁ ମିଶାଇ କ୍ୟାବିନେଟରେ ମନ୍ତ୍ରୀଙ୍କ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ତେବେ ୨ ନୂଆ ମନ୍ତ୍ରୀଙ୍କୁ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ କୌଣସି ବିଭାଗ ନ ଥିବାରୁ ସେ ଅନିଲ ଭିଜ୍‌ଙ୍କୁ ଗୃହ ବିଭାଗ ମାଗିଥିଲେ। ଭିଜ୍ ଗୃହ ବିଭାଗ ଛାଡ଼ିବାକୁ ମନା କରିଦେଲେ। ସେ ସହରାଞ୍ଚଳ ପୌର ସଂସ୍ଥା ବିଭାଗ ଛାଡ଼ିଛନ୍ତି। ଖଟ୍ଟର ମଧ୍ୟ ସମସ୍ତଙ୍କ ପାଇଁ ଗୃହ ନିର୍ମାଣ ବିଭାଗ ଛାଡ଼ିଛନ୍ତି। ଏହି ଦୁଇ ବିଭାଗ କମଲ ଗୁପ୍ତାଙ୍କୁ ଦିଆଯାଇଛି। ସେହିପରି ଉପମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ଚୌଟାଲା ଉନ୍ନୟନ ଓ ପଞ୍ଚାୟତ ବିଭାଗ ଛାଡ଼ିଛନ୍ତି। ତାଙ୍କ ଦଳରୁ ମନ୍ତ୍ରୀ ହୋଇଥିବା ଅନୁପ ଧନକ ପ୍ରତ୍ନତତ୍ତ୍ୱ ଓ ସଂଗ୍ରହାଳୟ ବିଭାଗ ଛାଡ଼ିଛନ୍ତି। ଏହି ଦୁଇ ବିଭାଗ ଦେବେନ୍ଦର ସିଂ ବବଲିଙ୍କୁ ଦିଆଯାଇଛି।

### ସ୍କୁଲ ଖୋଲିବା ...

ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଥିଲା। ସ୍କୁଲ ଖୋଲିଲେ ମଧ୍ୟ ଅନ୍‌ଲାଇନ୍ କ୍ଲାସ୍ ଚାଲୁ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯେଉଁ ପିଲାମାନେ ଚାହିଁବେ ସେମାନେ ଅନ୍‌ଲାଇନ୍ କ୍ଲାସ କରିପାରିବେ। ଏହା ସହିତ ଅଭିଭାବକଙ୍କ ସମ୍ମତି ଆଣି ପିଲାମାନେ ସ୍କୁଲ ଆସିପାରିବେ ବୋଲି ଗାଇଡ୍‌ଲାଇନରେ ଉଲ୍ଲେଖ ରହିଥିଲା।

ସେପଟେ ସ୍କୁଲ ଖୋଲିବା ନିଷ୍ପତ୍ତିକୁ ଓଡ଼ିଶା ଅଭିଭାବକ ମହାସଂଘ ଦୃଢ଼ ବିରୋଧ କରିଛି। ମହାସଂଘ ପକ୍ଷରୁ କୁହାଯାଇଛି, କେନ୍ଦ୍ର ସରକାର ଯେତେବେଳେ ଆସନ୍ତା ୩ ତାରିଖରୁ ୧୫-୧୮ ବର୍ଷ ପିଲାଙ୍କୁ ଟିକା ଦେବା ପାଇଁ ଘୋଷଣା କରିଛନ୍ତି, ସେହି ସମୟରେ ତରତର ହୋଇ କୌଣସି ଆଲୋଚନା ନ କରି ସ୍କୁଲ ଖୋଲିବା ଗ୍ରହଣଯୋଗ୍ୟ ନୁହେଁ। ବେସରକାରୀ ସ୍କୁଲ ବହି ବିକିବା ଓ ଫି' ଆଦାୟ ପାଇଁ ଯେଉଁ ମସୁଧା କରିଥିଲେ, ତାହାକୁ ମନ୍ତ୍ରୀ ଗ୍ରହଣ କରି ନୂଆବର୍ଷ ପାଇଁ ମୁନାଫାଖୋରଙ୍କୁ ଭେଟି ଦେଇଛନ୍ତି। ଏପରି ଅଗଣତାନ୍ତ୍ରିକ ଭାବେ ବିଭାଗ ଚଳାଉଥିବା ମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ପାଇଁ ଦୃଢ଼ ବିରୋଧ କରାଯିବ। ୧-୫ ବର୍ଷ ପିଲାଙ୍କ ପାଇଁ ଟିକା ଆସିବା ପର୍ଯ୍ୟନ୍ତ ଅପେକ୍ଷା କରାଯିବା ଆବଶ୍ୟକ ବୋଲି ମହାସଂଘ ଦାବି କରିଛି।

### ପିଲାଙ୍କ ପାଇଁ ସ୍ୱତନ୍ତ୍ର ...

ଆଧାର ନ ଥିଲେ ସ୍କୁଲ ଆଇ-କାର୍ଡ ଦେଖାଇ ପିଲାମାନେ ଟିକା ପାଇଁ ନାମ ପଞ୍ଜୀକରଣ କରିପାରିବେ। ସ୍କୁଲରେ ସ୍ୱତନ୍ତ୍ର ଟିକା କେନ୍ଦ୍ର ଖୋଲିବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେବ। ସେହିପରି ବୁଷ୍ଟର ଡୋଜ୍ ନେବା ପାଇଁ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କୌଣସି ଡାକ୍ତରୀ ସାର୍ଟିଫିକେଟ୍ ଦରକାର ନାହିଁ। କେବଳ ସେମାନେ ଡାକ୍ତରଙ୍କ ପରାମର୍ଶ ନେଇ ଟିକା ନେଇପାରିବେ। ତେବେ ଏବେ ବି ୩୪ ଲକ୍ଷ ଲୋକ ପ୍ରଥମ ଡୋଜ୍ ଏବଂ ୨୯ ଲକ୍ଷ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେବା ପାଇଁ ବାକି ଅଛନ୍ତି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

### ଓମିକ୍ରନ୍ ନିରୋଧୀ ...

ମେଡିସନ୍‌ର ଆସୋସିଏଟ୍ ପ୍ରଫେସର ଡାଭିଡ୍ ଭିସ୍‌ଲର କହିଛନ୍ତି। ଓମିକ୍ରନ୍‌ର ସ୍ପାଇକ୍ ପ୍ରୋଟିନ୍‌ରେ ୩୭ ମ୍ୟୁଟେଶନ ରହିଛି। ଏହି ମ୍ୟୁଟେଶନ ଶରୀରର କୋଷଗୁଡ଼ିକୁ କବଳିତ କରିଥାନ୍ତି। ଅଧିକ ମ୍ୟୁଟେଶନ ଯୋଗୁ ଓମିକ୍ରନ୍ ଦ୍ରୁତ ସଂକ୍ରମିତ ହେବା ସହ ଟିକା ନେଇଥିବା ବ୍ୟକ୍ତି ଏବଂ ପୂର୍ବରୁ ସଂକ୍ରମିତ ବ୍ୟକ୍ତିଙ୍କୁ ମଧ୍ୟ ଆକ୍ରାନ୍ତ କରିଥାଏ।

ମ୍ୟୁଟେଶନର ପ୍ରଭାବ ଆକଳନ କରିବାକୁ ଗବେଷକମାନେ ଏହାର ପୃଷ୍ଠରେ ସେଡୋଭାଇରସ୍ ନାମରେ ଏକ ଅକ୍ଷମ ତଥା ଅପ୍ରାକୃତିକ ଭୂତାଣୁ ପ୍ରସ୍ତୁତ କରିଥିଲେ। ଓମିକ୍ରନ୍ ଭାରିଆଣ୍ଟର ସ୍ପାଇକ୍ ପ୍ରୋଟିନ୍ ପୂର୍ବ ଭାରିଆଣ୍ଟ ତୁଳନାରେ କୋଷ ପୃଷ୍ଠକୁ ୨.୪ ଗୁଣ ଅଧିକ ବାନ୍ଧି ରଖିଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଥିଲେ। ପୂର୍ବରୁ କୋଭିଡ୍‌ର ଅନ୍ୟ ଭର୍ସନ୍ ଦ୍ୱାରା ସଂକ୍ରମିତ ହୋଇଥିବା, ଟିକା ନେଇଥିବା ବ୍ୟକ୍ତିଙ୍କ ଆଣ୍ଟିବଡି ବ୍ୟବହାର କରି ଏହା ଓମିକ୍ରନ୍ ଭାରିଆଣ୍ଟକୁ କେତେ ପ୍ରତିରୋଧ କରୁଛି ତାହା ଆକଳନ କରିଥିଲେ। ତେବେ ସଂକ୍ରମଣ ରୋକିବାରେ ସେମାନଙ୍କ ଆଣ୍ଟିବଡିର କ୍ଷମତା କମିଯାଇଥିବା ଜଣାପଡ଼ିଥିଲା। ପୂର୍ବରୁ ସ୍ପୁଟ୍‌ନିକ-ଭି କିମ୍ବା ସିନୋଫାର୍ମ ଟିକା ନେଇଥିବା ବ୍ୟକ୍ତି ଏବଂ ଜନ୍‌ସନ୍ ଆଣ୍ଡ ଜନ୍‌ସନର ଗୋଟିଏ ଡୋଜ୍ ନେଇଥିବା ବ୍ୟକ୍ତିଙ୍କ ଆଣ୍ଟିବଡ଼ିର ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣ ରୋକିବା କ୍ଷମତା ନଗଣ୍ୟ କିମ୍ବା ଆଦୌ ନ ଥିବା ଜଣାପଡ଼ିଥିଲା। କିନ୍ତୁ ଫାଇଜର, ମଡର୍ନା ଏବଂ ଆଷ୍ଟ୍ରାଜେନିକା ଟିକାର ୨ଟି ଡୋଜ୍ ନେଇଥିବା ବ୍ୟକ୍ତିଙ୍କ ଆଣ୍ଟିବଡିରେ ଓମିକ୍ରନ୍ ସଂକ୍ରମଣ ରୋକିବା କ୍ଷମତା ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସ୍ଥିର ନିଷ୍ପତ୍ତି ନେବାରେ ବନ୍ଧୁଙ୍କ ପୃଷ୍ଠପୋଷକତା ସହାୟକ ହେବ। ବାଧବାଧକତାରେ ଘରର ବାକି ରହିଥିବା କାମକୁ ଅଗ୍ରାଧିକାରଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ବାଧ ହେବେ। ପୂର୍ବ ସ୍ଥିରୀକୃତ ଯାନବାହନ, ଯାନ୍ତ୍ରିକ ଜିନିଷ ତଥା ଗୃହୋପକରଣ କିଣିବା ପାଇଁ ମନ ବଳାଇପାରନ୍ତି। କିଛି ନୂତନ ତଥ୍ୟ ଓ ଅନୁସନ୍ଧାନ କ୍ଷେତ୍ରରେ ପ୍ରେରଣା ଦେଇ ପ୍ରଶଂସିତ ହେବେ।

**ବୃଷ**
ଆଜି ସକାଳୁ ମତାନ୍ତରଜନିତ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ। ଅଫିସ୍ କାମରେ ବ୍ୟସ୍ତ ରହି ଘରୁ ବରାଦ ପାଇଥିବା ଜିନିଷଟି ନେବାକୁ ଭୁଲିଯାଇପାରନ୍ତି। ବନ୍ଧୁ ଗହଣରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ରୋହିଣୀ ଖଳ ଲୋକମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି ।

**ମିଥୁନ**
ଜଣେ ନିକଟ ସମ୍ପର୍କୀୟ ବନ୍ଧୁ ସକାଳୁ ସକାଳୁ କିଛି ନୂଆ ଖବର ଦେବେ, ଯାହାକି ଆପଣଙ୍କୁ ଅଭିଭୂତ କରି ପକାଇବ। ବହୁତ ଦିନରୁ ସମାଧାନ ହୋଇପାରୁ ନ ଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ମନ ଭଲ ନ ଥିବାରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**କର୍କଟ**
କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ମନରେ ଅସ୍ଥିରତା ଲାଗି ରହିଲେ ମଧ୍ୟ କିଛି ଆଶା ନେଇ କାମ କରିବେ। କେତେକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ସିଂହ**
ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲରେ କଟିବ। ସବୁ ପାଇଲେ ମଧ୍ୟ ଏଥିପାଇଁ ବହୁତ ମେହେନତ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ମିଥ୍ୟା ଅଭିଯୋଗକୁ ପରୋକ୍ଷ ସମର୍ଥନ ଦେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ମଧ୍ୟାହ୍ନରେ ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ଆଳାପ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବ।

**କନ୍ୟା**
କୌଣସି କାମରେ ଭୂମିକା ନ ଥାଇ ମଧ୍ୟ ସବୁ କ୍ଷେତ୍ରରେ ଦୋଷୀ ରୂପେ ପରିଗଣିତ ହୋଇପାରନ୍ତି। ଅନ୍ୟମାନଙ୍କ ଭୁଲ ଧାରଣା ବୃଦ୍ଧି ଦିଗରେ ଆପଣଙ୍କ କେତେକ ବନ୍ଧୁ ଖୋରାକ ଯୋଗାଇବେ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଅଫିସରେ ଥିବା ସମୟରେ ହଠାତ୍ କୌଣସି ଖବର ପାଇ ହତଚକିତ ହେବେ।

**ତୁଳା**
ଯାହା ଦୁଃଖ ଥାଉନା କାହିଁକି ପରିସ୍ଥିତିବଶତଃ ଉପର ମନରେ ହସି ହସି କହିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ ଓ ଅନ୍ୟମାନେ ଆପଣଙ୍କୁ ପ୍ରଶଂସା କରିବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତ ବିବ୍ରତ ରହିପାରନ୍ତି।

**ବିଛା**
ଗତକାଲିଠାରୁ ଯାହା ଓ ଯେତିକି ଆଶା କରୁଥିଲେ ସେହି ପରିମାଣରେ ପାଇପାରିବେ ନାହିଁ। ମନ କଥା ମନଭିତରେ ରଖି ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ବ୍ୟବସାୟ ଓ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ଲାଭବାନ ହେବେ। ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**ଧନୁ**
ସଫଳତାର ଅଭାବ ଓ ସଂଘର୍ଷମୟ ସ୍ଥିତି ହେତୁ ଅଧିକାଂଶ ସମୟ ତର୍କବିବାଦରେ ଅତିବାହିତ ହେବ। କୌଣସି କ୍ଷେତ୍ରରେ ଅତ୍ୟଧିକ ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବ ନାହିଁ। ଅତି ଭଲ ପାଉଥିବା ବ୍ୟକ୍ତିଟି ପ୍ରତି ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ଓ କାମ ହାସଲ କରିବେ।

**ମକର**
ହାତକୁ ନେଇଥିବା କାମଟି ଏତେ ସହଜରେ ହେବାର ଆଶା କରାଯାଇ ନ ପାରେ। ସହକର୍ମୀଙ୍କ ସହାୟତାରୁ ସରକାରୀ କ୍ଷେତ୍ରରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ବନ୍ଧୁଙ୍କଠାରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଅଫିସ କାମରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**
ଦୀର୍ଘଦିନରୁ କୌଣସି ନୂତନ ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପିତ ହେବାର ଆଶା ପୂରଣ ହେବ। ଆଜି ଯେତିକି ପାଇବେ ତାହାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହେବେ। ପ୍ରତ୍ୟେକ କ୍ଷେତ୍ରରେ କିଛି ନ ବୁଝି ନ ଶୁଝି କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ରେସ୍, ପବ୍ଲିକେଶନ, ଆଇନ ଅଦାଲତ, ଗବେଷଣା, ଅନୁସନ୍ଧାନ, ନିର୍ମାଣ କାମରୁ ସୁଫଳ ମିଳିବ।

**ମୀନ**
ବାସ୍ତବତାକୁ ସର୍ବଦା ପ୍ରାଧାନ୍ୟ ଦେଉଥିବାରୁ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ବନ୍ଧୁଙ୍କ ବିରୋଧାତ୍ମକ କଥା ଶୁଣି କୌଣସି ମନ୍ତବ୍ୟ ଦେବା କାରଣରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପଡ଼ୋଶୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ମାତିରହି ପାରନ୍ତି। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିବେ।

# କ୍ଷମତା ନୁହେଁ, ଜୀବନ ବଡ଼

ଲକ୍ଷ୍ନୌ/ନୂଆଦିଲ୍ଲୀ,୨୯।୧୨

ଶାସକ ଭାଜପା ହେଉ କି ବିରୋଧୀ ସମାଜବାଦୀ ପାର୍ଟି (ଏସ୍‌ପି) ଅଥବା କଂଗ୍ରେସ ନିର୍ବାଚନମୁହାଁ ଉତ୍ତର ପ୍ରଦେଶରେ କୌଣସି ଦଳର ନେତା କୋଭିଡ୍ କଟକଣାକୁ ମାନୁନାହାନ୍ତି। ନା କାହା ମୁହଁରେ ମାସ୍କ ଅଛି ନା କେହି ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଉଛନ୍ତି। ସବୁ ଦଳର ନିର୍ବାଚନୀ ରାଲିଗୁଡ଼ିକରେ ସମାନ ଚିତ୍ର ଦେଖିବାକୁ ମିଳୁଛି। ନେତାମାନେ ପ୍ରଚାର ବେଳେ କୋଭିଡ୍ କଟକଣା ଉଲ୍ଲଂଘନ କରୁଥିବାବେଳେ ସଭାରେ ଉପସ୍ଥିତ ଜନତା ମଧ୍ୟ ବିନା ଦ୍ୱିଧାରେ ଭିଡ଼ ଜମାଉଛନ୍ତି। ଫଳରେ ଆଗକୁ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।

କଂଗ୍ରେସ ପକ୍ଷରୁ ରବିବାର କରାଯାଇଥିବା ମହିଳା ମାରାଥନ୍ ରାଲି ସହ ମଙ୍ଗଳବାର ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କ ଉନ୍ନାଓ ସଭା ଏବଂ ହରଦୋଇରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ରୋଡ୍ ଶୋ'ରେ ବିପୁଳ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଅଧିକାଂଶ ଲୋକ କୋଭିଡ୍ ନିରାପତ୍ତାକୁ ଅଣଦେଖା କରିଥିଲେ। ଏଭଳି ସ୍ଥିତି ଗତ ମାର୍ଚ୍ଚ-ଏପ୍ରିଲରେ ଅନୁଷ୍ଠିତ ପଶ୍ଚିମବଙ୍ଗ ସହ ଅନ୍ୟ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ ବେଳେ ମଧ୍ୟ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଧୂଆଁଧାର ପ୍ରଚାର ସଭାରେ ସବୁ ନିୟମକୁ ଫୁ କରିଦିଆଯାଇଥିଲା। ଏଥିଯୋଗୁ ଦ୍ୱିତୀୟ ଲହର ସଂକ୍ରମଣ ବଢ଼ିଥିବା ସେତେବେଳେ ସମାଲୋଚନା କରାଯାଇଥିଲା। ଏବେ ଦେଶରେ ଓମିକ୍ରନ ସଂକ୍ରମଣ ବୃଦ୍ଧି ପାଇ ୭୮୧ରେ ପହଞ୍ଚିଥିବାବେଳେ ନେତାଙ୍କ ନିର୍ବାଚନୀ ସଭା ପୁଣି ଥରେ ବିପଦକୁ ନିମନ୍ତ୍ରଣ କରିପାରେ ବୋଲି ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଗତ ସପ୍ତାହରେ ଆଲ୍ଲାହାବାଦ ହାଇକୋର୍ଟ ନିର୍ବାଚନ କମିଶନ ଏବଂ ପ୍ରଧାନମନ୍ତ୍ରୀଙ୍କୁ ମାସେ କିମ୍ବା ଦୁଇମାସ ପାଇଁ ୟୁପି ନିର୍ବାଚନ ଘୁଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏଥିସହ ପଶ୍ଚିମବଙ୍ଗ ନିର୍ବାଚନ ବେଳର କଥା ମଧ୍ୟ ସ୍ମରଣ କରାଇଦେଇଥିଲେ। ତେବେ ନିର୍ବାଚନ କମିଶନ ଏଥର କଡ଼ା ଆଭିମୁଖ୍ୟ ଗ୍ରହଣ କରିପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। କେନ୍ଦ୍ର ସରକାର ମଧ୍ୟ ଫେବୃୟାରୀ-ମାର୍ଚ୍ଚରେ ବିଧାନସଭା ନିର୍ବାଚନ ହେବାକୁ ଥିବା ୟୁପି, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁର ସ୍ଥିତି ନେଇ ମଙ୍ଗଳବାର ସମୀକ୍ଷା କରିଛନ୍ତି। ଇତିମଧ୍ୟରେ ଆବଶ୍ୟକ ହେଲେ ୟୁପି ଏବଂ ପଞ୍ଜାବ ଭଳି ବଡ଼ ରାଜ୍ୟରେ ଭାଜପା ଭର୍ଚୁଆଲ ରାଲି କରିପାରେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଭାଜପାର ନିର୍ବାଚନ ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ କହିଛନ୍ତି, ମହାମାରୀ ବେଳେ ଆମେ ପଶ୍ଚିମବଙ୍ଗରେ ମଧ୍ୟ ଭର୍ଚୁଆଲ ରାଲି କରିଥିଲୁ। ଏଥର ବି ଭିଡିଓ କନ୍‌ଫରେନ୍ସ ଜରିଆରେ ସମର୍ଥକମାନଙ୍କୁ ଦଳୀୟ ନେତା ସମ୍ବୋଧନ କରିପାରିବେ। କିନ୍ତୁ ଏହା ଉପରେ ନିର୍ବାଚନ କମିଶନ ହିଁ ନିଷ୍ପତ୍ତି ନେବେ।



ଉନ୍ନାଓରେ ମଙ୍ଗଳବାର ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କ ବିଜୟ ରଥଯାତ୍ରା। ହରଦୋଇରେ ଭାଜପାର ନିର୍ବାଚନୀ ସଭାକୁ ସମ୍ବୋଧିତ କରୁଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା।

**ନିର୍ବାଚନୀ ସଭାରେ କୋଭିଡ୍ କଟକଣା ମାନୁନାହାନ୍ତି ନେତା, ଜନତା**

**ଦକ୍ଷିଣ ଆଫ୍ରିକାରୁ ଆସିଥିବା କୋଭିଡ୍-୧୯ର ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣ ଭାରତରେ ବ୍ୟାପିବାରେ ଲାଗିଥିବାବେଳେ ଆଗକୁ ଏହା ତୃତୀୟ ଲହରକୁ ଡାକିଆଣିବ ବୋଲି ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସୁଦ୍ଧା ୟୁପି ସମେତ ୭ ରାଜ୍ୟରେ ନାଇଟ୍ କର୍ଫ୍ୟୁ ଜାରି ସହ କଟକଣା ବଢ଼ାଯାଇଛି। ହେଲେ ନିର୍ବାଚନମୁହାଁ ୟୁପିରେ ନେତା ଓ ଜନତା କୋଭିଡ୍ କଟକଣାର ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି।**

## ଦିବ୍ୟଶଙ୍କରଙ୍କ ଗାଡ଼ିକୁ ଅଣ୍ଡାମାଡ଼

କେସିଙ୍ଗା,୨୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାରେ ବୁଧବାର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବ୍ଲକ କଂଗ୍ରେସ କର୍ମୀମାନେ ଅଣ୍ଡାମାଡ଼ କରି କଳାପତାକା ଦେଖାଇଛନ୍ତି। ସହରର ୱାର୍ଡ ନମ୍ବର ୮ର ପଲକାପଡାଠାରେ ପରିଚୟ ଗୃହ ଓ ଶିଶୁ କ୍ରୀଡ଼ା ଉଦ୍ୟାନ ଉଦ୍‌ଘାଟନ କରି ରେଲୱେ ଷ୍ଟେଶନ ନିକଟରେ ନବନିର୍ମିତ ବ୍ୟାୟାମ ଶାଳା ଉଦ୍‌ଘାଟନ କରିବାକୁ ଯାଉଥିବା ସମୟରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀଙ୍କ ପକ୍ଷରୁ ମନ୍ତ୍ରୀଙ୍କ ଗାଡିକୁ ଅଣ୍ଡାମାଡ଼ ଓ କଳାପତାକା ପ୍ରଦର୍ଶନ କରାଯାଇଥିଲା। ପରେ ସ୍ଥାନୀୟ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା।

## ୨୭% ଓବିସି ସଂରକ୍ଷଣ ରହୁ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ସମାଜବାଦୀ ପାର୍ଟି**

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖାଯାଇ ତୁରନ୍ତ ପଞ୍ଚାୟତ ନିର୍ବାଚନକୁ ଅନ୍ତତଃ ପକ୍ଷେ ୬ମାସ ଘୁଞ୍ଚାଇବା ସହିତ ରାଜ୍ୟରେ ଜାତିଗତ ଜନଗଣନା ଆରମ୍ଭ କରିବାକୁ ଦାବି କରାଯାଇଛି। ରାଜ୍ୟର ୫୨ଭାଗ ପଛୁଆବର୍ଗଙ୍କୁ ମୌଳିକ ଓ ସାମ୍ବିଧାନିକ ଅଧିକାର ଅର୍ଥାତ ଶିକ୍ଷା, ଚାକିରି ଓ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୨୭% ସ୍ଥାନ ସଂରକ୍ଷଣ ସୁନିଶ୍ଚିତ କରାଇବା ଦାବି ନେଇ ଏହି ପତ୍ରରେ ଉଲ୍ଲେଖ ରହିଛି।

## କ୍ଷମତାକୁ ଆସିଲେ ୭୫ ଟଙ୍କାରେ ମଦ

**ଆନ୍ଧ୍ର ଭାଜପା ସଭାପତିଙ୍କ ପ୍ରତିଶ୍ରୁତି**

ହାଇଦ୍ରାବାଦ,୨୯।୧୨

ଆନ୍ଧ୍ର ପ୍ରଦେଶରେ ଭାଜପା କ୍ଷମତାକୁ ଆସିଲେ ଲୋକଙ୍କୁ ୭୫ ଟଙ୍କାରେ ମଦ ଯୋଗାଇଦେବ। ଦରକାର ପଡ଼ିଲେ ମଦ ଦାମ୍ ୫୦ ଟଙ୍କାକୁ ଖସାଇ ଦିଆଯିବ ବୋଲି ମଙ୍ଗଳବାର ଆନ୍ଧ୍ର ଭାଜପା ସଭାପତି ସୋମୁ ବୀରରାଜୁ ପ୍ରତିଶ୍ରୁତି ଦେଇଛନ୍ତି।

ଆନ୍ଧ୍ର ଭାଜପା ସଭାପତି ବୀରରାଜୁ ବିଜୟୱାଡାରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ରାଜ୍ୟରେ ଶାସକ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ନେତାଙ୍କ ସୁବିଧା ଅନୁସାରେ ନିମ୍ନମାନର ମଦ ଚଢ଼ା ଦରରେ ବିକ୍ରି ହେଉଛି। ୨୦୨୪ ବିଧାନସଭା ନିର୍ବାଚନରେ ଭାଜପାକୁ ଭୋଟ ଦିଅନ୍ତୁ। ଆମେ ଜିତିଲେ ଆପଣମାନଙ୍କୁ ୭୫ ଟଙ୍କାରେ ମଦ ଦେବୁ। ଯଦି ରାଜସ୍ୱ ବଳକା ହୁଏ ତେବେ ମଦ ଦାମ୍ ୫୦ ଟଙ୍କାକୁ ଖସାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ସଭାରେ ଭାଜପା ଶାସକ ୱାଇଏସ୍‌ଆର୍‌ସିପି ଏବଂ ବିରୋଧୀ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)କୁ ଟାର୍ଗେଟ କରି ଆନ୍ଧ୍ର ଓ ତେଲଙ୍ଗାନାରେ ଏହି ଦୁଇ ଦଳ ପାରିବାରିକ ରାଜନୀତି କରୁଥିବା ଅଭିଯୋଗ ଆଣିଛି। ପ୍ରକାଶ ଯେ, ଲକ୍‌ଡାଉନ୍ ପରେ ଦୋକାନବଜାର ଖୋଲିବା ସହ ଆନ୍ଧ୍ର ସରକାର ମଦ୍ୟପାନ ଉପରେ ନିୟନ୍ତ୍ରଣ ଲାଗି ଏହାର ଦାମ୍ ୭୫% ବଢ଼ାଇଦେଇଥିଲେ।


ସୋମୁ ବୀରରାଜୁ

## ସତ୍ୟପାଠରେ ଦର୍ଶାଇନାହାନ୍ତି ନିଜ ମାମଲା

**ହରିୟାଣା କ୍ୟାବିନେଟରେ ୧୪ ମନ୍ତ୍ରୀ**

ନୂଆଦିଲ୍ଲୀ,୨୯।୧୨

ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ମଙ୍ଗଳବାର ନିଜ କ୍ୟାବିନେଟ ସମ୍ପ୍ରସାରଣ କରିଛନ୍ତି। ଏଥିସହ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ହରିୟାଣା ଇଲେକ୍ସନ ୱାଚ୍ ଏବଂ ଆସୋସିଏଶନ୍ ଫର ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ମିଳିତ ଭାବେ ୧୪ ମନ୍ତ୍ରୀଙ୍କ ସତ୍ୟପାଠ ବିଶ୍ଳେଷଣ କରାଯାଇଛି। ଏଥିରୁ ଜଣାପଡ଼ିଛି ଯେ, ଖଟ୍ଟର କ୍ୟାବିନେଟର ସମସ୍ତ ୧୪ ମନ୍ତ୍ରୀ ହେଉଛନ୍ତି କୋଟିପତି। ସେମାନଙ୍କ ମଧ୍ୟରେ ଭାଜପାର ୧୦, ଜନନାୟକ ଜନତା ପାର୍ଟି(ଜେଜେପି)ର ୩ ଏବଂ ଜଣେ ସ୍ୱାଧୀନ ବିଧାୟକ ଅଛନ୍ତି। ମନ୍ତ୍ରୀମାନଙ୍କ ସମ୍ପତ୍ତିର ହାରାହାରି ମୂଲ୍ୟ ୧୭.୭୩ କୋଟି ଟଙ୍କା। ୩ ମନ୍ତ୍ରୀ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ଦର୍ଶାଇଥିବାବେଳେ ୧୧ ଜଣ ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ବୋଲି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। କ୍ୟାବିନେଟରେ ମାତ୍ର ଜଣେ ମହିଳାଙ୍କୁ ସାମିଲ କରାଯାଇଛି। ତେବେ କୌଣସି ମନ୍ତ୍ରୀ ନିଜ ବିରୋଧରେ ଥିବା ଆପରାଧିକ ମାମଲା ସମ୍ପର୍କରେ ଦଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି।

# 'ଆଗ ଓବିସିଙ୍କୁ ସଂରକ୍ଷଣ ଦିଅ, ପରେ ନିର୍ବାଚନ'

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଥମେ ପଛୁଆବର୍ଗ ତଥା ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଉ। ତା'ପରେ ନିର୍ବାଚନ ପ୍ରକ୍ରିୟା ଆଗକୁ ନେବାକୁ ଭାଜପା ବିଧାୟକମାନେ ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟପାଳ ଓ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଭାଜପା ବିଧାୟକମାନେ ଭେଟିଛନ୍ତି।

ରାଜ୍ୟପାଳଙ୍କୁ ଭେଟିବା ପରେ ଲଳିତେନ୍ଦୁ କହିଛନ୍ତି, ରାଜ୍ୟର ମୋଟ ଜନସଂଖ୍ୟାର ୫୪ ପ୍ରତିଶତ ଓବିସି ବର୍ଗ। ମାତ୍ର ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନରେ ସେମାନଙ୍କୁ ସଂରକ୍ଷଣ ଦେଲେନାହିଁ। ଏବେ ପଞ୍ଚାୟତ ନିର୍ବାଚନ ଆଗେଇ ନେଉଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ପ୍ରଦାନ କରିବା ପରେ ନିର୍ବାଚନ ପ୍ରକ୍ରିୟା ଆଗେଇବା ପାଇଁ ବିଧାୟକଙ୍କ ପକ୍ଷରୁ ରାଜ୍ୟପାଳଙ୍କ ପାଖରେ ଦାବି କରାଯାଇଛି। ବିଶେଷ ଭାବେ ଏ ପ୍ରସଙ୍ଗରେ ହସ୍ତକ୍ଷେପକରି ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ରାଜ୍ୟର ପଛୁଆବର୍ଗ ସମ୍ପ୍ରଦାୟଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରିବ ବୋଲି ସେ କହିଛନ୍ତି। ପୂର୍ବରୁ ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସି ବର୍ଗ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ସୁବିଧା ପାଇଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଏହି ସଂରକ୍ଷଣ ଦେବାରେ କେଉଁଠି ଅସୁବିଧା ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଡିସେମ୍ବର ୨୭ରେ ଜିଲା ପରିଷଦର ଚିଠା ତାଲିକା ଏବଂ ଡିସେମ୍ବର ୨୯ରେ ପଞ୍ଚାୟତ ସମିତି ଓ ସରପଞ୍ଚ ପଦ ପାଇଁ ପଛୁଆବର୍ଗଙ୍କ ନିମନ୍ତେ ସଂରକ୍ଷଣ ନ ରଖି ଚିଠା ତାଲିକା ଜାରି କରାଯାଇଛି। ତେବେ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗର ବିକାଶ ପାଇଁ ସେମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ପାଇଁ ସମ୍ବିଧାନରେ ଉଲ୍ଲେଖ ଥିବା ବେଳେ ରାଜ୍ୟ ସରକାର ଆଗାମୀ ନିର୍ବାଚନରେ ଓବିସି ବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ଦେବାର ବ୍ୟବସ୍ଥା ନ କରିବା ଦୁଃଖର ବିଷୟ। ଏହି ବର୍ଗର ବିନା ସ୍ଥାନ ସଂରକ୍ଷଣରେ ନିର୍ବାଚନ ପ୍ରକ୍ରିୟାକୁ ଆଗେଇବା ସମ୍ବିଧାନର ମୂଳ ଲକ୍ଷ୍ୟର ବିପରୀତ ଦିଗକୁ ସୂଚାଉଛି। ଏହାଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଓବିସି ସମ୍ପ୍ରଦାୟଙ୍କୁ ନିର୍ବାଚିତ ହେବାର ସୁଯୋଗରୁ ବଞ୍ଚିତ କରାଯାଉଛି। ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ଦେବା ନେଇ ଗତ ୨୭ରେ ଏକ ରିଭ୍ୟୁ ପିଟିଶନ ଦାୟର କରାଯାଇଛି। ରାଜ୍ୟ ସରକାର ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନ କରି ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଆଗକୁ ନେବା ପରିତାପର ବିଷୟ। ଏପରି ନିର୍ବାଚନ ଆଗାମୀ ୫ ବର୍ଷ ପାଇଁ ଓବିସି ବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିବ। ନିର୍ବାଚନ କମିଶନରଙ୍କୁ ଏହି ସମସ୍ତ ବିଷୟରେ ଭାଜପା ଅବଗତ କରାଇଥିବା ଲଳିତେନ୍ଦୁ କହିଛନ୍ତି।


ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଉଛନ୍ତି ଭାଜପା ନେତୃବୃନ୍ଦ।

**ରାଜ୍ୟପାଳ ଓ ନିର୍ବାଚନ କମିଶନଙ୍କ ହସ୍ତକ୍ଷେପ ଲୋଡ଼ିଲା ଭାଜପା**


**ପୂର୍ବ ତଟ ରେଳପଥ**

**ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ନୂଆ ଲାଇନ୍‌ର ଝାରତରଭା-ବିଛୁପାଲି ସେକ୍ସନ ମଧ୍ୟରେ ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ ସମ୍ବନ୍ଧୀୟ ସାର୍ବଜନୀକ ଅଧିସୂଚନା**

ପ୍ରୋଫର୍ମା-10.01

ପୂର୍ବ ତଟ ରେଳପଥର ନିମ୍ନବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ୍ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ 25,000 ଭୋଲ୍ଟ, 50 Hz, AC ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ। ସେହି ତାରିଖ ଦିନ କିମ୍ବା ତା'ପର ଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନ୍‌ରେ ସବୁ ସମୟ ପାଇଁ ବିଦ୍ୟୁତ୍ ପ୍ରବାହିତ ହେବ। ଏଥିପାଇଁ ଯେକୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ୍ ଲାଇନ୍ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

| କ୍ର.ସଂ. | ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|---|
| 1 | ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ନୂଆ ଲାଇନ୍‌ର ଝାରତରଭା-ବିଛୁପାଲି ସେକ୍ସନରେ | ସମ୍ବଲପୁର | 28.02.2022 |

**AC 25 KV ଟ୍ରାକ୍ସନର ପ୍ରଚଳନ**
**"ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା"** ପ୍ରୋଫର୍ମା-10.02

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ନୂଆ ଲାଇନ୍‌ର ଝାରତରଭା-ବିଛୁପାଲି ସେକ୍ସନରେ 25,000 ଭୋଲ୍ଟ, AC ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରଚଳନ ସମ୍ବନ୍ଧୀୟ ସମସ୍ତ ଲେଭେଲ କ୍ରସିଂଗୁଡ଼ିକଠାରେ କୌଣସି ବୋଝେଇ ଯାନ ଜୀବନ୍ତ ଟ୍ରାକ୍ସନ ତାର (କଣ୍ଟାକ୍ଟ ତାର) ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସଡ଼କ ସ୍ତର ଠାରୁ 4.78 ମିଟର ମଧ୍ୟରେ ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, ଯାହାର ଉଚ୍ଚତା ଲେଭେଲ କ୍ରସିଙ୍ଗଗୁଡ଼ିକ ଠାରେ ରେଳ ଲେଭେଲ ଠାରୁ ସର୍ବନିମ୍ନ 5.5m ହେବ।

ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ିରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଘଂନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ।
ଅଧିକ ଉଚ୍ଚତାରେ ମାଲ୍ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦ ରହିଛି :-
i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ।
ii) ପରିବହନ ହେଉଥିବା ମାଲ କିମ୍ବା ଯନ୍ତ୍ରାଂଶ କିମ୍ବା ସେହି ଯାନ ପ୍ରତି ବିପଦ।
iii) ବିଦ୍ୟୁତ୍ ପରିବାହୀ ସଂସ୍ପର୍ଶରେ ଆସିବା ଫଳରେ ବିପଦର ନିକଟବର୍ତ୍ତୀ ହେବା ସହ ଅଗ୍ନି ଭୟ ସହିତ ଜୀବନ ହାନୀର ଆଶଙ୍କା।

PR-107/CE/21-22 ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I), ଭୁବନେଶ୍ୱର



**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

ରେ: ନଂ.: ୫୧/ଏସ୍.ଏମ୍. ତା୨୬।୦୬।୧୯୫୬
ବିଜ୍ଞପ୍ତି ସଂଖ୍ୟା ୪୦୫୫/ତାରିଖ ୨୮.୧୨.୨୦୨୧

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ଦ୍ୱାରା ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇଦିଆଯାଉଛି ଯେ, ବ୍ୟାଙ୍କର ୫୩ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା:୧୪.୦୧.୨୦୨୨ (ଶୁକ୍ରବାର) ପୂର୍ବାହ୍ନ ୪.୩୦ ଘଟିକା ସମୟରେ Microsoft Teamରେ Virtual mode ମାଧ୍ୟମରେ ଅନୁଷ୍ଠିତ ହେବ।
ଉକ୍ତ ସାଧାରଣ ସଭାରେ ସମିତିର ପ୍ରଶାସକ/ କ୍ଷମତାପ୍ରାପ୍ତ ଅଧିକାରୀ ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ।

**କାର୍ଯ୍ୟସୂଚୀ**

୧. ପୂର୍ବ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ବ୍ୟାଙ୍କର ୨୦୨୦-୨୧ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ବ୍ୟାଙ୍କର ୨୦୨୦-୨୧ ବର୍ଷର ଅଡିଟ ରିପୋର୍ଟ ପଠନ ଓ ଗ୍ରହଣ।
୪. ୨୦୨୨-୨୩ ବର୍ଷର ବଜେଟ ଅଟକଳ ଅନୁମୋଦନ
୫. ୨୦୨୦-୨୧ ବର୍ଷର ଲାଭାଂଶ ବଣ୍ଟନ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ।
୬. ଅନ୍ୟାନ୍ୟ ବିଷୟ (ପ୍ରଶାସକଙ୍କ ଅନୁମତିକ୍ରମେ)।

ଜିଲ୍ଲାପାଳ, ବରଗଡ଼ ତଥା ବ୍ୟାଙ୍କର ପ୍ରଶାସକଙ୍କ ଅନୁମୋଦନକ୍ରମେ
ସ୍ୱା./- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ



**GOVERNMENT OF ODISHA** No. O-1582
**OFFICE OF THE EXECUTIVE ENGINEER, RURAL WORKS DIVISION, BHUBANESWAR**
Ph. No.- 0674-2301787, Fax No.-0674-2300965, E Mail I.D.- eerw_bbsr@yahoo.co.in
No.:- Tender - Online-BBSR Divn.- 64 Date:- 24.12.2021

**e-Procurement NOTICE**

1. Name of the work : **Repair / Maintenance of road works**
2. Total No. of Roads : **2 Nos. of Roads**
3. **Class of Contractor**
   A) Estimated Cost more than Rs. 40.00 lakh & not exceeding to Rs.1.50 Crore : **"A" & "B" Class** (of Odisha PWD) or relevant class of other licensing authorities.
   B) Estimated Cost more than Rs. 20.00 lakh & not exceeding Rs.40.00 lakh : **"B" & "C" Class** (of Odisha PWD) or relevant class of other licensing authorities.
   C) Estimated Cost not exceeding Rs. 20.00 lakh : **"C" & "D" Class** (of Odisha PWD) or relevant class of other licensing authorities.
4. Estimate cost of individual projects : Rs.08.00 lakh to 15.00 lakh
5. Time for completion : **2 (Two) calendar months**
6. **Other Details:**

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Divison, Bhubaneswar | Tender Online - BBSR Divn.- 64 | 31.12.2021 at 11.00 A.M. | 06.01.2022 up to 5.00 P.M. | 07.01.2022 at 11.00 A.M. |

Further details can be seen from the website **www.tendersorissa.gov.in**
OIPR-25066/11/0045/2122 **Sd./- Executive Engineer, Rural Works Divn., BBSR**



**GOVT. OF ODISHA** No.A-789
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER,**
**DRAINAGE DIVISION, CUTTACK-753003**
**e-Procurement Notice No.- EE-DD-CTC-08/2021-22**
e-mail Id:- eeddcuttack@gmail.com

| | | |
|---|---|---|
| 1. | Total Number of Works | **01 (One) No.** |
| 2. | Nature of work | Structure work |
| 3. | Estimated cost of Individual package ranging from | **₹87.85 Lakhs** |
| 4. | Date of opening of Bid | **10.01.2022, 11.00 AM.** |

5. Other details as follows:

| Procurement Officer | Bid Identification No. | Availability of Tender Online | | Last date & time for seekng tender clarification in e-Procurement portal | Date & Time of Opening of tender at Office Premises of Executive Engineer, Drainage Division, Cuttack | Date of Lottery (if required) |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Drainage Division, Gandarpur, Cuttack-753003 | EE-DD-CTC No.08/ 2021-22 | 31.12.2021 4.00 PM. | 09.01.2022 5.00 PM. | From 31.12.2021 4.00 PM. to 08.01.2022 up to 5.00 PM. during office hours | 10.01.2022 at 11.00 AM. | 15.01.2022 at 11.00 A.M. |

The bidders have to participate in on-line bidding only. Further details can be seen from the Govt. website **www.tendersorissa.gov.in**. Any Addencum/ Corrigendum/ Cancellation of tender can also be seen in the same website. If the office happens to be closed on the date of lottery the same process will be held on next working day in same time and venue.
OIPR-32201/11/0008/2122 **Sd./- Executive Engineer, Drainage Division, Cuttack**



**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**

**NOTICE INVITING TENDER**

**Tender Notice No. TPWODL/MK/O/SER/ 079** **Date : 30.12.2021**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for General Civil Works under Various Circles at TPWODL area.**

Interested bidders to submit Tender Participation Fee and Authorization Letter through email on or before **7th January 2022, 15:00Hrs**, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com**. Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

**Sd /- Chief-Contracts and Stores**



**ZILLA SWASTHYA SAMITI, MAYURBHANJ**
Office of the CDM & PHO-cum-District Mission Director, NHM, Mayurbhanj, Odisha, 757001
**Advt. No. 12704/NHM/2021-22** **Dt: 27.12.21**

**Short Tender Call Notice**

No. E-792:- Sealed tenders are invited from the interested eligible bidders for "SUPPLY OF ASHA HBNC KIT, NICOTIN (GUM) & Trail Box (Metallic)". The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.mayurbhanj.nic.in . Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as.per tender call notice. The bidders have to submit their proposal(s) at the O/o The CDM & PHO cum District Mission Director, Mayurbhanj. Proposal(s) complete in all respect should reach the undersigned on or before **11.00 AM of 06.01.2022** through Regd.post/Speed post/Courier and the same will be opened on **06.01.2022 at 01.30 PM**. The undersigned reserves the right to reject any or all the tender(s) without assigning any reason thereof.

**Sd./- Chief District Medical & Public Health Officer**
OIPR-10020/11/0034/2122 **Mayurbhanj**



Your classified advertisement published in Dharitri will be listed free in Dharitri online edition :
**www.dharitri.com**



**GOVERNMENT OF ODISHA, OFFICE OF THE SUPERINTENDING ENGINEER, R.W.DIVISION, ANANDAPUR, KEONJHAR**
**No. 9444** **Dt.28.12.21**

**1st Corrigendum Notice**

No. O-1580:- Due to some unavoidable circumstances, Partial modification in tender ID No- Online-14/2021-22 (Construction of Retaining Wall, Drain Work, CC overlaying & Pot hole repair of Road work) invited vide this office letter No-8745 dtd 14.12.2021 has been made which may be read as follows
**i) The date of availability of Tender on-line, seeking tender clarification, opening of tender has been modified as follows.**

| Sl No. | Items | As per origional DTCN | As per 1st Corrigendum to TCN & DTCN |
|---|---|---|---|
| 1 | Availability of Tender online for bidding | 17.12.2021 at 10.00 A.M. 21.12.2021 up to 5.00 P.M | 30.12.2021 at 10.00 A.M. 04.01.2022 up to 5.00 P.M |
| 2 | Last Date & Time of seeking tender clarification | 20.12.2021 at 05.00 P.M. | 03.01.2022 up to 05.00 P.M. |
| 3 | Date & Time of opening of tender | 22.12.2021 at 11.00 A.M. | 04.01.2022 at 11.30 A.M. |

**All other terms & Conditions will remain unaltered.**
Further details can be seen from the website: **www.tendersorissa.gov.in**
**OIPR-25055/11/0019/2122** **Sd./- Superintending Engineer, R.W. Division, Anandapur**



**GOVERNMENT OF ODISHA** No.O-1576
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
**e-mail: serwsbd2003@yahoo.com**

**E-Procurement Notice for Road & Bridge works**

1. Name of the work : **Road & Bridge Works - (03 Nos.)**
2. Class of contractor : "A", Special & Super Class of (Odisha PWD) or relevant class of other licensing authority
4. Estimated Cost : **Varies from Rs.412.76 Lakhs to Rs.1756.42 Lakhs (Approximately)**
5. Detail projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | **CCERWCSBD-Online-28/ 2021-22** | 30.12.2021 at 11.00 A.M. | 15.01.2022 Up to 5.30 P.M. | 13.01.2022 Up to 1.00 P.M. | 17.01.2022 at 11.00 A.M. | To be intimated separately |

6. Further details can be seen from the website **www.tendersodisha.gov.in**
7. Any Corrigendum/Addendum will be displayed in the above e-tender websites.

**OIPR-25045/11/0032/2122** **Sd./- Chief Construction Engineer, Rural Works Circle, Sunabeda**



**GOVERNMENT OF ODISHA**
**DEPARTMENT OF WATER RESOURCES**
**O/O THE ADDITIONAL CHIEF ENGINEER,**
**RENGALI RIGHT IRRIGATION CIRCLE, DHENKANAL**
**Email Id - adlcerric@gmail.com**

**'e' Procurement Notice**

**No. A-790:-** The Additional Chief Engineer, Rengali Right Irrigation Circle, Dhenkanal on behalf of the Governor of Odisha invites **on line percentage rate bids** in double cover system for construction of the works as detailed below: **1.** Name of the work: **Construction of Jagannathpur Distributary from RD 10630 m to RD 13675 m using RCC hume pipes including Construction of its structures of RRIP. 2.** Tender Cost : **Rs. 537.54 lakh. 3.** Bid Document Cost : **Rs. 10,000.00 (online), 4.** Bid Security : **"Bid Security Declaration". 5.** Class of Contractor : **'A' Class & 'Special' Class. 6.** Period of Completion : **12 (Twelve) calendar months including monsoon**
**7.** Other details are as follows:

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| **Additional Chief Engineer, RRIC, Dhenkanal** | ACERRICD-03/ 2021-22 | 04.01.2022 10.00 AM | 19.01.2022 5.30 PM | 20.01.2022 11.00 AM |

Further details can be seen from the e-procurement portal https://www.tendersodisha.gov.in. Any Addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in
OIPR-32351/11/0008/2122 **Sd./- Additional Chief Engineer, Rengali Right Irrigation Circle, Dhenkanal**

> ମାନୁଷୀ ପ୍ରବଣତା ବାସ୍ତବକୁ ପୀଡନ କରିବା ବା ଅସ୍ୱୀକାର କରିବା ପରିବର୍ତ୍ତେ ତା'ର ପ୍ରତିମା ଓ ପ୍ରତୀକକୁ ପୂଜା କରିବା। ଏହା ବିରୁଦ୍ଧରେ ନିଜକୁ ସର୍ବଦା ସଜାଗ ରଖିବ। ଅପଶକ୍ତିର ସୁଯୋଗ ହେଲା– ମାନୁଷୀ ଦୁର୍ବଳତା। ମାନୁଷୀ ଦୁଷ୍କର୍ମ ନୁହେଁ। –ଶ୍ରୀଅରବିନ୍ଦ



# ମହାଶକ୍ତି ସଂଘର୍ଷ ଓ ୟୁରୋପ


ରବର୍ଟ ୱିଲିୟମ୍ସ
ସିନିୟର ରିସର୍ଚ୍ଚ ସ୍କଲାର ଆଣ୍ଡ ଲେକ୍‌ଚର, ୟେଲେ ଲ' ସ୍କୁଲ୍, ଆମେରିକା


ମୋର୍ଟିଜ ରୁଡଲଫ୍
ପୋଷ୍ଟଡକ୍ଟରାଲ ଫେଲୋ, ୟେଲେ ଲ' ସ୍କୁଲ (ପାଓ୍ୱଲସୁଇ ଚାଇନା ସେଣ୍ଟର)

ଆମେରିକା ଏବଂ ଚାଇନା ମଧ୍ୟରେ ଏବେ ମୁହାଁମୁହିଁ ଭଳି ସ୍ଥିତି ଉପୁଜିଛି। ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କୂଟନୈତିକ ପଦକ୍ଷେପ ନେଇଛନ୍ତି। ଚାଇନାର ବେଜିଂରେ ଅନୁଷ୍ଠିତ ହେବାକୁ ଥିବା ଶୀତକାଳୀନ ଅଲିମ୍ପିକ୍ସରେ ଆମେରିକା ଭାଗ ନେବ ନାହିଁ ବୋଲି କୁହାଯାଇଛି। ଏଭଳି ପଦକ୍ଷେପକୁ କେନ୍ଦ୍ର କରି ଏବେ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ମତଭେଦ ପ୍ରକାଶ ପାଇଛି। ଏହି ଘଟଣା ସ୍ପଷ୍ଟ ଭାବେ ସୂଚିତ କରୁଛି ଯେ, ବାସ୍ତବରେ ଚାଇନା କାର୍ଯ୍ୟକୁ ନେଇ ୟୁରୋପ ଏବଂ ଆମେରିକା ଏକାଠି ହୋଇ ପାରିନାହାନ୍ତି। ଆମେରିକା ଏବଂ ୟୁରୋପ ମଧ୍ୟରେ ମୌଳିକ ରାଜନୈତିକ ମୂଲ୍ୟବୋଧର ଆଦାନ ପ୍ରଦାନ ଜାରି ରହିଥିବା ସତ୍ତ୍ୱେ ଚାଇନା ସୃଷ୍ଟି କରୁଥିବା ବିଶ୍ୱସ୍ତରୀୟ ଆହ୍ୱାନକୁ ମୁକାବିଲା କରିବାରେ ବହୁ ସମୟରେ ଏମାନେ ମତଭେଦ ଥିବା ଭଳି ବାକ୍‌ପଟୁତା ପ୍ରୟୋଗ କରୁଛନ୍ତି। ପୁନଶ୍ଚ ବିଶ୍ୱର ଏକଚ୍ଛତ୍ରବାଦ ଦେଶଗୁଡ଼ିକ ବିରୋଧରେ ଲଢୁଥିବା ଆମେରିକା ନେତୃତ୍ୱାଧୀନ ଗଣତାନ୍ତ୍ରିକ ମେଣ୍ଟ ଦୃଷ୍ଟିକୋଣକୁ ବହୁ ୟୁରୋପୀୟ ଦେଶ ସ୍ୱୀକାର କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହା ବ୍ୟତୀତ ୟୁରୋପୀୟ ପଦାଧିକାରୀମାନେ ଚାଇନାକୁ ଘେରାବନ୍ଦୀ କରିବା ଲକ୍ଷ୍ୟରେ ଏକ 'ଚାଇନା ନୀତି'କୁ ପ୍ରତିଯୋଗିତାର ବାହାନା ମନେକରି ଆଗକୁ ବଢିବାକୁ ରାଜି ହେଉନାହାନ୍ତି। ୟୁରୋପିଆନ୍ ୟୁନିୟନ୍ (ଇୟୁ) ବା ୟୁରୋପୀୟ ସଂଘ ଟ୍ରାନ୍ସ ଆଟ୍‌ଲାଣ୍ଟିକ୍ ସହଯୋଗ ( ଆଟ୍‌ଲାଣ୍ଟିକ୍ ମହାସାଗର ଉଭୟ ପାଖରେ ରହିଥିବା ଦେଶଗୁଡ଼ିକ ମଧ୍ୟରେ ସାମାଜିକ , ଆର୍ଥିକ, ସାଂସ୍କୃତିକ ଓ ଐତିହାସିକ ସମ୍ପର୍କ ରକ୍ଷା)କୁ ଦୃଢ଼ କରିବାକୁ ଚାହୁଁଛି। ଚାଇନାକୁ ବାଦ ଦେଇ କିମ୍ବା ସହଯୋଗକୁ ସୁରକ୍ଷିତ ରଖିବାକୁ ପୂର୍ବରୁ ଥିବା ଏକ ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ଅଣଦେଖା କରି କିପରି ଏହା କରାଯାଇ ପାରିବ, ତା' ଉପରେ ସର୍ବସହମତି ହୋଇପାରି ନାହିଁ। ୟୁରୋପିଆନ୍ ସରକାରଗୁଡ଼ିକ ମଧ୍ୟ ଏକ ସଦସ୍ୟ ଭାବେ ଆମେରିକାର ବିଶ୍ୱସନୀୟତାକୁ ଠିକ୍ ଭାବେ ଗ୍ରହଣ କରୁନାହାନ୍ତି। ବାଇଡେନ୍ ଟ୍ରାନ୍ସ ଆଟ୍‌ଲାଣ୍ଟିକ୍ ସମ୍ପର୍କର ମୂଲ୍ୟାୟନ କରିପାରନ୍ତି, କିନ୍ତୁ ପୂର୍ବତନ ରାଷ୍ଟ୍ରପତି ତାହା କରି ନ ଥିଲେ। କିଏ କହିବ, ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି କିଏ ହେବେ। ସମ୍ଭବତଃ ଡୋନାଲ୍ଡ ଟ୍ରମ୍ପ୍ ହେବାର ସମ୍ଭାବନା ରହିଛି। ଏଭଳି ଦ୍ୱନ୍ଦ୍ୱ ଇୟୁକୁ ତା' 'ଷ୍ଟ୍ରାଟେଜିକ୍ ଅଟୋନୋମୀ' ବା ଅନ୍ୟ ଦେଶ ଉପରେ ନିର୍ଭର ନ କରି ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ପସନ୍ଦର ବୈଦେଶିକ ନୀତି ଗ୍ରହଣ କରିବା ଦୃଷ୍ଟିକୋଣ ଆପଣାଇବାରେ ମୁଖ୍ୟତଃ ପ୍ରେରିତ କରୁଛି।

ଏହା ମଧ୍ୟ ସତ, ଚାଇନାକୁ ନିୟନ୍ତ୍ରଣ କରବାକୁ ଟ୍ରାନ୍ସଆଟ୍‌ଲାଣ୍ଟିକ୍ କୋଲାବରେଶନ ବା ସହଯୋଗ ପାଇଁ ସୁଯୋଗ ରହିଛି। ତେବେ ଏଭଳି ସହଯୋଗକୁ ଆଗକୁ ବଢାଇବା ଲାଗି ଆବଶ୍ୟକ ପଦକ୍ଷେପ ଏବେ ଚାଲୁରହିଛି। ଚାଇନା ଉପରେ ୟୁଏସ୍– ଇୟୁ ଆଲୋଚନା ଏବଂ ୟୁଏସ୍– ଇୟୁ ଟ୍ରେଡ୍ ଆଣ୍ଡ ଟେକ୍‌ନୋଲୋଜି କାଉନ୍‌ସିଲ ଭଳି ପଦକ୍ଷେପ ନିଆଯାଇଛି। ଚାଇନାର ଅଣପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟିକ ଓ ବାଣିଜ୍ୟିକ କାରବାରକୁ ପ୍ରତିହତ କରିବା ଏବଂ ନିବେଶଗତ କଟକଣା ଲଗାଇବା ସକାଶେ ସମ୍ମିଳିତ ପଦକ୍ଷେପ ଆବଶ୍ୟକ। ଚାଇନାକୁ ନେଇ ଏବେ ୟୁଏସ୍– ଇୟୁ କାର୍ଯ୍ୟସୂଚୀ ଖୁବ୍ ମହତ୍ତ୍ୱାକାଂକ୍ଷୀ ହୋଇପାରେ। ସହଯୋଗଭିତ୍ତିକ ଲାଭକୁ ବୃଦ୍ଧି କରିବା ଲାଗି ସମ୍ପୂର୍ଣ୍ଣ ଧ୍ରୁବୀକରଣ ଆବଶ୍ୟକ। ଏହି କାର୍ଯ୍ୟସୂଚୀ ପ୍ରମୁଖ କ୍ଷେତ୍ରରେ ଆମେରିକା ଏବଂ ୟୁରୋପରେ ଥିବା ବୈଧାନିକ ବ୍ୟବସ୍ଥାଗୁଡ଼ିକର ଭିନ୍ନତା ଏବଂ କମ୍ପାନୀ, ସେବା ଓ ଉତ୍ପାଦ ଜନିତ ବିପଦକୁ ଦୂର କରିପାରିବ। କିନ୍ତୁ ଏହା ଅତ୍ୟନ୍ତ ମନ୍ଥର ରହିଛି। ଏହି କାରଣରୁ ଚାଇନା ଦୃଷ୍ଟିରୁ ଉଲ୍ଲେଖନୀୟ ସାମରିକ ଏବଂ ସୁରକ୍ଷା ସହଯୋଗରେ ଆଗକୁ ସଫଳ ହେବାର ସମ୍ଭାବନା କମ୍ ରହିଛି। ଏହା ଉପରେ ୟୁରୋପୀୟ ଦେଶଗୁଡ଼ିକ କିଛି ପଦକ୍ଷେପ ନେଇଥିବା ସଙ୍କେତ ଦେଇଥିବାବେଳେ ନିକଟରେ ଜର୍ମାନୀ ଦକ୍ଷିଣ ଚାଇନା ସାଗରରେ ମୁକ୍ତ ଯାତାୟାତର ଅଧିକାର ସାବ୍ୟସ୍ତ କରିବାକୁ ତା' ୱାରଶିପ୍ ବେୟର୍ନକୁ ପ୍ରଦର୍ଶିତ କରିଛି।

କେବଳ ଏକମାତ୍ର ୟୁରୋପିଆନ୍ ଦେଶ ଭାବେ ଫ୍ରାନ୍ସ ଇଣ୍ଡୋ ପାସିଫିକ୍‌ରେ ଅଧିକ ସେନା ମୁତୟନ କରିଛି। ଆମେ ଚାଇନା ସହ ପ୍ରତିଦ୍ୱନ୍ଦ୍ୱିତାର ଗୁରୁତ୍ୱକୁ ଅଣଦେଖା କରୁନାହୁଁ, ଯାହା ଅତି ଭୟଙ୍କର ହୋଇପାରେ ଏବଂ ତଜ୍ଜନିତ ବିପଦର ଲଗାତର ମୂଲ୍ୟାୟନ କରାଯିବା ଦରକାର ବୋଲି ନିକଟରେ ଫ୍ରାନ୍ସର ବୈଦେଶିକ ମନ୍ତ୍ରୀ ଜିନ୍ ୟେଭେସ ଲି ଡ୍ରାଏନ କହିଥିଲେ। ଏଥିରେ ଇଚ୍ଛୁକ ଦେଶଗୁଡ଼ିକୁ ସାମିଲ କରିବାକୁ ରଣନୀତିରୁ ସୈନ୍ୟକରଣରୁ ଦୂରେଇ ରହିବାକୁ ଚେଷ୍ଟା କରୁଛୁ। ଚାଇନା ବିରୋଧରେ ପଦକ୍ଷେପ ନେବା ଲାଗି ଏଭଳି ଅନିଚ୍ଛା ଆଗକୁ ଦୃଢ଼ ରହିବ। ଜର୍ମାନୀର ନୂଆ ସରକାର କିଛି ମଜଭୁତ ପଦକ୍ଷେପ ନେବାର ସମ୍ଭାବନା ରହିଛି। ଜର୍ମାନୀ ଚାନସେଲର ଓଲାଫ ସ୍କୋଲୋଜ ସ୍ପଷ୍ଟ କରିଛନ୍ତି ଯେ, ଚାଇନା ଉପରେ ନିଆଯାଉଥିବା ସବୁ ପଦକ୍ଷେପ ଉପରେ ସିତର୍କତାର ସହ ବିଚାର କରି ପଦକ୍ଷେପ ଗ୍ରହଣ କରାଯିବା ଉଚିତ ଏବଂ ଏକ ସହଯୋଗଭିତ୍ତିକ ପଦକ୍ଷେପର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଏହା କରାଯିବା ଦରକାର। ଏଣୁ ନିକଟ ଭବିଷ୍ୟତରେ ଚାଇନା ସହ ଜର୍ମାନୀ ସମ୍ପର୍କ ଆରମ୍ଭ କରିବ ବୋଲି ଆଶା କରିବା ଉଚିତ ନୁହେଁ। ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ ଆମେରିକାକୁ ନେଇ ଗଠିତ ସୁରକ୍ଷା ବୁଝାମଣା 'ଅକୁସ୍'ରେ ବାସ୍ତବ ସ୍ଥିତିକୁ ବିଚାର ନ କରି ଫ୍ରାନ୍ସକୁ ବାହାରେ ରଖାଯାଇଛି। ଫଳରେ ଫ୍ରାନ୍ସ ଏକ ମୁଖ୍ୟ ସୁରକ୍ଷା ଚୁକ୍ତିରେ ରହିପାରିଲା ନାହିଁ। କେବଳ ଏତିକି ନୁହେଁ ଏହା ମଧ୍ୟ ଇଣ୍ଡୋପାସିଫିକ୍‌ରେ ଆମେରିକା– ୟୁରୋପ ସାମରିକ ସହଯୋଗକୁ ସୀମିତ କରିବା ସହ ଏହା ଶକ୍ତିକୁ କମ୍ କରିଛି। କିନ୍ତୁ ଟ୍ରାନ୍ସଆଟ୍‌ଲାଣ୍ଟିକ୍ କୋ–ଅପରେଶନ ଏକମାତ୍ର ବାଟ ଯେଉଁଥିରେ ୟୁରୋପ ହିଁ ଆମେରିକା– ଚାଇନା ସମ୍ପର୍କକୁ ପ୍ରଭାବିତ କରିପାରିବ ଏବଂ ବଢୁଥିବା ବିପଦକୁ ହ୍ରାସ କରିପାରିବ। ରଣନୀତି ପ୍ରସ୍ତୁତକାରୀମାନେ ଏବେ ଇତିହାସରୁ ଶିକ୍ଷା ନେବା ଲାଗି ଚେଷ୍ଟା କରୁଛନ୍ତି। ଦୁଇପକ୍ଷକୁ ଏକ ସମ୍ଭାବ୍ୟ ଯୁଦ୍ଧରୁ ଦୂରେଇ ରଖିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହି କ୍ଷେତ୍ରରେ ୟୁରୋପ ହିଁ ସାହାଯ୍ୟ କରିପାରିବ।

ୟୁରୋପୀୟ ସଂଘ ହେଲ୍‌ସିନିକ ପ୍ରୋସେସ ଭଳି ଏକ କୂଟନୈତିକ ଅଭିଯାନ ଆରମ୍ଭ କରିବାକୁ ହେଲେ ତାକୁ ବିଚାର କରିବାକୁ ହେବ। ୧୯୭୦ରେ ହେଲ୍‌ସିନିକ ପ୍ରୋସେସ ସୋଭିଏଟ ଏବଂ ୱେଷ୍ଟର୍ନ ବ୍ଲକ୍ ମଧ୍ୟରେ ଉତ୍ତେଜନା କମ୍ କରିଥିଲା। ଏଭଳି ପ୍ରୋସେସରେ ୟୁରୋପ ବିପଦ ଟାଳିବା, ଯୁଦ୍ଧ ତୀବ୍ରତା ହ୍ରାସ କରିବା ଏବଂ ସଙ୍କଟଜନକ ସ୍ଥିତିର ନିୟନ୍ତ୍ରଣ କରିବାକୁ ପ୍ରୋତ୍ସାହିତ କରିବ । ଏହାସହ ଏକ ସମ୍ଭାବ୍ୟ ସଶସ୍ତ୍ର ସଂଘର୍ଷ ଏଡାଇବା ଲାଗି ଏହିଭଳି ପ୍ରୋସେସରେ ୟୁରୋପ ବୁଝାମଣାରେ ମଧ୍ୟସ୍ଥି କରିପାରିବ। ବିଶ୍ୱସ୍ତ ଏବଂ ସ୍ୱଚ୍ଛ ମଧ୍ୟସ୍ଥ ଭାବେ ୟୁରୋପୀୟ ଦେଶଗୁଡ଼ିକର ଖ୍ୟାତି ରହିଥିବାରୁ ଏହି ପ୍ରସଙ୍ଗରେ ଇଣ୍ଡୋ ପାସିଫିକ୍‌ରେ ସୀମିତ ସାମରିକ ଶକ୍ତି ମୁତୟନ ଲାଭଦାୟକ ହୋଇପାରିବ। ତୁଳନାତ୍ମକ ଭାବେ ଦେଖିଲେ ଇୟୁର ଅଧିକ ଭାଗୀଦାରି ରହିଲେ ତାଇୱାନ ଏବଂ ଦକ୍ଷିଣ ଚାଇନା ସାଗରକୁ ନେଇ ସୃଷ୍ଟି ହୋଇଥିବା ଜଟିଳ ସମସ୍ୟାରେ ମଧ୍ୟସ୍ଥି କରିବା ଭଲ ହୋଇପାରେ। ଏବେ ଆମେରିକା ଓ ଚାଇନା ନିୟମିତ ଅତି ନିକଟରେ ସେମାନଙ୍କ ସାମରିକଶକ୍ତି ପ୍ରଦର୍ଶନ କରୁଛନ୍ତି ଏବଂ ଗଣନା ଭୁଲ ହୋଇଗଲେ ଏହା ଯୁଦ୍ଧ ରୂପ ନେବାର ଆଶଙ୍କା ରହିଛି।

ଯେତେ କଠିନ ହେଲେ ମଧ୍ୟ ଯୁଦ୍ଧ ଟାଳିବାକୁ ଏକ ନକ୍ସା ପ୍ରସ୍ତୁତ କରିବା କାର୍ଯ୍ୟରେ ଅନ୍ୟମାନଙ୍କ ତୁଳନାରେ ୟୁରୋପର ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ଅତୀତରେ ଏହା ଲଗାତର ପ୍ରଦର୍ଶନ କରିଛି। ୟୁରୋପିଆନ କମିଶନ ଏବଂ ୟୁରୋପିଆନ ଦେଶଗୁଡ଼ିକ ବହୁପକ୍ଷୀୟ ରପ୍ତାନି ନିୟନ୍ତ୍ରଣ କ୍ଷେତ୍ରରେ ବହୁ ପକ୍ଷୀୟ ରପ୍ତାନି ନିୟନ୍ତ୍ରଣ ବ୍ୟବସ୍ଥା ଯୋଗାଇ ଦେବାରେ ପ୍ରମୁଖ ଭୂମିକା ନେଇଥଲେ। ୟୁରୋପ ମଧ୍ୟ ଆଣବିକ କାର୍ଯ୍ୟକ୍ରମକୁ ନେଇ ଇରାନ ସହ ବୁଝାମଣା କରିବାରେ ମୁଖ୍ୟ ଭୂମିକା ନେଇଛି। ବିଶେଷକରି ନିକଟରେ ଚାଇନା ଏବଂ ଇୟୁ ମଧ୍ୟରେ ବଢୁଥିବା ଉତ୍ତେଜନାକୁ ଦେଖିଲେ ଇୟୁ ଇଣ୍ଡୋ ପାସିଫିକ୍‌ରେ ଯୁଦ୍ଧ ଟାଳିବା ଅଭିଯାନର ନେତୃତ୍ୱ ନେବା ନିର୍ଦ୍ଦିଷ୍ଟତା ନାହିଁ। କିନ୍ତୁ ଏକ ସମ୍ମିଳିତ ପଦକ୍ଷେପ ନେଇ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ବଢାଇବାରେ ସହାୟକ ଅନ୍ତର୍ଜାତୀୟ ନିୟମକୁ ଅଧିକ ଶକ୍ତିଶାଳୀ କରିବାରେ ଇୟୁ ପଦକ୍ଷେପ ନେଇପାରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି,ଇୟୁ ମହାଶକ୍ତି ମଧ୍ୟରେ ଯୁଦ୍ଧ ଟାଳିବାକୁ ଉପଯୁକ୍ତ ବାଟ କଢ଼ାଇ ନେଇଥାଏ, ଯାହା ଏଠାରେ କରିପାରିବ।ଏଥିପାଇଁ କ'ଣ ୟୁରୋପୀୟ ସଂଘ ଗଠନ କରାଯାଇ ନ ଥିଲା କି?

## ଏଇ ଭାରତରେ

ପ୍ଲାଷ୍ଟିକ ସାମଗ୍ରୀ ପରିବେଶ ପ୍ରଦୂଷଣ କରୁଥିବା ବେଳେ ଏହାର ବିକଳ୍ପ ଜିନିଷ ଆଖୁ ବର୍ଜ୍ୟରୁ ପ୍ରସ୍ତୁତ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଉତ୍ତରପ୍ରଦେଶର ବେଦ କ୍ରିଷ୍ଣ। ଅଯୋଧ୍ୟାରେ 'ୟାଶ ପକ୍କା' କମ୍ପାନୀର ଷ୍ଟ୍ରାଟେଜିକ୍ ହେଡ୍ ବା ମୁଖ୍ୟ ବେଦ କ୍ରିଷ୍ଣଙ୍କ ଦ୍ୱାରା ଏଭଳି ସଫଳତା ମିଳିପାରିଛି। ଏହି କମ୍ପାନୀ ପକ୍ଷରୁ ଆଖୁ ବର୍ଜ୍ୟରୁ ପ୍ରାପ୍ତ ଫାଇବର ପେଷ୍ଟରୁ ଟେବୁଲୱେର (ଗିନା, ପ୍ଲେଟ, ଟ୍ରେ ଏବଂ କପ୍) ଆଦି ପ୍ରସ୍ତୁତ କରାଯାଉଛି। ଏହିସବୁ ଜିନିଷ ବ୍ୟବହାର ପରେ ୨ ମାସ ଭିତରେ ମାଟିରେ ସମ୍ପୂର୍ଣ୍ଣ ମିଶିଯାଉଛି। ଏହା ଫୁଡ୍ ଇଣ୍ଡଷ୍ଟ୍ରିରେ ପ୍ଲାଷ୍ଟିକର ବ୍ୟବହାର ରୋକିବା ସହ ପରିବେଶକୁ ଉପକାର ପହଞ୍ଚାଉଛି। ଅଯୋଧ୍ୟାର ଦେଢଶହ କି.ମି. ପରିଧିରେ ଚାଷୀମାନଙ୍କଠାରୁ ଆଖୁ ବର୍ଜ୍ୟ ସଂଗ୍ରହ କରାଯାଉଛି। ସେଥିରୁ ଅର୍ଦ୍ଧକଠିନ ବା ପେଷ୍ଟ ଆକାରର ଫାଇବର ପ୍ରସ୍ତୁତ କରାଯାଇ ସେଥିରୁ ବିଭିନ୍ନ ପ୍ରକାର ଜିନିଷ ତିଆରି ହେଉଛି। ଏବେ ୧୦,୦୦୦ ଟନ୍ ଓଜନର ବିଭିନ୍ନ ପ୍ରକାର ଜିନିଷ ପ୍ରସ୍ତୁତ କରାଯାଉଛି। ଦିନକୁ ୧୦ ଲକ୍ଷ ଟେବୁଲୱେର୍ ତିଆରି କରାଯାଉଛି । ଆଖୁ ବର୍ଜ୍ୟର ଫାଇବରରୁ ମଧ୍ୟ କାଗଜ ପ୍ରସ୍ତୁତ କରାଯାଉଛି। କେବଳ ଏତିକି ନୁହେଁ ବାୟୋମାସରେ ଚାଲୁଥିବା ୮.୫ ମେଗାୱାଟ୍ ବିଦ୍ୟୁତ୍ ପ୍ଲାଣ୍ଟରୁ ମିଳୁଥିବା ଶକ୍ତିକୁ ଉକ୍ତ କାର୍ଯ୍ୟରେ ବ୍ୟବହାର କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଡିସେମ୍ବର ୧୯୯୬

- ଆଲଜେରିଆ ରାଜଧାନୀ ଆଲଜିୟର୍ସର ୧୨୦ କିଲୋମିଟର ଦକ୍ଷିଣ–ପଶ୍ଚିମରେ ଅବସ୍ଥିତ ଏଇନ୍–ଡେଫ୍ଲା ପ୍ରଦେଶର ଏକ ଗ୍ରାମ ଉପରେ ମୁସ୍‌ଲିମ୍ ମୌଳବାଦୀମାନଙ୍କ ଆକ୍ରମଣରେ ୨୮ ଗ୍ରାମବାସୀ ନିହତ।
- କଂଗ୍ରେସ ସଂସଦୀୟ ଦଳର ନୂଆ ନେତା ନିର୍ବାଚନ ପରିପ୍ରେକ୍ଷୀରେ ଦଳର ୫୦ ଜଣ ସଦସ୍ୟଙ୍କ କଂଗ୍ରେସ ସଂସଦୀୟ କାର୍ଯ୍ୟକାରୀ ଗୋଷ୍ଠୀ ନାମରେ ନୂଆ ଗୋଷ୍ଠୀ ଗଠନ।
- ଚାନ୍ଦିପୁରସ୍ଥିତ ମଧ୍ୟବର୍ତ୍ତୀକାଳୀନ ପରୀକ୍ଷାକେନ୍ଦ୍ର ଆଇଟିଆର୍‌ଠାରେ ଭୂପୃଷ୍ଠରୁ ଆକାଶଗାମୀ କ୍ଷେପଣାସ୍ତ୍ର ତ୍ରିଶୂଳର ସଫଳ ପରୀକ୍ଷଣ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | | | 9 |
| 6 | | | 5 | | 3 | | 8 | |
| | | | | | 1 | 6 | 2 | |
| 9 | | | 1 | | | | | 5 |
| | 2 | | | | | | | |
| | | | | | 6 | 7 | | |
| | | 4 | | | | 3 | | 2 |
| | | 8 | | 9 | 4 | | | |
| 7 | 6 | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହିର ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 9 | 5 | 7 | 8 | 1 | 2 | 6 |
| 1 | 6 | 7 | 9 | 2 | 4 | 5 | 3 | 8 |
| 5 | 8 | 2 | 3 | 6 | 1 | 7 | 9 | 4 |
| 9 | 4 | 8 | 7 | 1 | 6 | 2 | 5 | 3 |
| 6 | 1 | 3 | 2 | 4 | 5 | 8 | 7 | 9 |
| 7 | 2 | 5 | 8 | 3 | 9 | 6 | 4 | 1 |
| 3 | 5 | 6 | 4 | 8 | 7 | 9 | 1 | 2 |
| 8 | 7 | 4 | 1 | 9 | 2 | 3 | 6 | 5 |
| 2 | 9 | 1 | 6 | 5 | 3 | 4 | 8 | 7 |

ଗତକାଲିର ଉତ୍ତର

# ଶିକ୍ଷା ବ୍ୟବସ୍ଥାର ଗତି ଓ ସ୍ଥିତି


ପ୍ରମୋଦ କୁମାର ପଣ୍ଡା

ସେ ଯାହାବି ହେଉ ଅନେକ ଦିନ ପରେ ସରକାର ଯେତେବେଳେ ଶିକ୍ଷାବିଭାଗ ପ୍ରତି ଦୃଷ୍ଟି ଦେଇଛନ୍ତି ଜନସାଧାରଣଙ୍କ ମନରେ ଆଶା ସଂଚାର ହେବା ସ୍ୱାଭାବିକ। ମୋ ସ୍କୁଲ ଅଭିଯାନ ହେଉ କି ପୋଷ୍ୟ ସ୍କୁଲ କାର୍ଯ୍ୟକ୍ରମ ହେଉ ଅଥବା ୫–ଟି ଅନ୍ତର୍ଭୁକ୍ତ କରି ବିଦ୍ୟାଳୟର ରୂପାନ୍ତରଣ ହେଉ ନିଶ୍ଚିତ ଭାବରେ ତାହା ବିଦ୍ୟାଳୟର ବିକାଶ ପାଇଁ ଉଦ୍ଦିଷ୍ଟ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ। ଦିନକୁଦିନ ବିଦ୍ୟାଳୟଗୁଡ଼ିକ ଶଁଅବାଳୁଆରୁ ପ୍ରଜାପତି ହେବାଭଳି ରୂପାନ୍ତର ହେବା ଦେଖାଯାଉଛି। ପିଲାଏ ନୂତନ ଢଙ୍ଗରେ ପାଠ ପଢ଼ିବେ, ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଘଟିବ, ଏହା ଠିକ୍ କଥା, ଅବଶ୍ୟ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦିଷ୍ଟ କେତୋଟି ବିଦ୍ୟାଳୟ ଉପକୃତ ହେଉଥିବାରୁ ଅବଶିଷ୍ଟ ଆଶା ବାନ୍ଧି ବସିଛନ୍ତି, ହୁଏତ ଆଗାମୀ ଦିନରେ ତାଙ୍କ ପାଳି ବି ପଡ଼ିବ। ଏହା ସ୍ୱାଭାବିକ, ହେଲେ ଆଗାମୀ ଦିନକୁ ଅପେକ୍ଷା କରିବାକୁ ତ ହେବ, ମାତ୍ର ଆଉ ଏକ ବିଡ଼ମ୍ବନାର କଥା– 'ଗୋଦରା କୋଡ଼େ ଯେତେ ମାଡ଼େ ସେତେ' ନ୍ୟାୟରେ ଆମ ସରକାରଙ୍କ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପାତରଅନ୍ତର ନୀତିକୁ ସାଧାରଣ ଜନତା ନାପସନ୍ଦ କରୁଛନ୍ତି। କାରଣ ଗୋଟିଏ ପଟେ କିଛି ସ୍କୁଲର ରୂପାନ୍ତରଣ କରାଯାଉଥିବାବେଳେ ତା' ନିକଟସ୍ଥ ଆଉ ଏକ ବିଦ୍ୟାଳୟ ଶିକ୍ଷକ ଶୂନ୍ୟହୋଇ ବନ୍ଦ ହେବାକୁ ବସିଲାଣି । ସାଧାରଣତଃ ପିଲାଟି ତା' ଘର ପାଖରେ ଥିବା ବିଦ୍ୟାଳୟରେ ପାଠ ପଢ଼ିଥାଏ, ସେ ବିଦ୍ୟାଳୟଟି କେଉଁ ବର୍ଗର ତାହା ପିଲାଟି ଜାଣିବ କାହିଁକି ? ସମାନ ପାଠ, ସମାନ ଡ୍ରେସ, ସମାନ ସମୟ ନିର୍ଘଣ୍ଟ, ସମାନ ପ୍ରଶ୍ନପତ୍ର, ସମାନ ପରୀକ୍ଷା ଆଉ ପାସ୍ କଲା ପରେ ସମାନ ସାର୍ଟିଫିକେଟ। ହେଲେ ସ୍କୁଲ ଭିନ୍ନ ଭିନ୍ନ ବର୍ଗର । ଆଉ ତା' ଭିତରେ କେଉଁଟା ସରକାରୀ ଆଉ କେଉଁଟା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ତାହା ପିଲା ତ ପିଲା ତା' ବାପାବୋଉ ବି ବୁଝିବା କଷ୍ଟକର ବ୍ୟାପାର। କାରଣ ଗୋଟିଏ ସ୍କୁଲରେ ତେଲିଆ ମୁଣ୍ଡରେ ତେଲ ଢାଳିବା ଭଳି ସବୁ ଠିକ୍‌ଠାକ୍ ଥାଇବି ମାର୍ବଲ ଭାଙ୍ଗି ପୁଣି ନୂଆ ମାର୍ବଲ ବିଛା ଯାଉଥିବା ବେଳେ ଆଉ କେଉଁ ସ୍କୁଲରେ ଶୌଚାଳୟଟେ ବି ନାହିଁ।

ଲୋକମାନେ ବିଗତ ୩୮/୪୦ ବର୍ଷ ତଳେ ସେ ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ନିୟମାନୁସାରେ ବିଭିନ୍ନ ପଞ୍ଚାୟତରେ କିମ୍ବା ୩/୪ଟି ପଞ୍ଚାୟତକୁ ନେଇ ହାଇସ୍କୁଲ ମାନ ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ସେହି ବିଦ୍ୟାଳୟଗୁଡ଼ିକ ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇ ସରକାରୀ ପୂର୍ଣ୍ଣ ଅନୁଦାନ ପାଇ ଆସୁଛନ୍ତି। ପ୍ରବାଦପୁରୁଷ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏହିଭଳି ବିଦ୍ୟାଳୟଗୁଡ଼ିକ ସରକାରୀକରଣ ପାଇଁ ଘୋଷଣା କଲେ, ଫଳରେ ୭।୬।୧୯୯୪ ସୁଦ୍ଧା ପୂର୍ଣ୍ଣାନୁଦାନ ପାଇଥିବା ସମସ୍ତ ବିଦ୍ୟାଳୟ ସରକାରୀ ମାନ୍ୟତା ପାଇଲା। କିନ୍ତୁ କିଛି ବିଦ୍ୟାଳୟ ବିଭିନ୍ନ କାରଣରୁ ଏଥିରୁ ବଞ୍ଚିତ ହୋଇ ରହିଗଲେ, ଯଦ୍ୱାରା ସେତେବେଳେ ୨୯୨୯ ବିଦ୍ୟାଳୟ ସରକାରୀ ହେଲେ ଓ ପରେ କିଛି ଯୋଡ଼ିହେଲେ। ମାତ୍ର ୧।୬।୧୯୯୪ରୁ ପୂର୍ଣ୍ଣ ଅନୁଦାନ ପାଇଥିବା ଓ ଠିକ୍ ସମୟ ମଧ୍ୟରେ କାଗଜପତ୍ର ହସ୍ତାନ୍ତର କରିପାରି ନ ଥିବା କିଛି ସ୍କୁଲ ୭।୬।୧୯୯୪ରେ ପୂର୍ଣ୍ଣ ଅନୁଦାନ ପାଇଥିଲେ ମଧ୍ୟ ସରକାରୀ ହୋଇ ନ ପାରି ଏ ପର୍ଯ୍ୟନ୍ତ ସାହାଯ୍ୟପ୍ରାପ୍ତ ଅନୁଷ୍ଠାନ ହୋଇ ରହିଛନ୍ତି। ତେଣୁ ଏଯାବତ୍ ସେମାନେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ (Full GI . A)ଭାବରେ ରହିଛନ୍ତି। ଅବଶ୍ୟ ଏହି ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକମାନେ ସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କ ସଙ୍ଗେ ସମାନ ଦରମା, ପେନ୍‌ସନ ଆଦି ପାଉଛନ୍ତି। କିନ୍ତୁ ୭।୬।୧୯୯୪ରେ ସରକାରୀକରଣ ପରେ ସରକାରୀ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ରହିଥିବା ଖାଲି ପଦବୀ ଆଉ ପୂରଣ କରାଗଲା ନାହିଁ। କେବଳ ସରକାରୀ ବିଦ୍ୟାଳୟଗୁଡ଼ିକ ପାଇଁ ଶିକ୍ଷକ ନିଯୁକ୍ତି କରାଯାଉଥିବା ବେଳେ ପୂର୍ବରୁ ସିଲେକଶନ ବୋର୍ଡ ମାଧ୍ୟମରେ ସରକାରୀ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଯେଉଁ ନିଯୁକ୍ତି ଦିଆଯାଉଥିଲା ତାହା ଶୀତଳଭଣ୍ଡାରରେ ରହିଗଲା, ଯଦ୍ୱାରା ଦୀର୍ଘ ବର୍ଷ ଧରି ଆଦୌ ଶିକ୍ଷକ ନିଯୁକ୍ତି ନ ହେବା ଫଳରେ ଅନେକ ପୁରାତନ ଲବ୍ଧପ୍ରତିଷ୍ଠିତ ବିଦ୍ୟାଳୟ ମଧ୍ୟ ଶିକ୍ଷକ ଶୂନ୍ୟ ହୋଇ ବନ୍ଦ ହେବାକୁ ବସିଲାଣି। ବର୍ଷକୁ ବର୍ଷ ଶିକ୍ଷକମାନେ ଅବସର ନେଉଥିଲାବେଳେ ନୂତନ ନିଯୁକ୍ତି ଆଦୌ ନାହିଁ।

ଏ ସମସ୍ୟାକୁ ଅତି ସହଜ ସରଳ ଭାବରେ ବୋଧଗମ୍ୟ ହେବା ପାଇଁ ଗୋଟିଏ ବିଦ୍ୟାଳୟର ଉଦାହରଣ ଉପସ୍ଥାପନ କଲେ ସମସ୍ତେ ସବୁକଥା ବୁଝିଯିବେ। ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର ଜିଲା (କେବିକେ ଅଞ୍ଚଳ) ବିନିକା ବ୍ଲକ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ସିଙ୍ଘିଯୁବା ୧୯୮୪ରେ ସ୍ଥାପିତ ହୋଇ ଚାରିଗୋଟି ପଞ୍ଚାୟତର ପିଲା ପାଠପଢି ଆସୁଥିଲେ। ଏବେ ମଧ୍ୟ ୩ଟି ପଞ୍ଚାୟତର ପିଲାମାନେ ପାଠପଢୁଛନ୍ତି। ତାହା ୧।୩।୧୯୯୧ରେ ଅନୁଦାନପ୍ରାପ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇ ୧।୬।୧୯୯୪ଠାରୁ ସରକାରୀ ପୂର୍ଣ୍ଣ ଅନୁଦାନ ପାଇଆସୁଛି। ବିଦ୍ୟାଳୟର ଅବସ୍ଥିତି, ପରିବେଶ, ଶିକ୍ଷାଦାନ ଆଦି ପାଇଁ ଅନେକ ସରକାରୀ ସ୍କୁଲକୁ ପଛରେ ପକାଇ ଏକ ଅଗ୍ରଣୀ ବିଦ୍ୟାଳୟ ଭାବରେ ପରିଗଣିତ ହେଲା ଓ ପିଲା ସଂଖ୍ୟା ବୃଦ୍ଧି ପାଇ ୨୫୦–୩୦୦ ହେଲା। ତା'ର ସୁନ୍ଦର ପରିବେଶ, ବୃକ୍ଷରୋପଣ ତଥା ସଚେତନତା କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସରକାରଙ୍କଠାରୁ ୨୦୧୫ରେ ପ୍ରକୃତିମିତ୍ର ପୁରସ୍କାର ପାଇଲା। ପୁଣି ଏଠାରେ ଦୀର୍ଘ ୨୦ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ହୋଇ ଶାନ୍ତିଶୃଙ୍ଖଳା ସହ ପରିଚାଳିତ ହୋଇଆସୁଛି। ଏହି ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଫଳ ୯୭% ପର୍ଯ୍ୟନ୍ତ ଯାଇଛି ଓ ରାଜ୍ୟ ସରକାର ବିଦ୍ୟାଳୟର ମାଟ୍ରିକ ଫଳକୁ ଦେଖି ୨୦୧୮ରେ ଶ୍ରେଷ୍ଠ ବିଦ୍ୟାଳୟ ମାନ୍ୟତା ଦେବା ସହ ସରକାର ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ବିଦ୍ୟାଳୟ ଅନେକ କୃତୀ ଛାତ୍ରୀଛାତ୍ର ସୃଷ୍ଟି କରିଛି, ଯେଉଁମାନେ ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି ଓ ଅଞ୍ଚଳର ନେତୃତ୍ୱ ନେଉଛନ୍ତି। ମାତ୍ର ଏସବୁ ସତ୍ତ୍ୱେ ବିଦ୍ୟାଳୟର ଆୟୁଷ ଆଉ ୩/୪ ବର୍ଷ ମାତ୍ର। କାରଣ ଶିକ୍ଷକ ନିଯୁକ୍ତି କଥାକୁ ସରକାର ସମ୍ପୂର୍ଣ୍ଣ ଅଣଦେଖା କରି ଦେଇଛନ୍ତି ଓ ଅନେକ ଶିକ୍ଷକ ଅବସର ନେଲେଣି। ୨/୪ ବର୍ଷ ଭିତରେ ସମସ୍ତେ ଅବସର ନେଇଯିବେ ଓ ବିଦ୍ୟାଳୟଟି ଶିକ୍ଷକଶୂନ୍ୟ ହୋଇଯିବ। ତେବେ ମୋ ସ୍କୁଲ ଅଭିଯାନ କାହା ପାଇଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଲାଣି। ଏହା ଗୋଟିଏ ଉଦାହରଣ ମାତ୍ର, ରାଜ୍ୟରେ ଏପରି ୬୫୦ଟି ହାଇସ୍କୁଲ ଏଭଳି ସ୍ଥିତିରେ ଅଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ଜଣେ ଶିକ୍ଷକ ଅବସର ବେଳେ ଏକ ଲକ୍ଷ ଟଙ୍କା ପାଖାପାଖି ଦରମା ପାଉଥାନ୍ତି, ଆଉ ସରକାର ଚୁକ୍ତିଭିତ୍ତିକ ଭାବରେ ଯୁବତୀଯୁବକମାନଙ୍କୁ ନବନିଯୁକ୍ତି ପ୍ରଦାନ କଲେ ସେତିକି ଟଙ୍କାରେ ଆଠ ଦଶଜଣ ଶିକ୍ଷକଙ୍କୁ ଅର୍ଥାତ ସମସ୍ତ ଶିକ୍ଷକଙ୍କ ଦରମା ଭରଣା ହୋଇପାରିବ।

ମୋଟ ଉପରେ କହିବାକୁ ଗଲେ କଲେଜ ସ୍ତରରେ ଯେଭଳି ସିଲେକ୍ସନ ବୋର୍ଡ ମାଧ୍ୟମରେ ସାହାଯ୍ୟପ୍ରାପ୍ତ କଲେଜଗୁଡ଼ିକ ପାଇଁ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେଲାଣି, ସ୍କୁଲ ପାଇଁ ଥିବା ସିଲେକ୍ସନ ବୋର୍ଡକୁ ପୂର୍ବବତ୍ କାର୍ଯ୍ୟକ୍ଷମ କରି ନିୟମିତ ବ୍ୟବଧାନରେ ଶିକ୍ଷକ ନିଯୁକ୍ତି କରାଯାଉ ଓ ତାହାର ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରାଯାଉ, ଯଦ୍ୱାରା ରାଜ୍ୟର ଅନେକ ଶିକ୍ଷାନୁଷ୍ଠାନ ବଞ୍ଚିଯିବ ଓ ଜନସାଧାରଣ ମଧ୍ୟ ଉପକୃତ ହେବା ସାଙ୍ଗକୁ ସରକାରଙ୍କ ଉପରେ ଆସ୍ଥାପ୍ରକଟ କରିବେ। ପୁଣି ପର୍ଯ୍ୟାୟକ୍ରମେ ସମସ୍ତ ବିଦ୍ୟାଳୟକୁ ୫–ଟି ଅନ୍ତର୍ଭୁକ୍ତ କରାଯାଉ ଓ ଜିଲା ସ୍ତରରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ଦକ୍ଷ ଅଭିଜ୍ଞ ଶିକ୍ଷକମାନଙ୍କୁ ନେଇ ଏକ କମିଟି ଗଠନ କରି ବିଦ୍ୟାଳୟଗୁଡ଼ିକୁ ଯାଇ ଶିକ୍ଷକମାନଙ୍କୁ ମାର୍ଗଦର୍ଶନ କରିବା ସହ ତ୍ରୁଟିବିଚ୍ୟୁତିକୁ ସଜଡାଯାଉ ଓ ଦକ୍ଷ ଶିକ୍ଷକମାନଙ୍କୁ ପୁରସ୍କୃତ କରାଯିବା ସହ କାର୍ଯ୍ୟରେ ଅବହେଳା କରୁଥିବା ଶିକ୍ଷକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏପରିକି ସରକାରୀ ସ୍ୱୀକୃତିପ୍ରାପ୍ତ, ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ବହି, ସାଇକେଲ ଓ ଷ୍ଟାଇପେଣ୍ଡ ଦିଆଯାଉ। ତାକୁ ବାଛବିଚାର କରି ବଞ୍ଚିତ କରା ନ ଯାଉ। ଏଭଳି ହେଲେ ସମସ୍ତ ବର୍ଗର ବିଦ୍ୟାଳୟର ଉନ୍ନତୀକରଣ ହେବାସହ ରାଜ୍ୟରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିବ।

ପ୍ରାକ୍ତନ ଜିଲା ସମ୍ପାଦକ, ଓଷ୍ଟା,ସୁବର୍ଣ୍ଣପୁର,
ମୋ: ୯୪୩୭୮୮୦୪୪୯

# ନଦୀର ମାନ୍ୟତା ଅପେକ୍ଷାରେ


ଅଭୟ କୁମାର ଦାସ

ଓଡ଼ିଶାର ଲାଇଫ୍‌ଲାଇନ୍ କୁହାଯାଉଥିବା ମହାନଦୀକୁ ନେଇ ଓଡ଼ିଶା ସହ ପଡ଼ୋଶୀ ଛତିଶଗଡ଼ ସହ ମୁହାଁମୁହିଁ ସ୍ଥିତି ଓ ମହାନଦୀର ସୁରକ୍ଷା ପାଇଁ ଅନେକ ଦାବି ପ୍ରତିବାଦ ଉଠୁଥିବାବେଳେ ଅନେକ ହୁଏତ ଜାଣିନାହାନ୍ତି ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବିଶେଷକରି ଉପକୂଳବର୍ତ୍ତୀ ଜିଲାର ଲାଇଫ୍‌ଲାଇନ୍ 'ଗୋବରୀ' ନଦୀ ଆଜି ନିଜର କେବଳ ପରିଚୟ ମାଗୁନି, ସୁରକ୍ଷା ଓ ପ୍ରତିଦାନକୁ ଆଶା କରି ଏକ ପ୍ରକାର ଚୁପ୍ ହୋଇ ବସିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ଆଶ୍ଚର୍ଯ୍ୟକର କଥା ହେଉଛି, ଅବିଭକ୍ତ କଟକ ଜିଲା ସହ ଅନ୍ୟ ଜିଲାର ପରିସୀମା ଭିତରେ ଏହି ନଦୀଟି ଛୋଟିଆ ହୋଇଥିଲେ ବି ଏହାକୁ ଏଯାବତ୍ ନଦୀର ମାନ୍ୟତା ମିଳିନି। ଜଳ ବହୁଲେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ ପରି ବର୍ଷାରେ ବେଳେବେଳେ ଅଦିନିଆ ବନ୍ୟା ବିପ୍ଲାତ ଦେଖାଉଥିବା ଏହି ଛୋଟ ନଦୀଟି ଖରାଦିନେ କ୍ଷୀଣ ସ୍ରୋତା ହୋଇ ପରିଶେଷରେ ଶୁଖିଲା ପଡ଼ିଥାଏ। ବର୍ଷାଋତୁରେ ଏହି ନଦୀର ବନ୍ୟାରେ ମାହାଙ୍ଗା ଓ ସାଲେପୁର ବ୍ଲକର ପାଖାପାଖି ୭୦ ଭାଗ ଚାଷଜମି ପ୍ରଭାବିତ ହେଉଛି। ଆଜି ପର୍ଯ୍ୟନ୍ତ ଡ୍ରେନେଜ୍ ବ୍ୟବସ୍ଥା ଅଭାବରୁ ଜଳ ନିଷ୍କାସନ ହୋଇପାରୁନି। ହଜାର ହଜାର ଏକର ଜମି ଜଳମଗ୍ନ ହେଉଛି ଓ ହଜାର ହଜାର କଚ୍ଚାଘର ଭାଙ୍ଗୁଛି। ପ୍ରତିବର୍ଷ କୋଟି କୋଟି ଟଙ୍କା ଡ୍ରେନେଜ୍ ସଫେଇ, ବନ୍ଧ ଖନନ ମାଧ୍ୟମରେ ଖର୍ଚ୍ଚ ହେଉଥିବା ସରକାରୀ ତଥ୍ୟରେ ଦର୍ଶାଯାଉଥିବା ବେଳେ ପ୍ରକୃତରେ ଗୋବରୀର ପୁନରୁଦ୍ଧାର ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଉନି। ବରଦିଆଠାରେ ଡ୍ରେନେଜ କଟ୍ କାମ ଆରମ୍ଭ ହୋଇଛି, କିନ୍ତୁ ତା' ବି ସରିପାରିନି। ସୂଚନା ଅନୁସାରେ, କଟକ ଜିଲା ସାଲେପୁର ବ୍ଲକର ୫/୬ଟି ପଞ୍ଚାୟତ ଓ ମାହାଙ୍ଗା ବ୍ଲକର ୧୮ଟି ପଞ୍ଚାୟତ ଦେଇ କେନ୍ଦ୍ରାପଡ଼ା ଜିଲାରେ ପ୍ରବେଶ କରିଛି ଗୋବରୀ। ଏହି ନଦୀକୂଳରେ ଅନେକ ତୀର୍ଥସ୍ଥାନ ଓ ସ୍ମୃତି ବିଜଡ଼ିତ କ୍ଷେତ୍ର ମଧ୍ୟ ରହିଛି। ଲଳିତଗିରି ପରି ବିଶ୍ୱପ୍ରସିଦ୍ଧ ବୌଦ୍ଧକ୍ଷେତ୍ର ଓ ଓଳାଶୁଣୀ ପାହାଡ଼ ରହିବା ସହିତ ପ୍ରତିବର୍ଷ ଓଳାଶୁଣୀ ଯାତ୍ରା ମଧ୍ୟ ଆୟୋଜନ ହେଉଛି। କିନ୍ତୁ ଏସବୁ ସତ୍ତ୍ୱେ ଆଜି ଯେତେବେଳେ ଦେଶ ନିଜର ସ୍ୱାଧୀନତାର ୭୩ ବର୍ଷ ପୂରଣ କରୁଛି, ସେ ସମୟରେ ଗୋବରୀ ନଦୀର ମାନ୍ୟତା ପାଇନି।

ଗୋବରୀ ନଦୀ କଥା ଚିନ୍ତା କଲାବେଳକୁ ଦୁଃଖ ଆସୁଛି। ଡ୍ରେନେଜ କାର୍ଡ଼ ୫୬ ସୁକ, ଗୋବରୀ ଓ ମଇଜରାକୁ ସ୍ଥାୟୀ ଖନନ, ସୁଦୃଢ଼ ବନ୍ଧ ନିର୍ମାଣ ଓ ବନ୍ଧରେ ବୃକ୍ଷରୋପଣ କରିବା ସହ ଏହାର ସ୍ଥାୟୀ ସମାଧାନ କଲେ ମାହାଙ୍ଗା ବ୍ଲକର ୭୦ ପ୍ରତିଶତ ଜନସାଧାରଣ ବନ୍ୟା ଏବଂ ମରୁଡ଼ିରୁ ରକ୍ଷା ପାଇବେ। ସେହିପରି ବର୍ଷାଦିନେ ଅସରାଏ ବର୍ଷା ହେଲେ ହଜାର ହଜାର ହେକ୍ଟର ଜମି ଜଳମଗ୍ନ ହୋଇ ଚାଷକୁ କ୍ଷତି ପହଞ୍ଚାଉଛି ଏବଂ ଖରାଦିନେ ପାଣି ନଦୀରେ ରହୁ ନ ଥିବାରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି। ମାହାଙ୍ଗା ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାରୁ ବନ୍ୟାଜଳ ନିଷ୍କାସନ ନ ହେବା ଫଳରେ ହଜାର ହଜାର କୃଷକ କ୍ଷତି ସହୁଛନ୍ତି। ଗୋବରୀର ଜଳସେଚନ ବ୍ୟବସ୍ଥା କେବଳ ଧାନ, ମୁଗ, ବିରି, ଆଖୁ ପାଇଁ ନୁହେଁ ; ଅନେକ ପନିପରିବା ଚାଷୀ ମଧ୍ୟ ନଦୀକୂଳରେ ଫସଲ କରି ଦୁଇପଇସା ରୋଜଗାର କରିଥାଏ। ସେହିପରି ବ୍ୟବସ୍ଥା ଭିତରେ ବର୍ଷ ବର୍ଷ ଧରି ଅଟକି ରହିଥିବା ପାଟନାଳୀ ସମସ୍ୟାର ସ୍ଥାୟୀ ପ୍ରତିକାର ହୋଇଗଲେ ଅନେକ ସୁଫଳ ମିଳନ୍ତା। ଗୋବରୀକୁ ନେଇ ଅନେକ ସମ୍ଭାବନା ରହିଥିଲେ ବି ତାକୁ ଠିକ୍ ଭାବରେ ବ୍ୟବହାର କରାଯାଉନି। ବର୍ଷା ହେଲେ ବନ୍ୟାଜଳରେ ଉଚ୍ଛୁଳୁଥିବା ହେଉଥିବା ଗୋବରୀରେ ଅନ୍ୟ ଦିନମାନଙ୍କରେ ଆଣ୍ଠୁଏ ପାଣି ବି ରହେନି। ଯଦି ଗୋବରୀର ପାଣିକୁ ସଠିକ୍ ନିୟନ୍ତ୍ରଣ କରାଯାଇପାରନ୍ତା, ତା'ହେଲେ ହଜାର ହଜାର ହେକ୍ଟର ଚାଷଜମି ଜଳସେଚିତ ହୋଇପାରନ୍ତା। ଗୋବରୀକୁ ନେଇ ଆଜି ପର୍ଯ୍ୟନ୍ତ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ କିଛି କରାଯାଇ ପାରି ନ ଥିବାରୁ ଆଗାମୀ ଦିନରେ କେବଳ ବର୍ଷା ହେଲେ ଗୋବରୀକୁ ଚିହ୍ନି ହେବ, ନଚେତ୍ ଗୋବରୀ ଏକ ଶୁଷ୍କ ନାଳ ହୋଇ ରହିଯିବ ବୋଲି ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଲାଣି। ଗୋଟିଏ ଜାତିର ଏକ ବୃତ୍ତିଗତ କ୍ଷେତ୍ର ପରିସୀମାର ଲୋକମାନଙ୍କ ଗୁଜରାଣ ହେଉଛି ଚାଷବାସ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ଚଷାପୁଅ ସ୍ୱାଭାବିକ ଭାବେ ମୁଣ୍ଡ ଝାଳ ତୁଣ୍ଡରେ ମାରି ମେହନତି କରିଥାଏ ଦୁନିଆକୁ ଦାନା ଯୋଗାଇବା ସହ ନିଜେ ନିଜ ପରିବାରକୁ ଭରଣପୋଷଣ କରିବା ପାଇଁ। ତେଣୁ ପ୍ରଶାସନ ପାଖରେ ଆବେଦନ ଜଣାଇଲେ ଏହି ନଦୀଟି ଶସ୍ୟ ଶ୍ୟାମଳାର ବହୁତ ବଡ଼ ଉପଲବ୍ଧି ଆମ ସମସ୍ତଙ୍କୁ ଦେଇପାରିବ। ଏ କ୍ଷେତ୍ରରେ ଅଭିଯୋଗ, ରାଜନୀତି ବା ପରସ୍ପର ପ୍ରତି କାଦୁଅଫିଙ୍ଗା ଛାଡ଼ି ସମସ୍ତେ ଏକ ମନ ଏକ ପ୍ରାଣ ହୋଇ ପ୍ରଶାସନ ପାଖରେ ଆବେଦନ ଜଣାଇଲେ ଏହା ନଦୀର ମାନ୍ୟତା ପାଇବା ସହ ଆମ ଅଞ୍ଚଳର ଅଭିବୃଦ୍ଧି ଓ ପ୍ରଗତିରେ ଆମମାନଙ୍କର ବଳିଷ୍ଠ ଅବଦାନ ମଧ୍ୟ ରହିବ।

– ଗୋତରା, ମାହାଙ୍ଗା, କଟକ
ମୋ: ୯୪୩୭୧୪୨୭୧୭

## ଚିରନ୍ତନୀ

କିପାଇଁ ଆସ ଯାଅ କିପାଇଁ
ନ କହ କିପାଁ ପଦେ ତ କଥା
କ୍ଷଣକେ ଚାହିଁ ଯାଅ ଉଭାଇ
ଚିରଦିନକୁ ଲଗାଇ ବ୍ୟଥା।

–(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କର୍ମୀଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ

ମହାଶୟ,

ରାଜନୈତିକ ଦଳର କର୍ମୀମାନଙ୍କର ସମ୍ପୃକ୍ତ ଦଳ ଓ ଜନସାଧାରଣଙ୍କ ପ୍ରତି ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି। ସେମାନେ ସମାଜର ତୃଣମୂଳ ସ୍ତରରେ ଦଳର ମୁଖ୍ୟ ସମ୍ବଳ। ସେମାନଙ୍କ ଆଚରଣ ଓ ଉଚ୍ଚାରଣ ଉପରେ ରାଜନୈତିକ ଦଳଗୁଡ଼ିକର ଲୋକପ୍ରିୟତା ନିର୍ଭର କରେ। ଦଳର ନେତା ଓ ସରକାରଙ୍କ ପ୍ରତି ସମର୍ଥନ ଓ ଆନୁଗତ୍ୟ ପ୍ରକାଶ କରିବାର ଯେତିକି ଆବଶ୍ୟକତା ରହିଛି, ସାଧାରଣ ଲୋକଙ୍କ ସହିତ ଯୋଡ଼ି ହୋଇରହିବା, ସେମାନଙ୍କର ମୌଳିକ ସମସ୍ୟାର ସମାଧାନ ଦିଗରେ ଯତ୍ନବାନ୍ ହେବାର ସେତିକି ଆବଶ୍ୟକତା ରହିଛି। କର୍ମୀମାନେ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ଠିକ୍ ଭାବେ ସମ୍ପନ୍ନ ନ କଲେ ନିଜର ଦଳ ଓ ସରକାର ବିପର୍ଯ୍ୟୟର ସମ୍ମୁଖୀନ ହେବା ଆଶଙ୍କା ଅଧିକ।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର,
ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିର୍ଣ୍ଣାୟକ ମୋଡ଼ରେ ସେଞ୍ଚୁରିଅନ ଟେଷ୍ଟ

**ସେଞ୍ଚୁରିଅନ,୨୯।୧୨**

ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ପ୍ରଥମ ଇନିଂସରେ ୧୩୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଭାରତ ଦ୍ୱିତୀୟ ଇନିଂସରେ ୧୭୪ ରନକରି ଅଲଆଉଟ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୩୦୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ବୁଧବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟ ହରାଇ ୯୪ ରନ କରିଛି। ବିଜୟ ପାଇଁ ଶେଷ ଦିବସରେ ଭାରତ ୬ ଉଇକେଟ ଓ ଦକ୍ଷିଣ ଆଫ୍ରିକା ୨୧୧ ରନ ଆବଶ୍ୟକ କରୁଛି। ଏହି ଗ୍ରାଉଣ୍ଡରେ ଏପର୍ଯ୍ୟନ୍ତ ଚତୁର୍ଥ ଇନିଂସରେ ୨୫୦ରୁ ଅଧିକ ରନ ଚେଜ୍ କରାଯାଇପାରି ନାହିଁ। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ଡିନ୍ ଏଲଗାର ୫୨ ରନ କରି ଅପରାଜିତ ରହିଛନ୍ତି। ଭାରତ ତରଫରୁ ଯଶପ୍ରୀତ ବୁମ୍‌ରା ୨ଟି ଏବଂ ମହମ୍ମଦ ସାମି ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

**ଦକ୍ଷିଣ ଆଫ୍ରିକାର ଟାର୍ଗେଟ ୩୦୫**

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୬/୧ରୁ ଖେଳ ଆରମ୍ଭ କରି ଭାରତ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଓଭରନାଇଟ୍ ବ୍ୟାଟର ଲୋକେଶ ରାହୁଲ ୫ ଓ ନାଇଟ୍ ୱାଚ୍‌ମ୍ୟାନ ଶାର୍ଦ୍ଦୁଳ ଠାକୁର ୪ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୨୩ ଓ ୧୦ ରନକରି ଆଉଟ ହୋଇଥିଲେ। ରାହୁଲ ଲୁନ୍‌ଗି ଏନ୍‌ଗିଡିଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍‌ରେ ଡିନ୍ ଏଲଗାରଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ଠାକୁର କାଗିସୋ ରାବାଡ଼ାଙ୍କ ବଲ୍‌ରେ ତୃତୀୟ ସ୍ଲିପ୍‌ରେ ୱିଆନ ମଲ୍ଡରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ମୟଙ୍କ ଅଗ୍ରୱାଲ ୪ ରନକରି ମଙ୍ଗଳବାର ମାର୍କୋ ଜାନସେନଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଅଧିନାୟକ ବିରାଟ କୋହଲି ପୁଣି ଥରେ ଫେଲ୍ ମାରିଥିଲେ। ପ୍ରଥମ ଇନିଂସରେ ୩୫ ରନ କରିଥିବା କୋହଲି ଦ୍ୱିତୀୟ ଇନିଂସରେ ୧୮ ରନ କରିଥିବା ବେଳେ ସେ ଜାନସେନଙ୍କ ବଲରେ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଦୁଇଟି ଯାକ ଇନିଂସରେ ସେ ସମାନ ଢଙ୍ଗରେ ଆଉଟ ହୋଇଛନ୍ତି। ଅଫ୍‌ଷ୍ଟମ୍ପ ବାହାର ବଲକୁ ଖେଳିବାର ତ୍ରୁଟିକୁ ସେ ପୁଣି ଥରେ ଦୋହରାଇଥିଲେ। ବିଗତ କେତେବର୍ଷ ହେବ କୋହଲି ଏହି ତ୍ରୁଟିକୁ ବାରମ୍ବାର ଦୋହରାଉଛନ୍ତି। କୋହଲି ପାଖାପାଖି ୨ ବର୍ଷ ହେବ ଶତକ ହାସଲ କରିନାହାନ୍ତି। ସେ ଗତ ୭୬୮ ଦିନରେ ୬୦ଟି ଇନିଂସ ଖେଳିଥିଲେ ମଧ୍ୟ ସେଞ୍ଚୁରି ମାରିବାରେ ବିଫଳ ହୋଇଛନ୍ତି। ୨୦୨୧ରେ କୋହଲି ୧୧ ଟେଷ୍ଟ ଖେଳି ୨୮.୨୧ ରନ ହାରରେ ୫୩୬ ରନ ସଂଗ୍ରହ କରିଛନ୍ତି। ତାଙ୍କର ଖରାପ ଫର୍ମ ଜାରି ରହିଛି। କୋହଲିଙ୍କ ପରେ ଚେତେଶ୍ୱର ପୂଜାରା ୬୪ଟି ବଲ୍ ଖେଳି ମାତ୍ର ୧୬ ରନ କରି ଏନ୍‌ଗିଡିଙ୍କ ବଲ୍‌ରେ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଗତ ୩୪ଟି ଇନିଂସରେ ପୂଜାରା ଶତକ ହାସଲ କରିପାରି ନାହାନ୍ତି। ଏନ୍‌ଗିଡି ତାଙ୍କୁ ଦ୍ୱିତୀୟଥର ପାଇଁ ଆଉଟ କରିଛନ୍ତି। ଏହାପରେ ଅଜିଙ୍କ୍ୟ ରାହାନେଙ୍କ ପାଳି ପଡିଥିଲା। ପ୍ରଥମ ଇନିଂସରେ ସେ ୪୮ ରନ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୨୦ ରନକରି ଜାନସେନଙ୍କ ବଲ୍‌ରେ ସ୍କୋୟାର ଲେଗ୍‌ରେ ରାସି ଭାନ ଡେର ଡୁସେନଙ୍କୁ କ୍ୟାଚ୍ ଦେଇଥିଲେ। ଦଳ ତରଫରୁ ଉଇକେଟକିପର ବ୍ୟାଟର ରିଷଭ ପନ୍ତ ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଯାଇ ୩୪ ବଲରୁ ୬ ଚୌକା ସହ ସର୍ବାଧିକ ୩୪ ରନ ସଂଗ୍ରହ କରିଥିଲେ। ସେ ରାବାଡ଼ାଙ୍କ ବଲ୍‌ରେ ଏନ୍‌ଗିଡିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ କିଗାନ ପିଟରସନଙ୍କୁ କ୍ୟାଚ୍ ଦେଇ ରବିଚନ୍ଦ୍ରନ ଅଶ୍ୱିନ ୧୪ ରନ କରିଥିବା ବେଳେ ରାବାଡ଼ାଙ୍କ ଶିକାର ହୋଇଥିଲେ। ସାମି ୧ ଓ ମହମ୍ମଦ ସିରାଜ ଖାତା ଖୋଲିବା ପୂର୍ବରୁ ଯଥାକ୍ରମେ ରାବାଡା ଓ ଜାନସେନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଯଶପ୍ରୀତ ବୁମ୍‌ରା ୭ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ରାବାଡା ଓ ଜାନସେନ ୪ଟି ଲେଖାଏ, ଏନ୍‌ଗିଡି ଦୁଇଟି ଉଇକେଟ ଅକ୍ତିଆର କରିଥିଲେ।



ଯଶପ୍ରୀତ୍ ବୁମ୍‌ରା(ବାମ)ଙ୍କୁ ଲୋକେଶ ରାହୁଲଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୨୭ ଅଲ୍‌ଆଉଟ। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୯୭ ଅଲ୍‌ଆଉଟ। ଭାରତ ଦ୍ୱିତୀୟ ଇନିଂସ: ୫୦.୩ ଓଭରରେ ୧୭୪ ଅଲଆଉଟ (ପନ୍ତ- ୩୪, ରାହୁଲ- ୨୩, ରାହାନେ- ୨୦, କୋହଲି- ୧୮, ପୂଜାରା- ୧୬, ଅଶ୍ୱିନ- ୧୪, ଠାକୁର- ୧୦, ରାବାଡା- ୪/୪୨, ଜାନସେନ- ୪/ ୫୫, ଏନ୍‌ଗିଡି- ୨/୩୧)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ- ୪୦.୫ ଓଭରରେ ୯୪/୪ (ଏଲଗାର- ୫୨*, ପିଟରସନ- ୧୭, ବୁମ୍‌ରା- ୨/୨୨, ସାମି- ୧/୨୯, ସିରାଜ- ୧/୨୫ )।

## ବୋଲର, ଅଲରାଉଣ୍ଡର ତାଲିକାରେ ଅଶ୍ୱିନ ନଂ. ୨

**ଦୁବାଇ,୨୯।୧୨:** ଭାରତୀୟ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ସଦ୍ୟ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ତାଙ୍କର ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି। ସେ ବୋଲର ଓ ଅଲରାଉଣ୍ଡର ତାଲିକାରେ ପୂର୍ବପରି ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ରବୀନ୍ଦ୍ର ଜାଡେଜା ଅଲରାଉଣ୍ଡର ତାଲିକାର ତୃତୀୟ ସ୍ଥାନ ବଜାୟ ରଖିବାକୁ ସଫଳ ହୋଇଛନ୍ତି। ବ୍ୟାଟିଂ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଓପନର ରୋହିତ ଶର୍ମା ଯଥାକ୍ରମେ ସପ୍ତମ ଓ ପଞ୍ଚମ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି। ରୋହିତ ୭୯୭ ଓ କୋହଲି ୭୫୬ ରେଟିଂ ପଏଣ୍ଟ ପାଇଛନ୍ତି। ବ୍ୟାଟିଂ ତାଲିକାରେ ୯୧୫ ପଏଣ୍ଟ ପାଇ ଅଷ୍ଟ୍ରେଲିଆର ମାର୍ନସ ଲାବୁସେନ ଶୀର୍ଷରେ ରହିଛନ୍ତି। ସେହିପରି ୯୦୦ ପଏଣ୍ଟ ପାଇ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ୮୭୯ ପଏଣ୍ଟ ପାଇ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ (୮୭୭)ଙ୍କୁ ହଟାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ରୋହିତ, ଡେଭିଡ୍ ୱାର୍ନର, କୋହଲି, ଦିମୁଥ କରୁଣାରତ୍ନେ ଓ ବାବର ଆଜମ ବ୍ୟାଟିଂ ତାଲିକାରେ ଯଥାକ୍ରମେ ପଞ୍ଚମ, ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ଓ ଦଶମ ସ୍ଥାନରେ ରହି ଟପ୍-୧୦ରେ ରହିଛନ୍ତି। ବୋଲିଂ ତାଲିକାରେ ଅଶ୍ୱିନ ଏକମାତ୍ର ଭାରତୀୟ ଭାବେ ଟପ୍-୧୦ରେ ସ୍ଥାନ ପାଇଛନ୍ତି। ସେ ୮୮୩ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ସ୍ଥିର ରହିଛନ୍ତି। ବୋଲିଂ ତାଲିକା ଶୀର୍ଷରେ ରହିଛନ୍ତି ଅଷ୍ଟ୍ରେଲିଆ ଟେଷ୍ଟ ଅଧିନାୟକ ପ୍ୟାଟ କୁମିନ୍ସ।

# ଫରେଷ୍ଟ କ୍ଲବ ଛତିଶଗଡ଼ ଚାମ୍ପିୟନ





ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ।

## ୨୫ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପ

**ଅମରପାଲି,୨୯।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କସ୍ଥିତ ହାଇସ୍କୁଲ ପଡିଆରେ ହେଉଥିବା ୨୫ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପର ଫାଇନାଲରେ ଆଲ୍ଲାହାବାଦକୁ ହରାଇ ଫରେଷ୍ଟ କ୍ଲବ ଛତିଶଗଡ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ମ୍ୟାଚଟି ଦୁଇଟି ଫର୍ମାଟରେ ହୋଇଥିଲା। ଆଲ୍ଲାହାବାଦ ଟସ ଜିଣି ପ୍ରଥମେ ଫର୍ମାଟରେ ବ୍ୟାଟିଂ କରି ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୪୭ ରନ କରିଥିଲା। ଦଳର ରବି ଚୌଧୁରୀ ସର୍ବାଧିକ ୧୬ ରନ କରିଥିଲେ। ଛତିଶଗଡର ଦେବରାଜ ସାହୁ ୬ଟି ଉଇକେଟ ନେଇଥିଲେ। ଜବାବରେ ଛତିଶଗଡ ୪ ଓଭରରେ ଗୋଟିଏ ଉଇକେଟ ହରାଇ ୪୮ରନ କରିଥିଲା। ଦଳର ଶଶାଙ୍କ ଚନ୍ଦ୍ରକର୧୪ ବଲରୁ ୩୩ ରନ କରିଥିଲେ। ଦ୍ୱିତୀୟ ଫର୍ମାଟରେ ଆଲ୍ଲାହାବାଦ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ୯୫ରନ କରିଥିଲା। ଦଳର ଶୁଭମ ନିଗମ ସର୍ବାଧିକ ୩୫ ରନ କରିଥିବା ବେଳେ ବିପକ୍ଷ ଦେବରାଜ ଓ ଶଶାଙ୍କ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଛତିଶଗଡ ୬.୪ଓଭରରେ ୨ ଉଇକେଟ ହରାଇ ୧୦୦ରନ କରିଥିଲା। ଦଳର ଶଶାଙ୍କ ଚନ୍ଦ୍ରକର ୨୫ ବଲରୁ ୮ଟି ଛକା ସହାୟତାରେ ୭୧ରନ କରିଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ଛତିଶଗଡ ଚାମ୍ପିୟନ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ଜିଲା ପରିଷଦ ସଭ୍ୟ ଗାୟତ୍ରୀ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ,ଖଣ୍ଡହତା ସରପଞ୍ଚ ଆଶା ସାହୁ, ଓସିଏ ଯୁଗ୍ମ ସମ୍ପାଦକ ମେହେତାବ ଖାଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ବ୍ଲକ ବିଜେଡି ଯୁବ ସଭାପତି ନାରାୟଣ ଲୁହା, ସାମାଜିକ କର୍ମୀ ଅମ୍ବିକା ମହାରଣା, ଟୁର୍ନାମେଣ୍ଟ ସଭାପତି ସୁଧୀର ପଧାନ,ସମ୍ପାଦକ ଶଶାଙ୍କ ପଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଛତିଶଗଡର ଶଶାଙ୍କ ଚନ୍ଦ୍ରକରଙ୍କୁ ମ୍ୟାନ ଅଫ ଦି ସିରିଜ, ଶ୍ରେଷ୍ଠ ବ୍ୟାଟସ ମ୍ୟାନ ,ଦେବରାଜ ସାହୁ ମ୍ୟାନ ଅଫ ଦି ମ୍ୟାଚ ଓ ଶ୍ରେଷ୍ଠ ବୋଲର, ଆଲ୍ଲାହାବାଦ ଦଳକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ, କ୍ରିଷ୍ଣା ସରୋଜ ଙ୍କୁ ପିପୁଲ ଚଏସ ଆୱାର୍ଡ ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଛତିଶଗଡକୁ ନଗଦ ୫୦ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ଆଲ୍ଲାହାବାଦ ଦଳକୁ ନଗଦ ୩୦ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇ ଥିଲା। ମ୍ୟାଚଟିକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଚୁଡାମଣି ପାଢୀ ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିଲେ । ବାଙ୍କାବିହାରୀ ମହାକୁର ସ୍କୋରିଂ, ଚମାରୁ ମହାକୁର ଅନ୍‌ଲାଇନ ସ୍କୋରିଂ ଏବଂ ଆଲୋକ, ଆଶିଷ, ଅଚ୍ୟୁତ ମିଶ୍ର, ତନୁଜ, ପ୍ରାଣବନ୍ଧୁ, ଶ୍ୟାମ ସୁନ୍ଦର ସେଠୀ ଓ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।



ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଡିସେମ୍ବର ୩୦/୨୦୨୧ (୮+୮=୧୬ ପୃଷ୍ଠା)
Sambalpur, Thursday, December 30/2021



### ବଦଳିପାରନ୍ତି ରିଲାଏନ୍ସ ମୁଖ୍ୟ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମାଲିକ ମୁକେଶ ଅମ୍ବାନୀ କମ୍ପାନୀର ନେତୃତ୍ୱ ପରିବର୍ତ୍ତନ ଉପରେ ସୂଚନା ଦେଇଛନ୍ତି। ରିଲାଏନ୍ସ ଗ୍ରୁପ୍ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରକ୍ରିୟା ଜାରି ରଖିଥିବା ସେ କହିଛନ୍ତି। ୦୨

୦୮

### ବୀରେନ୍ଦ୍ରଙ୍କ ଦଳ ଚାମ୍ପିୟନ

ସର୍ବପ୍ରଥମ ସିନିୟର ପୁରୁଷ ଆନ୍ତଃ ବିଭାଗୀୟ ଜାତୀୟ ହକି ଟୁର୍ନାମେଣ୍ଟରେ ବୀରେନ୍ଦ୍ର ଲାକ୍ରାଙ୍କ ନେତୃତ୍ୱାଧୀନ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ଦଳ ଚାମ୍ପିୟନ ହୋଇଛି।



# ସ୍ୱାଧୀନତା, ସମ୍ପତ୍ତି ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା

## ସୁବର୍ଣ୍ଣପୁର ହସ୍ପିଟାଲରେ ଶିଶୁ ବଦଳ ଅଭିଯୋଗ



ଶିଶୁକନ୍ୟାଙ୍କ ସହିତ ବନିତା।

**ସୋନପୁର,୨୯।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁପୁତ୍ର ବଦଳ କରାଯାଇଥିବା ବୁଧବାର ଅଭିଯୋଗ ହୋଇଛି। ଘଟଣାର ୫ ଦିନ ପରେ ଏ ନେଇ ଉଲୁଣ୍ଡା ଥାନା ଗଣ୍ଡପାଲିର ବିଶିକେଶନ ଝାଙ୍କର ସୋନପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ହସ୍ପିଟାଲକୁ ଯାଇ ଅଭିଯୋଗର ସତ୍ୟତା ଅନୁଧ୍ୟାନ କରୁଛି। ଅପରପକ୍ଷରେ ବିଶିକେଶନଙ୍କ ସ୍ତ୍ରୀ ବନିତାଙ୍କ ଅସ୍ତ୍ରୋପଚାର ପରେ ତାଙ୍କ ଗର୍ଭରୁ ଗତ ୨୪ ତାରିଖ ମଧ୍ୟାହ୍ନରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିବା ହସ୍‌ପିଟାଲ ରେକର୍ଡରୁ ଜଣାପଡିଛି। ବନିତା ଶିଶୁକନ୍ୟାଙ୍କ ସହିତ ଏବେ ବି ଚିକିତ୍ସାଧୀନ ଅଛନ୍ତି। ତେବେ ନବଜାତକଙ୍କ ବାପା ବିଶିକେଶନ ଅଭିଯୋଗ କରିଛନ୍ତି ଯେ, ଅସ୍ତ୍ରୋପଚାର ପରେ ଷ୍ଟାଫନର୍ସ ତାଙ୍କୁ କହିଥିଲେ ତୁମର ଏକ ପୁତ୍ରସନ୍ତାନ ଜନ୍ମ ହୋଇଛି। କିନ୍ତୁ ଅଧାଘଣ୍ଟା ପରେ ଶିଶୁକନ୍ୟା ଜନ୍ମ ହୋଇଥିବା କହିଥିଲେ। ତେଣୁ ତାଙ୍କର ଶିଶୁ ପୁତ୍ରକୁ ବଦଳ କରାଯାଇଛି ଓ ଏଥିରେ ହସ୍‌ପିଟାଲ କର୍ତ୍ତୃପକ୍ଷ ସାମିଲ ଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ସିଡିଏମ୍‌ଓ ଡାକ୍ତର ରମେଶ ସ୍ୱାଇଁଙ୍କୁ ପଚରାଯିବାରେ ସେ କହିଛନ୍ତି, ଆମ ନିକଟରେ କୌଣସି ଅଭିଯୋଗ ହୋଇନି। ଅଭିଯୋଗ ହେଲେ ତଦନ୍ତ କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ସୋନପୁର ଆଇଆଇସି ନିରଞ୍ଜନ ଦାସ କୁହନ୍ତି ତଦନ୍ତ ଜାରି ରହିଛି। ଘଟଣା ଦିନ ହସ୍‌ପିଟାଲରେ ୨ଟି କନ୍ୟାସନ୍ତାନ ଜନ୍ମ ହୋଇଥିବା କାଗଜପତ୍ର ଦେଖିବା ପରେ ଜଣାପଡିଛି।

## ୧୪ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ରାଜ୍ୟରେ ସାଇବର ଓ ଅର୍ଥନୈତିକ ଅପରାଧର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସରେ ୧୪ ନୂଆ ଥାନାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କ ଜୀବନ, ସ୍ୱାଧୀନତା ଓ ସମ୍ପତ୍ତିର ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା। ସରକାର ଲୋକଙ୍କୁ ସାଇବର ଅପରାଧରୁ ରକ୍ଷା କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ଦିନକୁ ଦିନ ସାଇବର ଅପରାଧ ବଢୁଛି। ଏଥିସହ ସମାଜରେ ଏହା ଏବେ ପ୍ରମୁଖ ଅପରାଧ ପାଲଟିଛି। ଆଉ ଚିନ୍ତାଜନକ ବିଷୟ ହେଉଛି, ଏହା ଅଜ୍ଞାତ ବ୍ୟକ୍ତିଙ୍କ ଦ୍ୱାରା କରାଯାଉଥିବାବେଳେ କୌଣସି ନିର୍ଦ୍ଦିଷ୍ଟ ସୀମାରେଖା ନାହିଁ। ସାଇବର ଅପରାଧୀ ବିଦେଶରେ ବସି ଲୁଟ୍ କରିବା ସହ ବାରମ୍ବାର ସର୍ଭରରେ ସ୍ଥାନ ବଦଳାଇ ଚ୍ୟାଲେଞ୍ଜ ଦେଉଛନ୍ତି। ସେହିଭଳି ଆର୍ଥିକ ଅପରାଧ ଏବେ ବ୍ଲୁ କଲାର କ୍ରାଇମ୍ ପାଲଟିଛି, ଯାହା କେବଳ ବ୍ୟକ୍ତିଗତ ନାଗରିକଙ୍କୁ ପ୍ରଭାବିତ କରେ ନାହିଁ ବରଂ ଆମ ଦେଶର ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଏ। ଏହି ପୋଲିସ ଷ୍ଟେଶନରେ ତାଲିମପ୍ରାପ୍ତ ପୋଲିସ କର୍ମଚାରୀଙ୍କ ସହ ବୈଷୟିକ ବିଶେଷଜ୍ଞ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଦ୍ୱୈତ ନଗରୀରେ ୩ଟି ଅପ୍‌ଗ୍ରେଡେଶନ ଥାନା ବା ଫାଣ୍ଡିରୁ ଉନ୍ନୀତ ହୋଇଥିବା ବୟାଳିଶ ମୌଜା, ଇନ୍‌ଫୋଭ୍ୟାଲି ଓ ପାହାଳ ଥାନାକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି।

ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଲେ, ନୂଆ ପୋଲିସ ଥାନା ସାଇବର ଓ ଆର୍ଥିକ ଅପରାଧୀଙ୍କୁ ଧରିବାରେ ସକ୍ଷମ ହେବ। ପୋଲିସ ଡିଜି ଅଭୟ ସ୍ୱାଗତ ଭାଷଣ ଓ ଆଇଜି (ଅପରେଶନ) ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି. କେ. ପାଣ୍ଡିଆନ ପରିଚାଳନା କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଭର୍ଚୁଆଲରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟର ୪ଟି ସ୍ଥାନରେ ସାଇବର ଥାନା ରହିଥିଲା। ତେବେ ନୂଆକରି ଖୋଲିଥିବା ସାଇବର ଓ ଅର୍ଥନୈତିକ ଅପରାଧ ଥାନାଗୁଡ଼ିକ ହେଲା ଭୁବନେଶ୍ୱର ୟୁପିଡି, କଟକ ୟୁପିଡି, କେନ୍ଦୁଝର, ସମ୍ବଲପୁର, ଅନୁଗୋଳ, ବାଲେଶ୍ୱର, ପୁରୀ, କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ବ୍ରହ୍ମପୁର, ମୟୂରଭଞ୍ଜ ଓ ଭବାନୀପାଟଣା।

## 'ଲୋକଙ୍କ ବିଶ୍ୱାସକୁ ସଶକ୍ତ ପାଇଁ କାର୍ଯ୍ୟ କର'



ନବନିଯୁକ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।

- ନିଯୁକ୍ତି ପାଇଲେ ୧୫୩ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ
- ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ବ୍ୟବସ୍ଥା, ଇ-ଡାଏରିର ଶୁଭାରମ୍ଭ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଭାବେ ୧୫୩ଜଣଙ୍କୁ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ବୁଧବାର ଲୋକସେବା ଭବନରେ ଆୟୋଜିତ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଯୋଗଦେଇ ନବନିଯୁକ୍ତ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ସରକାରଙ୍କ ଉପରେ ସାଧାରଣ ଜନତା ରଖିଥିବା ଆଶା ଓ ବିଶ୍ୱାସକୁ ସଶକ୍ତ କରିବା ନିମନ୍ତେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଶାସନିକ ସେବା ହେଉଛି ଏକକ ସେବା। ଏହା କେବଳ ଏକ ବୃତ୍ତି ନୁହେଁ। ମାଆ, ମାଟି ଓ ସାଧାରଣ ଜନତାର ସେବା କରିବା ହେଉଛି ଏହାର ଲକ୍ଷ୍ୟ। ସାଧାରଣ ଜନତାର ବିଶ୍ୱାସକୁ କୌଣସି ପରିସ୍ଥିତିରେ ଏଡ଼ାଇ ଦେବା ଅନୁଚିତ। ଓଡ଼ିଶାର ବିକାଶ ଓ ଜନସାଧାରଣଙ୍କ କଲ୍ୟାଣ ରାଜ୍ୟ ସରକାରଙ୍କ ସବୁ ଉଦ୍ୟମର ମୂଳକଥା। ତରୁଣ ଓ ସମର୍ଥ ଅଧିକାରୀଙ୍କ କଠିନ ପରିଶ୍ରମ ଓ ନିଷ୍ଠା ବଳରେ ରାଜ୍ୟର ବିଭିନ୍ନ କାର୍ଯ୍ୟକ୍ରମର ସୁଫଳ ଜନସାଧାରଣଙ୍କୁ ମିଳିବ ଓ ରାଜ୍ୟ ସର୍ବୋତ୍ତମ ବିବେଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହିଅବସରରେ ମୁଖ୍ୟମନ୍ତ୍ରୀ ୫-'ଟି' ସୂତ୍ର ଅନ୍ତର୍ଭୁକ୍ତ ପେନ୍‌ସନ୍‌ଭୋଗୀଙ୍କ ପାଇଁ ଆର୍ଟିଫିସିଆଲ୍ ☞ପୃଷ୍ଠା-୭




## ୧୫ ଆଇପିଏସ୍ ଅଧିକାରୀଙ୍କ ପଦୋନ୍ନତି

### ୩ ଜଣଙ୍କୁ ଆଇଜି, ୩ଙ୍କୁ ଡିଆଇଜି ପାହ୍ୟା

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

ଓଡ଼ିଶା ପୋଲିସରେ କାର୍ଯ୍ୟରତ ୧୫ଜଣ ଆଇପିଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି। ଏନେଇ ରାଜ୍ୟ ସରକାରୀଙ୍କ ଗୃହ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୩ ଜଣଙ୍କୁ ଆଇଜି ଓ ୩ଜଣଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିବାବେଳେ ଅନ୍ୟ ୯ଜଣଙ୍କୁ ଆଇପିଏସ୍ ଲେଭଲ-୧୩ର ସିଲେକ୍ସନ୍ ଗ୍ରେଡ୍ ଓ ଲେଭଲ-୧୨ର ଜୁନିୟର୍ ଆଡ୍‌ମିନିଷ୍ଟ୍ରେଟିଭ୍ ଗ୍ରେଡ୍‌କୁ ପଦୋନ୍ନତି ମିଳିଛି।

୨୦୦୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ଦୀପକ କୁମାର, ଆଶିଷ କୁମାର ସିଂ ଓ ସତ୍ୟବ୍ରତ ଭୋଇଙ୍କୁ ଆଇଜି ପାହ୍ୟାକୁ ପଦୋନ୍ନତି ମିଳିଥିବାବେଳେ ୨୦୦୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଉମାଶଙ୍କର ଦାଶ, ପ୍ରକାଶ ଆର୍ ଓ ସତ୍ୟଜିତ ନାଏକଙ୍କୁ ଡିଆଇଜି ପାହ୍ୟାକୁ ଉନ୍ନୀତ କରାଯାଇଛି। ୨୦୦୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅଖିଳେଶ୍ୱର ସିଂ, ବ୍ରିଜେଶ କୁମାର ରାଏ, ଚରଣ ସିଂ ମୀନାଙ୍କୁ ଆଇପିଏସ୍ ଲେଭଲ-୧୩ର ସିଲେକ୍ସନ୍ ଗ୍ରେଡ୍‌କୁ ପଦୋନ୍ନତି ମିଳିଛି। ସେହିପରି ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅନୁପମା ଜେମ୍‌ସ, ରାହୁଲ ପି.ଆର୍, ପରମାର୍ ସ୍ମିତ୍ ପୁରୁଷୋତ୍ତମ ଦାସ, ଜଗମୋହନ ମୀନା, ମୁକେଶ କୁମାର ଭାମୋ ଓ ଏଲ୍. ଦିବ୍ୟା ଭି. ଙ୍କୁ ଆଇପିଏସ୍ ଲେଭଲ-୧୨ର ଜୁନିୟର୍ ଆଡ୍‌ମିନିଷ୍ଟ୍ରେଟିଭ୍ ଗ୍ରେଡ୍‌କୁ ପଦୋନ୍ନତି ଦିଆଯାଇଛି।

## ବଦଳିଲେ ମାଲକାନଗିରି ଏସ୍‌ପି

### ବରିଷ୍ଠ ପୋଲିସସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

ବରିଷ୍ଠ ପୋଲିସ ଅଫିସରସ୍ତରରେ ରାଜ୍ୟ ସରକାର ବୁଧବାର ଅଦଳବଦଳ କରିଛନ୍ତି। ୪ଜଣ ଆଇପିଏସ୍ ଏବଂ ଦୁଇଜଣ ଓପିଏସ୍ ଅଧିକାରୀଙ୍କୁ ବଦଳି କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାଲକାନଗିରି ଏସ୍‌ପି ଥିବା ୨୦୧୭ ବ୍ୟାଚ୍ ଆଇପିଏସ୍ ପ୍ରହଲ୍ଲାଦ ସାହାଇ ମୀନାଙ୍କୁ ଏଆଇଜି(ପୋଲିସ ମୁଖ୍ୟାଳୟ) ଭାବେ ବଦଳି କରାଯାଇଛି। ସେହିପରି ୨୦୧୮ ବ୍ୟାଚ୍ ଆଇପିଏସ୍ ଅଧିକାରୀ ତଥା କେସିଙ୍ଗା ଏସ୍‌ଡିପିଓ ☞ପୃଷ୍ଠା-୭

## ସିଆଇଆର୍‌ବି ଗଠନକୁ ଅଣଦେଖା

- ଉପକୂଳ ସୁରକ୍ଷା ଚିନ୍ତା
- ଗହୀରମଥା ଅଞ୍ଚଳରେ ବଢୁଛି ଅନୁପ୍ରବେଶ

**କେନ୍ଦ୍ରାପଡ଼ା ଅଫିସ, ୨୯।୧୨**

ଓଡ଼ିଶା ଉପକୂଳ ସୁରକ୍ଷା ପାଇଁ ଏକ କୋଷ୍ଟାଲ ଇଣ୍ଡିଆ ରିଜର୍ଭ ବାଟାଲିଅନ (ସିଆଇଆରବି) ଆବଶ୍ୟକ। ଏହି ବାଟାଲିୟନର ମଞ୍ଜୁର ସକାଶେ ରାଜ୍ୟ ସରକାର ୨୦୧୭ ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଚିଠି କରିଥିଲେ। ରାଜ୍ୟ ସରକାରଙ୍କ ତତ୍କାଳୀନ ଅତିରିକ୍ତ ସଚିବ ଅସିତ କୁମାର ତ୍ରିପାଠୀ ଏଥିରେ ଦର୍ଶାଇଥିଲେ ଯେ, ବାଟାଲିୟନ ପ୍ରତିଷ୍ଠା ହେଲେ ଉପକୂଳ ସୁରକ୍ଷାରେ ଥିବା ସାମୁଦ୍ରିକ ଥାନାକୁ ସହାୟତା ମିଳିବ। ଏହି ଚିଠିକୁ ୪ ବର୍ଷ ବିତିଯାଇଛି। ଏହି ଚିଠି କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଶୀତଳଭଣ୍ଡାରରେ ପଡିରହିଛି। ଅଦ୍ୟାବଧି ବାଟାଲିୟନ ଗଠନ ନେଇ ସକାରାତ୍ମକ ସୂଚନା ମିଳିନାହିଁ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି କୁହନ୍ତି, ରାଜ୍ୟର ୪୮୦ କିମି ସମୁଦ୍ରତଟ ମଧ୍ୟରୁ କେନ୍ଦ୍ରାପଡ଼ା ଜିଲାରେ ୪୮ କିମି ରହିଛି। ଏହି ସୀମାରେ ତାଳଚୁଆ, ତନ୍ତିଆପାଳ ଓ ଜମ୍ବୁ ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଥିଲେ ମଧ୍ୟ କର୍ମଚାରୀ ଏବଂ ଭିତ୍ତିଭୂମିର ଅଭାବ ରହିଛି। ସାମୁଦ୍ରିକ ପଥର ସୁରକ୍ଷା ପାଇଁ ବୋଟ ଓ କର୍ମଚାରୀ ନ ଥିବାରୁ ତଟବର୍ତ୍ତୀ ଅଞ୍ଚଳକୁ ବେଆଇନ ପ୍ରବେଶ ବଢ଼ିଛି। ପାକିସ୍ତାନ ସହ ବାଂଲାଦେଶ ଯୁଦ୍ଧ ସମୟରେ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳରେ ମାତ୍ର ୧୨୩୭ ଜଣ ଶରଣାର୍ଥୀଙ୍କୁ ଥଇଥାନ କରାଯାଇଥିଲା। ଏବେ ଏଠାରେ ୭୬ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଭାଷୀ ରହୁଛନ୍ତି। ସେହିପରି ଜାତୀୟ ଉଦ୍ୟାନ ଭିତରକନିକା ଉପରେ ଏହି ଅନୁପ୍ରବେଶକାରୀଙ୍କ ଆଖି ପଡିଛି। ଓଡ଼ିଶାରେ ସିଆଇଆରବି ମୁତୟନ ହେଲେ ଏହି ସମସ୍ୟାର କିଛି ସମାଧାନ ହୋଇପାରିବ। ବୁଦ୍ଧିଜୀବୀ ଅମରବର ବିଶ୍ୱାଳ କହିଛନ୍ତି, ☞ପୃଷ୍ଠା-୭

## ସୁପ୍ରିମକୋର୍ଟରେ ଅଟକିଛି ଓଡ଼ିଶାର ୨ ଗୁରୁତ୍ୱପୂର୍ଣ୍ଣ ମାମଲା

### ୨୦୨୧ରେ ପୋଲାଭରମ୍ ଓ ଶ୍ରୀମନ୍ଦିର ମାମଲାର ଶୁଣାଣି ହୋଇନି

**ନୂଆଦିଲ୍ଲୀ, ୨୯।୧୨**

ଚଳିତ ବର୍ଷ ସୁପ୍ରିମକୋର୍ଟରେ ଓଡ଼ିଶା ସରକାରଙ୍କ ଅନେକ ମାମଲାର ଶୁଣାଣି ହୋଇଛି। ହେଲେ ଦୀର୍ଘଦିନରୁ ବିଚାରାଧୀନ ଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାମଲା ୨୦୨୧ରେ ଶୁଣାଣି ହୋଇପାରି ନାହିଁ। ଗୋଦାବରୀ ନଦୀରେ ଆନ୍ଧ୍ରପ୍ରଦେଶର ବହୁମୁଖୀ ପୋଲାଭରମ ପ୍ରକଳ୍ପକୁ ଚ୍ୟାଲେଞ୍ଜ କରି ଓଡ଼ିଶା ସରକାର ୨୦୦୭ରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏହି ପ୍ରକଳ୍ପ ହେଲେ ଓଡ଼ିଶାର ଅନେକ ଅଞ୍ଚଳ ଜଳମଗ୍ନ ହେବ ଏବଂ ବହୁ ଆଦିବାସୀ ବାସହରା ଓ ଜମିହରା ହେବେ ବୋଲି ରାଜ୍ୟ ସରକାର ଅଭିଯୋଗ କରିଥିଲେ। ଏହା ଉପରେ ଅନେକ ଥର ଶୁଣାଣି ହୋଇଥିଲେ ହେଁ ତାହା ସର୍ବୋଚ୍ଚ ଅଦାଲତରେ ଏବେ ବି ବିଚାର ଅପେକ୍ଷାରେ ପଡ଼ିରହିଛି। ଗତବର୍ଷ ଫେବ୍ରୁୟାରୀରେ ଶେଷ ଥର ପାଇଁ ଉକ୍ତ ମାମଲାର ଶୁଣାଣି ହୋଇଥିଲା। ୨୦୨୧ରେ ଆଦୌ ଶୁଣାଣି ହୋଇପାରିଲା ନାହିଁ। ଏହା ବ୍ୟତୀତ ପୋଲାଭରମ୍ ଉପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କ ଏକ ରାୟକୁ ଚଳିତ ବର୍ଷ ଓଡ଼ିଶା ଚ୍ୟାଲେଞ୍ଜ କରିଥିଲା। ଏହା ଉପରେ ଗୋଟିଏ ଥର ଶୁଣାଣି ହୋଇଥିଲା। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ମାମଲାର ଶୁଣାଣିରୁ ଓହରିଯିବାରୁ ଏହା ସ୍ଥଗିତ ରହିଛି।

ସେହିପରି ଓଡ଼ିଶା ସରକାରଙ୍କ ଶ୍ରୀଜଗନ୍ନାଥ ମନ୍ଦିର ମାମଲା ୨୦୨୧ରେ କୋର୍ଟ ରୁମ୍‌ର ଆଲୋକ ଦେଖିପାରିଲା ନାହିଁ। ଶ୍ରୀମନ୍ଦିରରେ ଭକ୍ତମାନଙ୍କ ଅବାଧ ଦର୍ଶନ ଲାଗି ନୀତି ନିର୍ଦ୍ଧାରଣ କରିବାକୁ ସୁପ୍ରିମକୋର୍ଟ ୨୦୧୯ରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲା ମଧ୍ୟ ୨୦୨୦ ଜାନୁୟାରୀରେ ଶେଷ ଥର ପାଇଁ ଶୁଣାଣି ହୋଇ ୪ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଥିଲା।



ତେବେ ଚଳିତ ବର୍ଷ ସର୍ବୋଚ୍ଚ ଅଦାଲତରେ ବଂଶଧାରା ନଦୀ ଜଳ ମାମଲା ଶୁଣାଣି ଓଡ଼ିଶା ସରକାରଙ୍କ ସପକ୍ଷରେ ଯାଇଥିଲା। ବଂଶଧାରାକୁ ନେଇ ଆନ୍ଧ୍ରପ୍ରଦେଶ ବିରୋଧରେ ଓଡ଼ିଶାର ୩ଟି ପିଟିଶନ ବିଚାର ଅପେକ୍ଷାରେ ରହିଛି। ବଂଶଧାରା ଟ୍ରିବ୍ୟୁନାଲଙ୍କ ୨୦୨୧ ଜୁନ୍ ରାୟ ବିରୋଧରେ ତୃତୀୟ ପିଟିଶନ ଦାଏର ହୋଇଥିଲା। ସୁପ୍ରିମକୋର୍ଟ ଓଡ଼ିଶାର ସମସ୍ତ ପିଟିଶନକୁ ଗତ ଡିସେମ୍ବର ୮ରେ ଏକତ୍ର ଶୁଣାଣି କରି ୨୦୨୨ ଜାନୁୟାରୀକୁ ଚୂଡ଼ାନ୍ତ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ସେହିପରି କୋଟିଆ ପଞ୍ଚାୟତର କେତେକ ଗାଁକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଲାଗିଥିବା ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ସୁପ୍ରିମକୋର୍ଟଙ୍କ ୨୦୦୬ ରାୟକୁ ଆନ୍ଧ୍ରପ୍ରଦେଶ ଉଲ୍ଲଂଘନ କରି ସେଠାରେ ପଞ୍ଚାୟତ ନିର୍ବାଚନ କରୁଥିବା ଓଡ଼ିଶା ଅଭିଯୋଗ କରିଥିଲା। ଅଦାଲତ ଏକାଧିକ ଥର ଶୁଣାଣି କରିବା ପରେ ସୀମା ବିବାଦର ରାଜନୈତିକ ସମାଧାନ ସୂତ୍ର ବାହାର କରିବାକୁ ଦୁଇ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ।

୨୦୨୧ରେ ଓଡ଼ିଶା ହାଇକୋର୍ଟଙ୍କ କଟ୍ ଆଣ୍ଡ ପେଷ୍ଟ ରାୟକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରଦୀପ ପାଣିଗ୍ରାହୀ ଦୁର୍ନୀତି ମାମଲାରେ ଓଡ଼ିଶା ହାଇକୋର୍ଟଙ୍କ ରାୟକୁ ଓଡ଼ିଶା ଲୋକାୟୁକ୍ତ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହା ସର୍ବୋଚ୍ଚ ଅଦାଲତଙ୍କ ବିଚାରାଧୀନ ରହିଛି। ଅନ୍ୟ ପକ୍ଷରେ ଜାଲିଆତି ଅଭିଯୋଗରେ ଓଡ଼ିଶା ଲୋକାୟୁକ୍ତଙ୍କ ବିରୋଧରେ ଫୌଜଦାରି ମାମଲା ଦାଏର ପାଇଁ ପ୍ରଦୀପ ଦାଖଲ କରିଥିବା ରିଟ୍ ପିଟିଶନକୁ ଶୁଣାଣି ପାଇଁ ସୁପ୍ରିମକୋର୍ଟ ଗ୍ରହଣ କରି ନ ଥିଲେ। ବହୁଚର୍ଚ୍ଚିତ ପରୀ ହତ୍ୟା ମାମଲାରେ ତାଙ୍କ ବାପା ସିବିଆଇ ତଦନ୍ତ ଦାବି କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ଉକ୍ତ ପିଟିଶନକୁ ହାଇକୋର୍ଟକୁ ପଠାଇଦେବା ସହ ସେଠାରେ ରିଟ୍ ପିଟିଶନରେ ସଂଶୋଧନ କରିବାକୁ ପରୀ ବାପାଙ୍କୁ ଅନୁମତି ଦେଇଥିଲେ। ଅନ୍ୟପକ୍ଷରେ ଅଭିଯୋଗ ନେଇ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ପାଖକୁ ଯିବା ଲାଗି ହାଇକୋର୍ଟ ପରୀଙ୍କ ବାପାଙ୍କୁ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ।

ଓଡ଼ିଶାର ଆଦିତ୍ୟ ଦାଶ ହତ୍ୟା ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲେ ହେଁ ଉକ୍ତ ମାମଲା ହାଇକୋର୍ଟରେ ☞ପୃଷ୍ଠା-୭

# ଭାରତରେ ବିସ୍ଫୋରକ ହେବ ସଂକ୍ରମଣ



ମୁମ୍ବାଇର ସିଏସ୍‌ଏମ୍‌ଟି ରେଳଷ୍ଟେଶନ ପରିସରରେ ସ୍ୱାସ୍ଥ୍ୟକର୍ମୀମାନେ କୋଭିଡ୍ ପରୀକ୍ଷା ପାଇଁ ଯାତ୍ରୀଙ୍କ ସ୍ୱାବ ସଂଗ୍ରହ କରୁଛନ୍ତି।

**ନୂଆଦିଲ୍ଲୀ, ୨୯।୧୨**

କରୋନା ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍ ଆସିବା ପରେ ଭାରତରେ ଗତ କିଛିଦିନ ହେଲା କୋଭିଡ୍ ସଂକ୍ରମଣ ବଢ଼ିଚାଲିଛି। ଆଗାମୀ ଦିନରେ ଏହା ଅତ୍ୟଧିକ ବୃଦ୍ଧି ପାଇବ। ତେବେ ଏହି ଲହର ଅଳ୍ପଦିନ ପାଇଁ ରହିବ ବୋଲି କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଅଧ୍ୟୟନରେ କୁହାଯାଇଛି। ଉକ୍ତ ବିଶ୍ୱବିଦ୍ୟାଳୟର ଜଜ୍ ବିଜ୍‌ନେସ୍ ସ୍କୁଲ୍ ପ୍ରଫେସର ପଲ୍ କଟ୍ଟୁମାନଙ୍କ କହିବା ଅନୁଯାୟୀ ଭାରତରେ କିଛି ଦିନ ମଧ୍ୟରେ ଦୈନିକ ସଂକ୍ରମଣରେ ବିସ୍ଫୋରକ ବୃଦ୍ଧି ଘଟିବାକୁ ଯାଉଛି। ସେ ଓ ତାଙ୍କ ଗବେଷକ ଟିମ୍ ପ୍ରସ୍ତୁତ କରିଥିବା କୋଭିଡ୍-୧୯ ଇଣ୍ଡିଆ ଟ୍ରାକରରୁ ଏହା ଜଣାପଡ଼ିଛି। ଚଳିତ ସପ୍ତାହରୁ ସମ୍ଭବତଃ ସଂକ୍ରମଣ ବଢ଼ିବ ଏବଂ ଏହା କେତେ ବୃଦ୍ଧି ହେବ ତାହା ପୂର୍ବାନୁମାନ କରିବା କଷ୍ଟକର ବୋଲି କଟ୍ଟୁମାନ କହିଛନ୍ତି। ଗତ ୨୪ ତାରିଖରେ ଭାରତର ୫ଟି ରାଜ୍ୟରେ ସଂକ୍ରମଣକୁ ନେଇ ଚିନ୍ତା ପ୍ରକଟ କରାଯାଇଥିଲା। ୨୬ ବେଳକୁ ଏହା ୧୧ଟି ରାଜ୍ୟକୁ ବ୍ୟାପିଥିବା ଟ୍ରାକରରେ ଦର୍ଶାଯାଇଛି। ବୁଧବାର ଭାରତରେ ୯,୧୯୫ ନୂଆ ମାମଲା ଚିହ୍ନଟହୋଇଛି ଯାହା କି ଗତ ୩ ସପ୍ତାହ ମଧ୍ୟରେ ସର୍ବାଧିକ। ଏହାକୁ ମିଶାଇ ଭାରତରେ ମୋଟ ସଂକ୍ରମଣ ୩.୪୮ କୋଟିରେ ପହଞ୍ଚିଛି। ସେହିପରି ଦେଶରେ କୋଭିଡ୍ ଜନିତ ମୃତ୍ୟୁସଂଖ୍ୟା ୪,୮୦,୫୯୨କୁ ବୃଦ୍ଧି ପାଇଛି। ଭାରତରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୭୮୧ରେ ପହଞ୍ଚିଲାଣି।

ସଂକ୍ରମଣ ବଢ଼ିବାରୁ ସରକାର ୧୫ରୁ ୧୮ ବର୍ଷର ପିଲାଙ୍କୁ କୋଭିଡ୍ ଟିକା ଦେବା ସହ ସ୍ୱାସ୍ଥ୍ୟସେବା କର୍ମଚାରୀ, ସମ୍ମୁଖ ଯୋଦ୍ଧା ଏବଂ ବହୁବିଧ ରୋଗ ଥିବା ୬୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ବୁଷ୍ଟର ଡୋଜ୍ ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଆଉ ଦୁଇଟି ଟିକା ଏବଂ ଆଣ୍ଟି ଭାଇରାଲ ଔଷଧ ମୋଲନୁପିରାଭିର୍‌କୁ ବ୍ୟବହାରିକ ମଞ୍ଜୁରୀ ପ୍ରଦାନ କରାଯାଇଛି। ସଂକ୍ରମଣ ରୋକିବା ଲାଗି ବିଭିନ୍ନ ରାଜ୍ୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଦିଲ୍ଲୀ ସରକାର ସିନେମା ହଲ୍, ସ୍କୁଲ୍, ଜିମ୍ ଆଦି ବନ୍ଦ ରଖିବା ସହ ଜନ ସମାବେଶ ଉପରେ କଟକଣା ଲଗାଇଛନ୍ତି। ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ନାଇଟ୍ କର୍ଫ୍ୟୁ ଲାଗୁ କରାଯାଇଛି।

ଗତ ଏପ୍ରିଲ୍-ମେ'ରେ ଭାରତରେ କୋଭିଡ୍‌ର ଦ୍ୱିତୀୟ ଲହର ଶୀର୍ଷ ଛୁଇଁଥିଲା। ଦୈନିକ ସଂକ୍ରମଣ ୪ ଲକ୍ଷ ଅତିକ୍ରମ କରିବା ସହ ବହୁ ଲୋକଙ୍କ ଜୀବନ ନେଇଥିଲା ମହାମାରୀ। ହସ୍ପିଟାଲରେ ରୋଗୀ ଚିକିତ୍ସା ପାଇଁ ବେଡ୍ ଅଭାବ ଦେଖାଯାଇଥିଲା। ଅକ୍ସିଜେନ୍ ଅଭାବରୁ ବହୁ ଲୋକଙ୍କ ଜୀବନ ଯାଇଥିଲା। ମେ' ବେଳକୁ ଦ୍ୱିତୀୟ ଲହର ଶୀର୍ଷରେ ପହଞ୍ଚିବ ଏବଂ ଅଗଷ୍ଟରୁ କମିବା ଆରମ୍ଭ ହେବ ବୋଲି କେମ୍ବ୍ରିଜ୍ ଇଣ୍ଡିଆ ଟ୍ରାକର ପୂର୍ବାନୁମାନ କରିଥିଲା।

## ମୁମ୍ବାଇରେ ଦିନକରେ ୨,୫୧୦ ଆକ୍ରାନ୍ତ

**ମୁମ୍ବାଇ, ୨୯।୧୨**

ମୁମ୍ବାଇରେ ବୁଧବାର ରେକର୍ଡ ସଂଖ୍ୟକ ୨,୫୨୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଓ ଜଣକର ମୃତ୍ୟୁ ଘଟିଛି। ଓମିକ୍ରନ୍ ଏବଂ କୋଭିଡ୍ ସଂକ୍ରମଣ ବଢୁଥିବାରୁ ମହାରାଷ୍ଟ୍ର ସରକାର ମୁମ୍ବାଇରେ ନୂଆବର୍ଷ ପାଳନ ଉପରେ କଟକଣା ଲଗାଇଛନ୍ତି। ବରିଷ୍ଠ ନାଗରିକ ଏବଂ ୧୦ ବର୍ଷରୁ କମ୍ ପିଲା ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ବନ୍ଦ ହଲ୍‌ରେ ୫୦ ପ୍ରତିଶତ ଏବଂ ଖୋଲା ସ୍ଥାନରେ ୨୫ ପ୍ରତିଶତ କ୍ଷମତାରେ ସାମାଜିକ କାର୍ଯ୍ୟକ୍ରମ କରିବାକୁ ଅନୁମତି ଦିଆଯାଇଛି। ନୂଆବର୍ଷକୁ ସ୍ୱାଗତ ଲାଗି ବାଣ ଫୁଟାଇବା ଉପରେ ନିଷେଧାଦେଶ ଲଗାଯାଇଛି। ମଙ୍ଗଳବାର ସେଠାରେ ସଂକ୍ରମଣ ୭୦ ପ୍ରତିଶତ ବୃଦ୍ଧି ଘଟିଥିଲା। କୋଭିଡ୍ ମୁକାବିଲା ନିମନ୍ତେ ମନ୍ତ୍ରୀ ଆଦିତ୍ୟ ଠାକ୍‌ରେ ପ୍ରଶାସନିକ ଅଧିକାରୀମାନଙ୍କ ସହ ବୁଧବାର ବୈଠକ କରିଥିଲେ।

## ୧୧% ବଢ଼ିଛି କୋଭିଡ୍ ମାମଲା

**ବର୍ଲିନ, ୨୯।୧୨**

ଗତ ସପ୍ତାହରେ ସାରା ବିଶ୍ୱରେ କୋଭିଡ୍ ସଂକ୍ରମଣ ୧୧ ପ୍ରତିଶତ ବୃଦ୍ଧି ପାଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ଆମେରିକାରେ ଦୈନିକ ସଂକ୍ରମଣ ସର୍ବାଧିକ ବଢ଼ିଛି। ଡିସେମ୍ବର ୨୦ରୁ ୨୬ ମଧ୍ୟରେ ବିଶ୍ୱରେ ୪୯.୯ ଲକ୍ଷ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ କେବଳ ୟୁରୋପରେ ୨୮.୪ ଲକ୍ଷ ଆକ୍ରାନ୍ତ । ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ଅନୁଯାୟୀ ଆମେରିକାରେ ସଂକ୍ରମଣ ୩୯ ପ୍ରତିଶତ ବୃଦ୍ଧି ପାଇ ପ୍ରାୟ ୧୪.୮ ଲକ୍ଷରେ ପହଞ୍ଚିଛି। ସେହିପରି ଆଫ୍ରିକାରେ ସଂକ୍ରମଣ ୭ ପ୍ରତିଶତ ବୃଦ୍ଧି ପାଇ ଗତ ସପ୍ତାହରେ ୨,୭୫,୦୦୦ ହୋଇଛି। ଅନ୍ୟ ପକ୍ଷରେ ଗତ ସପ୍ତାହରେ କୋଭିଡ୍ ଜନିତ ମୃତ୍ୟୁ ୪ ପ୍ରତିଶତ ହ୍ରାସ ପାଇଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ଓମିକ୍ରନ୍ ଭାରିଆଣ୍ଟ ଡେଲ୍ଟା ତୁଳନାରେ ଅଧିକ ଦ୍ରୁତ ବେଗରେ ସଂକ୍ରମିତ ହେଉଥିବାର ପ୍ରମାଣ ମିଳିଛି। ଏହି ଭାରିଆଣ୍ଟ ପ୍ରଥମେ ଚିହ୍ନଟ ହୋଇଥିବା ଦକ୍ଷିଣ ଆଫ୍ରିକାରେ ଏବେ ସଂକ୍ରମଣ ହ୍ରାସ ପାଇଛି। ବ୍ରିଟେନ୍ ଓ ଡେନ୍‌ମାର୍କରେ ଓମିକ୍ରନ୍ ସଂକ୍ରମଣ ବଢୁଥିଲେ ହେଁ କମ୍ ଲୋକ ହସ୍ପିଟାଲରେ ଭର୍ତ୍ତି ହେଉଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ମୋଦିଙ୍କ ୟୁଏଇ ଗସ୍ତ ସ୍ଥଗିତ



**ନୂଆଦିଲ୍ଲୀ, ୨୯।୧୨:** ଜାନୁୟାରୀ ୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁଏଇ ଏବଂ କୁଏତ୍ ଯିବା ଲାଗି କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥିଲା। ତେବେ ଓମିକ୍ରନ୍‌କୁ ନେଇ ଚିନ୍ତା ବଢୁଥିବାରୁ ଉକ୍ତ ଗସ୍ତ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଫେବୃୟାରୀରେ ପ୍ରଧାନମନ୍ତ୍ରୀ ଉପରୋକ୍ତ ଦେଶକୁ ଗସ୍ତ କରିପାରନ୍ତି ବୋଲି ସାଉଥ୍ ବ୍ଲକ୍ ସୂତ୍ରରୁ ଜଣାପଡ଼ିଛି। ଓମିକ୍ରନ୍ ଭାରିଆଣ୍ଟ ବିଶ୍ୱର ଅନେକ ଦେଶକୁ ବ୍ୟାପିଥିବାବେଳେ ଆମେରିକା ଓ ୟୁରୋପରେ ସର୍ବାଧିକ ସଂକ୍ରମିତ ହୋଇଛନ୍ତି। ଭାରତରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୮୦୦ ଛୁଇଁବାକୁ ଯାଉଛି। ସୋମବାର ୟୁଏଇରେ ୧,୭୩୨ ନୂଆ ମାମଲା ଚିହ୍ନଟ ହେବା ସହ ଜଣକର ମୃତ୍ୟୁ ଘଟିଥିଲା।

### ନିଜ ଦରମା ବନ୍ଦ କଲେ ଜିଲାପାଳ



**ଭୋପାଳ, ୨୯।୧୨:** ମୁଖ୍ୟମନ୍ତ୍ରୀ ହେଲ୍ପଲାଇନରେ ଆସିଥିବା ଜନ ଅଭିଯୋଗର ଶୁଣାଣି ନ ହୋଇ ପଡ଼ି ରହିଥିବାରୁ ମଧ୍ୟପ୍ରଦେଶ ଜବଲପୁର ଜିଲାପାଳ କର୍ମବୀର ଶର୍ମା ନିଜ ସହ ଅନ୍ୟ କେତେଜଣ ଅଧିକାରୀଙ୍କ ଦରମା ବନ୍ଦ କରିଦେଇଛନ୍ତି। ଆଇଏଏସ୍ ଅଫିସର ଶର୍ମା ସୋମବାର ହେଲ୍ପଲାଇନରେ ଆସିଥିବା ଅଭିଯୋଗର ସମାଧାନ ଉପରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ସମୟରେ ଅନେକ ଲୋକଙ୍କ ଅଭିଯୋଗ ୧୦୦ ଦିନରୁ ଅଧିକ ସମୟ ଧରି ପଡ଼ି ରହିଥିବା ଜାଣିବା ପରେ ସେ ନିଜ ସମେତ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀଙ୍କ ଡିସେମ୍ବର ମାସର ଦରମା ରୋକି ଦେଇଛନ୍ତି। ଏଥିସହ ଦାୟିତ୍ୱରେ ଅବହେଳା ପାଇଁ କେତେଜଣ ତହସିଲଦାରଙ୍କ ଦରମା ବୃଦ୍ଧିକୁ ମଧ ଅଟକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଗୋଟିଏ ଅଭିଯୋଗ ଯେପରି ପଡ଼ି ନ ରୁହେ ସେଥିପ୍ରତି ଦାୟିତ୍ୱବାନ ହେବାକୁ ସେ ଅଧିକାରୀମାନଙ୍କୁ ତାଗିଦ୍ କରିଛନ୍ତି। ସମୀକ୍ଷା ବୈଠକରେ ଯୋଗ ଦେଇ ନ ଥିବା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଏଥିସହ ଡିସେମ୍ବର ୩୧ ସୁଦ୍ଧା ୧୦୦ ଦିନରୁ ଅଧିକ ସମୟ ଧରି ପଡ଼ି ରହିଥିବା ମାମଲାର ସମାଧାନ କରିବାକୁ ଜିଲାପାଳ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି।

### ସୁନାଖଣି ଭୁଶୁଡ଼ି ୩୮ ମୃତ

**ଖାର୍ତ୍ତୁମ୍, ୨୯।୧୨:** ସୁଦାନର ପଶ୍ଚିମ କୋରଦୋଫାନ୍ ପ୍ରଦେଶରେ ମଙ୍ଗଳବାର ସୁନା ଖଣି ଭୁଶୁଡ଼ି ୩୮ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୮ ଜଣ ଆହତ ହୋଇଛନ୍ତି। ଖଣିଟି କାର୍ଯ୍ୟକ୍ଷମ ନ ଥିବାବେଳେ ତାହା ବନ୍ଦ ରହିଥିଲା ବୋଲି ସମ୍ପୃକ୍ତ ଖଣି କମ୍ପାନୀ କହିଛି। ସିକ୍ୟୁରିଟି ଫୋର୍ସ ସେଠାରୁ ଯିବାପରେ ସ୍ଥାନୀୟ ଖଣି ଶ୍ରମିକମାନେ ତାହା ମଧ୍ୟରେ ପଶି ଖନନ କାମ କରୁଥିଲେ ବୋଲି କୁହାଯାଇଛି।

### ବିଚାରପତିଙ୍କୁ ଚପଲ ଫିଙ୍ଗିଲେ ବଳାତ୍କାରୀ

**ସୁରଟ, ୨୯।୧୨:** ଜଣେ ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ମଙ୍ଗଳବାର ତାଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେବା ପରେ ସମ୍ପୃକ୍ତ ବିଚାରପତିଙ୍କ ଉପରକୁ ସେ ଚପଲ ଫିଙ୍ଗିଛନ୍ତି। ଗୁଜରାଟର ସୁରଟରେ ଥିବା ଏକ ପୋକ୍ସୋ କୋର୍ଟରେ ଏପରି ଘଟଣା ଦେଖିବାକୁ ମିଳିଛି। ବିଚାରପତି ପି. ଏସ୍. କାଲା ଅଭିଯୁକ୍ତ ସୁଜିତ୍ ସାକେତଙ୍କୁ ଦଣ୍ଡାଦେଶ ଶୁଣାଇବା ପରେ ସେ ରାଗିଯାଇ ଜଜ୍‌ଙ୍କ ଆଡ଼କୁ ତାଙ୍କ ଚପଲ ଫିଙ୍ଗିଥିଲେ। ତେବେ ତାହା ବିଚାରପତିଙ୍କ ଦେହରେ ବାଜି ନ ଥିଲା। ମାମଲା ଅନୁଯାୟୀ, ଗତ ଏପ୍ରିଲ ୩୦ରେ ମଧ୍ୟପ୍ରଦେଶର ବାସିନ୍ଦା ସୁଜିତ୍ ଜଣେ ଶ୍ରମିକଙ୍କ ୫ ବର୍ଷୀୟା କନ୍ୟାଙ୍କୁ ଅପହରଣ କରି ବଳାତ୍କାର ପରେ ହତ୍ୟା କରିଥିଲେ। ୨୬ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ତାଙ୍କୁ ଆଜୀବନ ଜେଲ ଦଣ୍ଡ ଦେଇଛନ୍ତି।

## ଦଳିତ ନାବାଳିକାଙ୍କୁ ମାଡ଼

### ଯୋଗୀଙ୍କ ପୋଲିସ ଶୋଇଛି: ପ୍ରିୟଙ୍କା

**ଲକ୍ଷ୍ନୌ, ୨୯।୧୨**

ଉତ୍ତର ପ୍ରଦେଶର ଅମେଠିରେ ଚୋରି କରିବା ଅଭିଯୋଗରେ ଜଣେ ଦଳିତ ନାବାଳିକାଙ୍କ ପ୍ରତି ବର୍ବରତା ସୀମା ଟପିଛି। ୩ ଜଣ ପୁରୁଷ ତାଙ୍କୁ ଲାଠିରେ ମାଡ଼ ମାରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ବୁଧବାର ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଟାର୍ଗେଟ କରିଛନ୍ତି। ଭାଇରାଲ ଭିଡିଓରେ ଦୁଇଜଣ ବ୍ୟକ୍ତି ଜଣେ ସ୍ୱଳ୍ପ ବୟସ୍କା ଝିଅଙ୍କ ଚୁଟି ଓ ବେକକୁ ଧରି ତାଙ୍କୁ ଚଟାଣରେ ଘୋଷାଡୁଥିବାବେଳେ ତୃତୀୟ ବ୍ୟକ୍ତି ଲାଠିରେ ପିଟୁଛନ୍ତି। ସେଠାରେ ଥିବା ୩ ଜଣ ମହିଳା ନାବାଳିକାଙ୍କୁ ଚୋରି ସମ୍ପର୍କରେ ପ୍ରଶ୍ନ କରୁଥିବା ଶୁଣିବାକୁ ମିଳୁଛି। ନମନ ସୋନି ନାମକ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅମେଠି ପୋଲିସ ସର୍କଲ ଅଫିସର ଅର୍ପିତ କପୁର ଏନେଇ ପୋକ୍ସୋ ଏବଂ ଏସ୍‌ସି/ଏସ୍‌ଟି ନିର୍ଯାତନା ନିବାରଣ ଆଇନ ବଳରେ ମାମଲା ରୁଜୁ କରିଥିବା ଟୁଇଟରରେ ସୂଚନା ଦେଇଛନ୍ତି। ସ୍ଥାନୀୟ ଏମ୍‌ପି ସ୍ମୃତି ଇରାନୀ ଘଟଣାର ନିନ୍ଦା କରିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ୟୁପିରେ ଦିନକୁ ୩୪ ଜାତିଆଣ ଏବଂ ୧୩୫ ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହେଉଛି। କିନ୍ତୁ ଯୋଗୀ ଆଦିତ୍ୟନାଥ ସରକାରଙ୍କ ପୋଲିସ ପ୍ରଶାସନ ଶୋଇଛନ୍ତି। ୨୪ ଘଣ୍ଟା ଭିତରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।



ନାବାଳିକାଙ୍କୁ ମାଡ଼ ମରାଯାଉଥିବା ବେଳର ଭାଇରାଲ ଫଟୋ।

## ପାର୍ଲାମେଣ୍ଟରେ ମୁଥ ମରାମରି



**ଅମ୍ମାନ, ୨୯।୧୨**

ଲିଙ୍ଗଗତ ସମାନତାକୁ ନେଇ ସମ୍ବିଧାନରେ ସଂଶୋଧନ ନିମନ୍ତେ ଏକ ବିଧେୟକ ଉପରେ ଆଲୋଚନାବେଳେ ମଙ୍ଗଳବାର ଜୋର୍ଡାନ ପାର୍ଲାମେଣ୍ଟରେ ଏମ୍‌ପିମାନେ ପରସ୍ପର ମଧ୍ୟରେ ମାରପିଟ ହୋଇଛନ୍ତି। ସେହି ସମୟରେ ମାଡ଼ ମରାମରି ବେଳର ଲାଇଭ୍ ଟେଲିକାଷ୍ଟ ହେବା ସହ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହୋଇଛି। ଆଲୋଚନା ହେଉଥିବାବେଳେ ଜଣେ ଏମ୍‌ପି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା କହି ବାଚସ୍ପତି ତାଙ୍କୁ ବାହାରକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କେନ୍ଦ୍ରକରି କେତେଜଣ ଏମ୍‌ପି ଉତ୍ତେଜନା ସୃଷ୍ଟି କରିବା ସହ ପରସ୍ପରକୁ ମୁଥ, ଲାତ ମାରି ଚାଲିଥିଲେ। ସ୍ଥିତି ଏପରି ହୋଇଥିଲା ଯେ ମାର୍‌ପିଟ୍‌ବେଳେ କେତେଜଣ ତଳେ ପଡ଼ିଯାଇଥିଲେ। ପରେ ଗୃହକୁ ମୁଲତବୀ ରଖାଯାଇଥିଲା। ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି।

## ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବନି କଂଗ୍ରେସ

### ସିଦ୍ଧୁଙ୍କୁ ଝଟକା

**ଚଣ୍ଡିଗଡ଼, ୨୯।୧୨**

ପଞ୍ଜାବ ବିଧାନସଭା ନିର୍ବାଚନ ଲାଗି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାକୁ କଂଗ୍ରେସ ମନା କରିଦେଇଛି। ଫଳରେ ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରିବାକୁ ଚାହୁଁଥିବା ପ୍ରଦେଶ କଂଗ୍ରେସ କମିଟି ସଭାପତି ନବଜ୍ୟୋତ୍ ସିଂ ସିଦ୍ଧୁଙ୍କୁ ବଡ଼ ଝଟ୍‌କା ହୋଇଛି। ଦଳ ମିଳିତ ନେତୃତ୍ୱରେ ନିର୍ବାଚନ ଲଢ଼ିବ ବୋଲି ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ସୁନିଲ ଜାଖର କହିଛନ୍ତି। ପଞ୍ଜାବରେ ଜାତିଗତ ସମୀକରଣକୁ ସନ୍ତୁଳିତ ରଖିବା ଏବଂ ଦଳ ଭିତରେ ଅନ୍ତର୍ଦ୍ୱନ୍ଦ୍ୱକୁ ରୋକିବା ନିମନ୍ତେ ଏଭଳି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ କଂଗ୍ରେସର ଶୀର୍ଷ ନେତାମାନେ ବିଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ସମସ୍ତଙ୍କୁ ଏକାଠି କରି ଭୋଟ ବ୍ୟାଙ୍କ ବଢ଼ାଇବା ଏହାର ଉଦ୍ଦେଶ୍ୟ। ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଦଳିତ ହୋଇଥିବାବେଳେ ସିଦ୍ଧୁ ଜାଟ୍ ଶିଖ ସମ୍ପ୍ରଦାୟର। ସେହିପରି ଜାଖର ଜାଟ୍ ସମ୍ପ୍ରଦାୟର ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ ସୁଖଜିନ୍ଦର ସିଂ ରାନ୍ଧୱା ଜାଟ୍ ଶିଖ ଏବଂ ଓ.ପି. ସୋନି ହିନ୍ଦୁ ସମ୍ପ୍ରଦାୟର।

## ବଦଳିପାରନ୍ତି ରିଲାଏନ୍ସ ମୁଖ୍ୟ

### ପରିବର୍ତ୍ତନ ପ୍ରକ୍ରିୟା ଜାରି: ମୁକେଶ ଅମ୍ବାନୀ



**ମୁମ୍ବାଇ, ୨୯।୧୨**

ଭାରତର ସବୁଠୁ ଧନୀ ବ୍ୟକ୍ତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମାଲିକ ମୁକେଶ ଅମ୍ବାନୀ ମଙ୍ଗଳବାର ପ୍ରଥମ କରି କମ୍ପାନୀର ନେତୃତ୍ୱ ପରିବର୍ତ୍ତନ ଉପରେ ସଙ୍କେତ ଦେଇଛନ୍ତି। ରିଲାଏନ୍ସ ଗ୍ରୁପ୍ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ପରିବର୍ତ୍ତନ କାର୍ଯ୍ୟକାରୀ କରିବାକୁ ପ୍ରକ୍ରିୟା ଜାରି ରଖିଥିବା ସେ କହିଛନ୍ତି। ରିଲାଏନ୍ସ ଫ୍ୟାମିଲି ଡେ' କାର୍ଯ୍ୟକ୍ରମରେ ମୁକେଶ କହିଥିଲେ, ବଡ଼ ସ୍ୱପ୍ନ ସାକାର କରିବା ଏବଂ ଅସମ୍ଭବ ମନେ ହେଉଥିବା ଲକ୍ଷ୍ୟ ହାସଲ କରିବା ନିମନ୍ତେ ଯୋଗ୍ୟ ବ୍ୟକ୍ତି ଏବଂ ଉପଯୁକ୍ତ ନେତୃତ୍ୱ ରହିବା ଜରୁରୀ। ଏଥିପାଇଁ ରିଲାଏନ୍ସ ତାଙ୍କ ପିଢ଼ିର ବୟସ୍କଙ୍କ ଠାରୁ ଆରମ୍ଭ କରି ପରବର୍ତ୍ତୀ ପିଢ଼ିର ଯୁବ ନେତୃତ୍ୱକୁ ଦୃଷ୍ଟିରେ ରଖି ଏକ ଯୋଜନା ଉପରେ କାମ କରୁଛି।

ଅମ୍ବାନୀଙ୍କ ପୁଅ ଝିଅ ଆକାଶ, ଈଶା, ଅନନ୍ତ ରିଲାଏନ୍ସ ଗ୍ରୁପ୍ ଅଫ୍ କମ୍ପାନୀର ବୋର୍ଡ ସଦସ୍ୟ ରହିଛନ୍ତି। ସେମାନେ ପରବର୍ତ୍ତୀ ପିଢ଼ିର ଲିଡର ହୋଇ ରିଲାଏନ୍ସକୁ ଆହୁରି ଉଚ୍ଚକୁ ନେଇପାରିବାରେ କୌଣସି ସନ୍ଦେହ ନାହିଁ ବୋଲି ଅମ୍ବାନୀ ପ୍ରକାଶ କରିଛନ୍ତି। ଈଶା ଏବଂ ଆକାଶ ରିଲାଏନ୍ସ ଜିଓ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ(ଆର୍‌ଆଇଏଲ୍) ଡିଜିଟାଲ ଆର୍ମ ବୋର୍ଡ ସଦସ୍ୟ ରହିଛନ୍ତି। ଅନନ୍ତ ରିଲାଏନ୍ସ ନ୍ୟୁ ଏନର୍ଜି ସୋଲାର ଏବଂ ରିଲାଏନ୍ସ ନ୍ୟୁ ସୋଲାର ଏନର୍ଜିର ଜଣେ ନିର୍ଦ୍ଦେଶକ। ତେବେ ସେମାନେ ଏପର୍ଯ୍ୟନ୍ତ ମୂଳ କମ୍ପାନୀ ଆର୍‌ଆଇଏଲ୍ ବୋର୍ଡରେ ସାମିଲ ହୋଇନାହାନ୍ତି। ମୁକେଶ ଅମ୍ବାନୀ ଆହୁରି କହିଛନ୍ତି, ତାଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀମାନେ ବର୍ତ୍ତମାନ ରିଲାଏନ୍ସରେ ଉଚ୍ଚ ଦକ୍ଷ, ପ୍ରତିବଦ୍ଧ ଏବଂ ଅବିଶ୍ୱସନୀୟ ଯୁବ ପ୍ରତିଭାଙ୍କୁ ସମର୍ଥନ ଦେବା ଉଚିତ। ସେମାନଙ୍କୁ ମାର୍ଗଦର୍ଶନ କରିବା ସହ ଆହୁରି ଆଗକୁ ଯିବା ପାଇଁ ଉତ୍ସାହିତ କରିବା ଏବଂ ଉନ୍ନତ ପ୍ରଦର୍ଶନ ପାଇଁ ସେମାନଙ୍କୁ ପ୍ରଶଂସା କରିବା ଆବଶ୍ୟକ।

ଆର୍‌ଆଇଏଲ୍ ଗ୍ରୁପ୍‌ର ୩ ପ୍ରକାର ବ୍ୟବସାୟ ରହିଛି। ଏନର୍ଜି ବିଜ୍‌ନେସ୍, ଟେଲିକମ୍ ଓ ଡିଜିଟାଲ ବିଜ୍‌ନେସ୍ ଏବଂ ରିଟେଲ ବ୍ୟବସାୟ। ଏହାର ମାର୍କେଟ କ୍ୟାପିଟାଲାଇଜେଶନ ୧୬.୨୧ ଲକ୍ଷ କୋଟି ଟଙ୍କା। ଅମ୍ବାନୀ ପରିବାର କମ୍ପାନୀର ୫୦.୬୨ ପ୍ରତିଶତ ଶେୟାର ହୋଲ୍ଡର। ଡିଜିଟାଲ ବ୍ୟବସାୟରେ ଜିଓ କମ୍ପାନୀ ବର୍ତ୍ତମାନ ମାର୍କେଟ ଲିଡର।

## ନାଗାଲାଣ୍ଡ ଗୁଳିକାଣ୍ଡ

### ଯବାନଙ୍କୁ ଏସ୍‌ଆଇଟି ଜେରା

**ନୂଆଦିଲ୍ଲୀ, ୨୯।୧୨(ଆଇଏଏନ୍‌ଏସ୍)**

ନାଗାଲାଣ୍ଡ ଗୁଳିକାଣ୍ଡ ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ବୁଧବାର ଭାରତୀୟ ସେନାର ୧୪ ଜଣ ଯବାନ ଓ କେତେଜଣ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି। ସ୍ଥାନୀୟ ପୋଲିସ ଓ ସେନା ଅଧିକାରୀଙ୍କୁ ନେଇ ଗଠିତ ଏସ୍‌ଆଇଟି କୋନ୍ୟାକ ୟୁନିୟନ ଏବଂ କୋନ୍ୟାକ ଛାତ୍ର ସଂଗଠନକୁ ଭେଟିବା ସହ ମୃତକଙ୍କ ପରିବାର ଏବଂ ଗାଁ ପ୍ରତିନିଧିମାନଙ୍କୁ ଭେଟି ଆଲୋଚନା କରିଛି। ଫୋରେନ୍‌ସିକ ବିବରଣୀ ସଂଗ୍ରହ କରିବା ଲାଗି ଟିମ୍ ନାଗାଲାଣ୍ଡର ଓଟିଙ୍ଗ ଗ୍ରାମରେ ପହଞ୍ଚିଥିଲା। ସୂଚନାଯୋଗ୍ୟ, ଚଳିତ ମାସ ୪ ତାରିଖରେ ସେନା ଗୁଳିରେ ୧୪ ଜଣଙ୍କର ମୃତ୍ୟୁ ଘଟିଥିଲା। କୋଇଲା ଖଣିରୁ କାମ ସାରି ଫେରୁଥିବା ଦିନମଜୁରିଆମାନଙ୍କୁ ଉଗ୍ରପନ୍ଥୀ ଭାବି ସୁରକ୍ଷା ବଳ ଗୁଳି ଚଳାଇଥିଲା। ଗୁଳିକାଣ୍ଡ ଘଟଣାର ତଦନ୍ତ ଲାଗି ଏସ୍‌ଆଇଟି ଗଠନ କରାଯାଇଥିଲା।

### ରାଫାଲ୍ ମୁକାବିଲା ଲାଗି ଜେ-୧୦ସି ବଢ଼ାଉଛି ପାକିସ୍ତାନ



**ନୂଆଦିଲ୍ଲୀ, ୨୯।୧୨**

ଭାରତୀୟ ବାୟୁସେନାରେ ରାଫାଲ ଜେଟ୍ ସାମିଲ ହେବା ପରେ ପାକିସ୍ତାନ ସରକାର ଚାଇନାରୁ ୨୫ଟି ଜେ-୧୦ସି ଯୁଦ୍ଧ ବିମାନ କିଣୁଥିବା ଜଣାପଡ଼ିଛି। ମାର୍ଚ୍ଚ ୨୩ ଫ୍ଲାଏପାଷ୍ଟରେ ଏହି ଯୁଦ୍ଧ ବିମାନଗୁଡ଼ିକ ଅଂଶଗ୍ରହଣ କରିବେ ବୋଲି ପାକିସ୍ତାନ ଗୃହମନ୍ତ୍ରୀ ଶେଖ ରଶିଦ ରାୱଲପିଣ୍ଡିଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଚାଇନା ଜେଟ୍ ଭାରତର ରାଫାଲକୁ ଟକ୍କର ଦେବ ବୋଲି ସେ କହିଛନ୍ତି। ଜେ-୧୦ସି ଚାଇନା ବାୟୁସେନାର ସବୁଠୁ ସମର୍ଥ ଯୁଦ୍ଧବିମାନ ହୋଇଥିଲେ ହେଁ ଏହା ରାଫାଲ ଭଳି ଅତ୍ୟାଧୁନିକ ନୁହେଁ। ରାଫାଲର ଇଣ୍ଟିଗ୍ରେଟେଡ୍ ଆର୍କିଟେକ୍ଚର, ଉନ୍ନତ ସେନ୍‌ସର ଏବଂ ଆକ୍ରମଣ କ୍ଷମତା ଏହାକୁ ସ୍ୱତନ୍ତ୍ର କରିଛି।

### ନଷ୍ଟ ହୋଇନି ୩୫ଶହ ବର୍ଷ ପୁରୁଣା ମମିର ଦାନ୍ତ

**କାଏରୋ, ୨୯।୧୨**

ଇଜିପ୍ଟର ଅନେକ ରାଜା, ରାଜ ପରିବାର ସଦସ୍ୟ, ପୂଜାରୀ ଆଦିଙ୍କୁ ମୃତ୍ୟୁ ପରେ ମମିରେ ପରିଣତ କରାଯିବା ବିଷୟ ସର୍ବଦା ଲୋକଙ୍କ ପାଇଁ ନୂଆ କିଛି ଜାଣିବାର ଉତ୍ସ ହୋଇଆସିଛି। ପୂର୍ବ ସଭ୍ୟତାର ଲୋକଙ୍କ ବିଷୟରେ ଏହା ଦ୍ୱାରା ଅନେକ ତଥ୍ୟ ମିଳିଥାଏ। ନିକଟରେ ବୈଜ୍ଞାନିକମାନେ ୩୫ ଶହ ବର୍ଷ ପୁରୁଣା ଏକ ମମିକୁ ଭର୍ଚୁଆଲ ତଥା ଆଧୁନିକ ଟେକ୍‌ନିକ୍ ଜରିଆରେ ଖୋଲି ଏହାର ଅଧ୍ୟୟନ କରିଛନ୍ତି। ଏହି ମମି ମିଶର ରାଜା ଫାରୋହ୍ ଆମେନହୋଟେପ୍-୧ଙ୍କର, ଯିଏ କି ୧୫୨୫ରୁ ୧୫୦୪ ବିସି ପର୍ଯ୍ୟନ୍ତ ଶାସନ କରିଥିଲେ। ଡିଜିଟାଲ ସିଟି ସ୍କାନ୍ ଜରିଆରେ ତାଙ୍କ ମୃତଶରୀରକୁ ସ୍କାନ କରାଯାଇଥିଲା। ଏତେ ବର୍ଷ ପରେ ବି ମମିର ଦାନ୍ତ ଏବଂ କାନ ହାଡ଼ ନଷ୍ଟ ନ ହୋଇ ସୁରକ୍ଷିତ ଥିବା ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କରିଛି। କାହିରା ୟୁନିଭର୍ସିଟିର ଗବେଷକ ଡ. ସହର ସାଲେମ୍‌ଙ୍କ କହିବା ଅନୁଯାୟୀ, ମମିକୁ ଖୋଲାଯିବା ପରେ ଆମେନହୋଟେପ୍‌ଙ୍କ ଚେହେରା ଅବିକଳ ତାଙ୍କ ବାପାଙ୍କ ପରି ଜଣାପଡୁଥିଲା। ମୃତ୍ୟୁ ପୂର୍ବରୁ ତାଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିଲା। ଏଥିସହ ସେ ରୋଗଗ୍ରସ୍ତ ହୋଇ ମରିଥିବାର ମଧ୍ୟ ପ୍ରମାଣ ମିଳିନାହିଁ।



ବହୁ ପୂର୍ବରୁ ଏହି ରାଜକୀୟ ମମିର ସନ୍ଧାନ ମିଳିଥିଲେ ହେଁ କେହି ଏହାକୁ ଅଧ୍ୟୟନ ପାଇଁ ଖୋଲି ନ ଥିଲେ। ମୃତଶରୀରକୁ ଏକ କାଠ ଫେସ୍‌ମାସ୍କ ଏବଂ ଫୁଲମାଳରେ ସଜା ଯାଇ ମମିଫାଏ କରାଯାଇଥିଲା।

## ଟ୍ରକ ଧକ୍କାରେ ଜଣେ ମୃତ

ରାଉରକେଲା ଅଫିସ: ବେଦବ୍ୟାସସ୍ଥିତ ଭଗବତୀ କଣ୍ଟା ସମ୍ମୁଖରେ ଏକ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଚାନ୍ଦିପୋଷ ଅଞ୍ଚଳର ଆନେଥେସିଆ ବୋଦ୍ରା (୫୦)। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଚାନ୍ଦିପୋଷ ଅଞ୍ଚଳରେ ଆନେଥେସିଆ ପରିବାର ସହ ବାସ କରନ୍ତି। ସେ ବୁଧବାର ହୋଣ୍ଡାଆକଟିଭା ଗାଡ଼ିନଂ(ଓଡି୧୪ଜେ୦୪୩) ଯୋଗେ ରାଉରକେଲାରୁ କୌଣସି କାମସାରି ଦିନ ସାଢ଼େ ୧୨ଟାରେ ଘରକୁ ଫେରୁଥିଲା। ଏହି ସମୟରେ ଭଗବତୀ କଣ୍ଟା ସମ୍ମୁଖରେ ଏକ ଟ୍ରକ ଗାଡ଼ି ନଂ ସିଜି-୧୩ଏଇ୯୮୨୭ ପଛପଟୁ ଧକ୍କା ଦେଇଥିଲା।

## ସଂକ୍ଷେପରେ

### କପଡ଼ା ଦୋକାନରେ ଅଗ୍ନିକାଣ୍ଡ



କୁଆଁରମୁଣ୍ଡା,୨୯।୧୨(ଡି.ଏନ୍.ଏ.)- ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଲ୍ୟାମ୍ପ୍ସ ନିକଟସ୍ଥ ଶ୍ରୀ ସିଦ୍ଧି ବିନାୟକ କପଡ଼ା ଦୋକାନରେ ବୁଧବାର ଭୋର ଭୟାବହ ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର କପଡା, ଶାଢ଼ୀ ସହ ର୍ୟାକ୍ ଇତ୍ୟାଦି ପୋଡ଼ି ଯାଇଛି। ଅଗ୍ନିକାଣ୍ଡ ଖବର ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ଦୋକାନ ମାଲିକ ରତନ ଗୌଡ଼ ଓ ମୁକେଶ ଗୌଡ଼ ଏବଂ ଦୋକାନ ସେଲ୍ସ କାମ କରୁଥିବା ୨ଯୁବତୀ ପୋଡ଼ା ସାମଗ୍ରୀ ମଧ୍ୟରୁ କେତେକ ଆବଶ୍ୟକୀୟ ସାମଗ୍ରୀକୁ ବାହାର କରୁଥିବାର ଦେଖାଯାଇଛି। ହେଲେ ଅଗ୍ନିକାଣ୍ଡର କାରଣ ଶର୍ଟ ସର୍କିଟ ବୋଲି କୁଆଁରମୁଣ୍ଡା ଅଗ୍ନିଶମ ବିଭାଗର ସବ୍‌ଇନ୍ସପେକ୍ଟର ସୂଚନା ଦେଇଛନ୍ତି। ସୂଚନାଥାଉକି,ଗତ ରବିବାର ବିଳମ୍ବିତ ରାତିରେ ବୀରମିତ୍ରପୁର ଗାନ୍ଧିରୋଡ ଅଞ୍ଚଳରେ ମଧ୍ୟ ଅନ୍ୟ ଜଣେ ବ୍ୟବସାୟୀଙ୍କ ଲୁଗା ଦୋକାନରେ ଶର୍ଟ ସର୍କିଟ ଯୋଗୁ ପ୍ରାୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଶାଢ଼ୀ ଓ ଅନ୍ୟାନ ସାମଗ୍ରୀ ପୋଡ଼ି ଯାଇଥିଲା।

### ପୁଣି ଦନ୍ତା ଭାଙ୍ଗିଲା ଘର

କୁତ୍ରା,୨୯।୧୨( ଡି.ଏନ.ଏ.)-ସୁନ୍ଦରଗଡ ଜିଲା ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ବ୍ଲକର ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅଞ୍ଚଳର ଜନସାଧାରଣ ରାତି ଅନିଦ୍ରା ହୋଇ ହାତୀ ଘଉଡାଇବା ପାଇଁ ଜଗି ରହୁଛନ୍ତି। କେବେ ହାତୀ ଆକ୍ରମଣରେ ଲୋକେ ମୃତ୍ୟୁବରଣ କରୁଛନ୍ତି ତ କେବେ ଘର ଭାଙ୍ଗୁଛି । ନହେଲେ ହାତୀ ପଲ ଫସଲ ନଷ୍ଟ କରି ବ୍ୟାପକ କ୍ଷୟକ୍ଷତି ଘଟାଉଛି । ମଙ୍ଗଳବାର ଭୋର ୩ଟା ବେଳେ ପଞ୍ଚରା ପତ୍ରାପଡାଠାରେ ଏକ ଦନ୍ତା ହାତୀ ପ୍ରଥମେ ପଞ୍ଚରା ପତ୍ରାପଡାର ଉରମିଳା ବୁଡାଙ୍କ ଘର ଭାଙ୍ଗି ଦେଇ ଆସବାବପତ୍ର ନଷ୍ଟ କରିଛି । ଏହି ହାତୀ ଗୋଟିଏ ବସ୍ତା ଧାନ ଖାଇ ଦେଇଥିବା ବେଳେ ଗୋଟିଏ ବସ୍ତା ଧାନ ଟେକି ନେଇ ପଳାଇଥିଲା । ତେବେ ପରିବାର ଲୋକ ଦନ୍ତା କବଳରୁ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ପରେ ଗ୍ରାମବାସୀ ଘଉଡାଇବାରୁ ଗ୍ରାମର କୈଳାସ ପାତ୍ରଙ୍କ ବାଡିରେ ପଶି କଦଳି ଗଛ ସବୁ ଦଳି ଚକଟି ନଷ୍ଟ କରି ଦେଇଛି । ପଡାବାସୀ ଘଉଡାଇବାରୁ ଗୋଠ ଖଣ୍ଡିଆ ଦନ୍ତା ହାତୀ ଜଙ୍ଗଲ ଆଡକୁ ଚାଲିଯାଇଛି । ସ୍ଥାନୀୟ ଲୋକେ ବନ ବିଭାଗ ପାଖରେ ଘରଭଙ୍ଗା କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ସୋମବାର ବ୍ଲକର ନୂଆଗାଁ ଛୁରିଚୋଖା ଗ୍ରାମର କିରନ ଡୁଙ୍ଗଡୁଙ୍ଗଙ୍କୁ ହାତୀ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

### ବଡ଼ଗାଁ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ବଡ଼ଗାଁ,୨୯।୧୨(ଡି.ଏନ.ଏ.)-ସୁନ୍ଦରଗଡ଼ ଜିଲା ବଡ଼ଗାଁ ଓରିଏଣ୍ଟା କ୍ରିକେଟ କ୍ଲବ ପକ୍ଷରୁ ବଡ଼ଗାଁ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଥାନା ଏଏସଆଇ ତଥା ପୂର୍ବତନ ରଣଜୀ ଖେଳାଳି ରବି ନାରାୟଣ ପଣ୍ଡା ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୯ତାରିଖରେ ଉଦ୍‌ଯାପିତ ହେବ। ଚାମ୍ପିୟନ ଟିମ୍‌କୁ ୨୦ ହଜାର ଟଙ୍କା ସହ ଟ୍ରଫି, ଉପ ବିଜେତା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି, ପ୍ରତ୍ୟେକ ମ୍ୟାଚରେ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଚୟନ କରି ପୁରସ୍କୃତ କରାଯିବ। ଆନନ୍ଦ ପୃଷେଠ, ପ୍ରକାଶ ଜେନା ଓ ସମ୍ବିଦ୍ ନାଏକ ଖେଳ ପରିଚାଳନା କରୁଛନ୍ତି। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କ୍ଲବ ସଦସ୍ୟମାନେ ସହଯୋଗ କରୁଛନ୍ତି।

### ନବବର୍ଷରେ ସମଲେଶ୍ୱରୀଙ୍କ ସାଧାରଣ ଦର୍ଶନରେ କଟକଣା

ସମ୍ବଲପୁର,୨୮।୧୨ (ବ୍ୟୁରୋ): ନବବର୍ଷରେ ସମ୍ବଲପୁର ଅଧିଷ୍ଠାତ୍ରୀ ସମଲେଶ୍ୱରୀଙ୍କ ସାଧାରଣ ଦର୍ଶନ ଉପରେ ଜିଲା ପ୍ରଶାସନ ରୋକ ଲଗାଇଛି। ଜିଲା ପ୍ରଶାସନର ନିଷ୍ପତ୍ତି ପରେ ବୁଧବାର ମା' ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ଏ ନେଇ ସୂଚନା ଦିଆଯାଇଛି। ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସୂଚନା ମୁତାବକ ନବ ବର୍ଷ ପାଇଁ ମନ୍ଦିରରେ ଭିଡ଼ ହେବା ଆଶଙ୍କା ଥିବାରୁ ଭକ୍ତଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ଲଗାଯାଇଛି। ଚଳିତଥର ଡିସେମ୍ବର ୩୦ରୁ ଜାନୁୟାରୀ ୨ତାରିଖ ପର୍ଯ୍ୟନ୍ତ ସମଲେଶ୍ୱରୀ ମନ୍ଦିର ବନ୍ଦ ରହିବ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଛି। ତେବେ ଏହି ସମୟରେ କେବଳ ବିଧି ରକ୍ଷା ପାଇଁ ମନ୍ଦିରରେ ପୂଜକମାନେ ପୂଜା କରିବେ।

# ହାତୀବାରିରେ ଜମି ଅଧିଗ୍ରହଣକୁ ନେଇ ଉତ୍ତେଜନା

ସମ୍ବଲପୁର,୨୯।୧୨(ବ୍ୟୁରୋ)



ହାତିବାରୀରେ ଉଚ୍ଛେଦ ପ୍ରକ୍ରିୟା ଚାଲିଛି ।

ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥରେ ୪ ଥାକିଆ ରାସ୍ତା ନିର୍ମାଣ କାମ ଚାଲିଛି। ଏଥିପାଇଁ ବୁଧବାର ଜମି ଅଧିଗ୍ରହଣ ହେଉଥିବା ସମୟରେ ହାତୀବାରିରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ ପ୍ରଥମେ କେତେକ ଘର ଓ ପାଚେରି ଭଙ୍ଗାଯାଇଥିଲା। ପରେ ଭାରତୀୟ ଷ୍ଟେଟବ୍ୟାଙ୍କ ଭାଙ୍ଗିବା ସମୟରେ ପରିସ୍ଥିତି ଅଣାୟତ ହୋଇଥିଲା। ପ୍ରଭାବିତ ପରିବାର ଓ ପ୍ରଶାସନିକ ଅଧିକାରୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଭାବିତ ଲୋକେ ୧୫ ଦିନ ସମୟ ମାଗିଥିଲେ। ପ୍ରଶାସନ ଅନୁମତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସରୋଜ ମିଶ୍ର, ଝୁଝୁମୁରା ଅତିରିକ୍ତ ତହସିଲଦାର ବୀରସେନ ପ୍ରଧାନ, ଝୁଝୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ଓ ଠିକା ସଂସ୍ଥାର କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଭାବିତ ପରିବାର ମଧ୍ୟରେ ସରୋଜ ସାହୁ, ବିନାୟକ ବାରିକ, ଅନନ୍ତ ଭୋଇ, ନକୁଳ ଲୁହା, ହୃଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଅଭିଯୋଗ କରିଥିଲେ, ଜାତୀୟ ରାଜପଥ ପାଇଁ ଜମି ଅଧିଗ୍ରହଣ କରାଯାଉଛି। ଆମେ ଏହାକୁ ସମର୍ଥନ କରୁଛୁ। ହେଲେ ପ୍ରଶାସନ ପକ୍ଷରୁ ଅଧିଗ୍ରହଣରେ ପାତରଅନ୍ତର କରାଯାଉଛି। ଯେଉଁମାନେ ଅଧିକାରୀଙ୍କ ସହ ସଲାସୁତୁରା କରୁଛନ୍ତି ସେମାନଙ୍କୁ ଅଧିକ ଟଙ୍କା ଦିଆଯାଉଛି। ଘର ନ ଥିଲେ ଘରଥିବା ଦର୍ଶାଯାଉଛି। ଏପରିକି ନଳକୂପ, ଗଛ, ପାଚେରି ନ ଥିଲେ ମଧ ଟଙ୍କା ଦିଆଯାଉଛି। ହାତିବାରୀର କେତେଜଣଙ୍କୁ କ୍ଷତିପୂରଣ ଟଙ୍କା ଦିଆଯାଇଛି। ହେଲେ ଘର ଭଙ୍ଗାଯାଉ ନାହିଁ। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ପ୍ରଧାନ କହିଛନ୍ତି, ଯେଉଁ ଘରଗୁଡିକ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ରହିଥିଲା ସେଗୁଡିକୁ ଭାଙ୍ଗି ଦିଆଯାଇଛି। ବ୍ୟାଙ୍କ ଭାଙ୍ଗିବା ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ହେଲେ ଆପୋସ ଆଲୋଚନାରେ ସମାଧାନ ହୋଇଯାଇଥିବା କହିଥିଲେ।

## ସହର ପାଇଁ ଗୌରବ ଆଣିଲେ ସାଇକ୍ଲିଷ୍ଟ ସ୍ୱସ୍ତି ସିଂହ

ରାଉରକେଲା ଅଫିସ,୨୯।୧୨:

ଜୟପୁରରେ ଆୟୋଜିତ ୭୩ତମ ସିନିୟର ଜାତୀୟ ଟ୍ରାକ ସାଇକ୍ଲିଂ ଚାମ୍ପିୟନଶିପରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଆରଏସ୍‌ପିର ତାରକା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଦୁଇଟି ପଦକ ହାସଲ କରିଛନ୍ତି। ମହିଳା ସିନିୟର ବର୍ଗରେ ଏହି ପ୍ରତିଭାବାନ ଯୁବା ସାଇକ୍ଲିଷ୍ଟ ୩ ହଜାର ମିଟର ବ୍ୟକ୍ତିଗତ ପର୍ସୁଇଟ ଇଭେଣ୍ଟରେ ରୌପ୍ୟ ଓ ୨ଶହ ମିଟର ଇଭେଣ୍ଟରେ ଭାଗ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସ୍ୱସ୍ତି ଆରଏସ୍‌ପିର ଅକ୍ସିଜେନ ପ୍ଲାଣ୍ଟ ବିଭାଗର ସିନିୟର ଟେକ୍ନସିଆନ ଅସମର ସିଂ ଓ ମାତା ଉମା ଦେବୀଙ୍କ ସୁପୁତ୍ରୀ ଅଟନ୍ତି। ରାଉରକେଲା ଇସ୍ପାତ ସହରରେ ଏହି ଯୁବ କ୍ରୀଡାବିତ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ କ୍ରମାଗତ ଭାବେ ସହର ତଥା ରାଜ୍ୟପାଇଁ ଗୌରବ ଅର୍ଜନ କରିଛନ୍ତି। ଏହା ପୂର୍ବରୁ ସ୍ୱସ୍ତି ଗୌହାଟିରେ ଆୟୋଜିତ ତୃତୀୟ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସ ୨୦୨୦ରେ ଦୁଇଟି ସ୍ୱର୍ଣ୍ଣ ପଦକ ଓ ଏକ ରୌପ ପଦକ ଜିତିଥିଲେ। ସ୍ୱସ୍ତି ଅଦ୍ୟାବିଧି ୧୭ଟି ଜାତୀୟ ଓ ୩ଟି ଅନ୍ତର୍ଜାତୀୟ ପଦକ ହାସଲ କରିଛନ୍ତି। ଏଥିସହ ଏହି ସାଇକ୍ଲିଷ୍ଟଙ୍କୁ ଏକଲବ୍ୟ ସାଇଟେସନ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି।

## ସୁନ୍ଦରଗଡ଼ ଜିଲାରେ ୨୨.୫୨ମି.ମି.ବର୍ଷା

ସୁନ୍ଦରଗଡ,୨୯।୧୨ (ଡି.ଏନ୍.ଏ)

ମଙ୍ଗଳବାର ରାତିରୁ ସୁନ୍ଦରଗଡ଼ ଜିଲାରେ ଲାଗିରହିଥିବା ଅଦିନିଆ ବର୍ଷା ଜନଜୀବନକୁ ପ୍ରଭାବିତ କରିଛି। ତୁହାକୁତୁହା ଝିପିଝିପି ବର୍ଷା ଓ କୋହଲା ପାଗ ଲାଗିରହିଛି। ଗତ କିଛିଦିନର ହାଡଭଙ୍ଗା ଶୀତ ପରେ ଏହି ଅଦିନିଆ ବର୍ଷା ସହିତ ଛାଡିଥରା କାଲୁଆ ପବନକୁ ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ବର୍ଷା ଯୋଗୁ ଦୋକାନ, ବଜାର, ଅଫିସ, କଚେରୀ ଓ ଶିକ୍ଷାନୁଷ୍ଠାନଗୁଡିକରେ ବିଶେଷ ଗହଳି ପରିଲକ୍ଷିତ ହୋଇ ନ ଥିଲା। ବର୍ଷା ପାଗରେ ଚା' ଷ୍ଟଲଗୁଡିକରେ ଖଟି ଜମିଥିବା ଦେଖିବାକୁ ମିଳିଛି। ଜିଲାରେ ବୁଧବାର ସକାଳ ୮ଟା ସୁଦ୍ଧା ୨୨.୫୨ମିଲିମିଟର ବର୍ଷା ରେକର୍ଡ ହୋଇଥିବା ଜିଲା ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଜିଲାର ୧୭ ବ୍ଲକ ମଧ୍ୟରୁ ଲହୁଣୀପଡା ବ୍ଲକରେ ସର୍ବାଧିକ ୪୭ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଟାଙ୍ଗରପାଲି ବ୍ଲକରେ ସର୍ବନିମ୍ନ ୫.୨ ମିମି ବର୍ଷା ହୋଇଛି।

## 'ମିସ୍ ଇଣ୍ଡିଆ କୁଇନ୍ ଅଫ୍ ହାର୍ଟ' ମୁକୁଟ ପିନ୍ଧିଲେ ରାଉରକେଲା ଝିଅ ସୁସ୍ମିତା

ରାଉରକେଲା ଅଫିସ,୨୯।୧୨




ମିସ୍ ଇଣ୍ଡିଆ ମୁକୁଟ ପିନ୍ଧିଥିବା ସୁସ୍ମିତା।

ରାଜଧାନୀ ଦିଲ୍ଲୀର ଏକ ହୋଟେଲରେ ଆୟୋଜିତ ହୋଇଥିବା ମିସ୍ ଇଣ୍ଡିଆ କୁଇନ୍ ଅଫ୍ ହାର୍ଟ ପ୍ରତିଯୋଗିତାରେ ରାଉରକେଲା ଝିଅ ସୁସ୍ମିତା ଭଞ୍ଜ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟରୁ ୬୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ପଛରେ ପକାଇ ସୁସ୍ମିତା ଏହି ପ୍ରତିଯୋଗିତାରେ ମିସ୍ ଇଣ୍ଡିଆ କୁଇନ୍ ଅଫ୍ ହାର୍ଟ ମୁକୁଟ ପିନ୍ଧିଥିଲେ। ମଙ୍ଗଳବାର ଅନୁଷ୍ଠିତ ଚୂଡ଼ାନ୍ତ ପ୍ରତିଯୋଗିତାରେ ବଲିଉଡ୍ ସେଲିବ୍ରିଟି ପବିତ୍ର ପୁନିଆ ଯୋଗଦେଇ ତାଙ୍କୁ ଏହି ମୁକୁଟ ପିନ୍ଧାଇଥିଲେ। ସୁସ୍ମିତା ରାଉରକେଲା ଫର୍ଟିଲାଇଜର ଅଞ୍ଚଳରେ ବାସ କରୁଥିବା ରାଜ କିଶୋର ଭଞ୍ଜ ଓ ଗୌରୀ ଭଞ୍ଜଙ୍କ ଏକମାତ୍ର ଝିଅ। ଯୁକ୍ତ ଦୁଇ ପରେ ସୁସ୍ମିତା ଡାକ୍ତରୀ ପଢିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ପିଲାବେଳୁ ନୃତ୍ୟ, ଗୀତ ପ୍ରତି ଆଗ୍ରହ ରଖିଥିବା ସୁସ୍ମିତା ମଡ଼େଲିଂ ଶିକ୍ଷା କରୁଛନ୍ତି। ସଫଳତା ପାଇବା ପରେ ତାଙ୍କୁ ବିଭିନ୍ନ ଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। କୌଣସି ରୂପ, ରଙ୍ଗ ଓ ଜାତିପ୍ରଥାକୁ ନ ଦେଖି ନିଜ ଭିତରେ ଥିବା ଦକ୍ଷତାକୁ ପରଖି ନିଷ୍ଠା ସହ କଠୋର ପରିଶ୍ରମ କଲେ ଜୀବନରେ ସଫଳତା ସୁନିଶ୍ଚିତ ମିଳିଥାଏ ବୋଲି ସୁସ୍ମିତା କହିଛନ୍ତି। ଗୁରୁବାର ସେ ଦିଲ୍ଲୀରୁ ରାଉରକେଲାରେ ପହଞ୍ଚିବେ ବୋଲି ଜଣାପଡ଼ିଛି।

## ତରବରିଆ ନିଯୁକ୍ତି ମେଳା ନେଇ ଅସନ୍ତୋଷ

ଝାରସୁଗୁଡ଼ା ଅଫିସ,୨୯।୧୨:



ନିଯୁକ୍ତି ମେଳାରେ ଉପସ୍ଥିତ ଯୁବତୀଯୁବକ।

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବେଲପାହାଡ଼ କଲେଜ ପରିସରରେ ଗତ ମଙ୍ଗଳବାର ଏକ କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲାପାଳ ସରୋଜ କୁମାର ସାମଲ ଉଦ୍‌ଘାଟନ କରିଥିଲେ। ହେଲେ ତରବରିଆ ଭାବେ ମେଳା ଆୟୋଜନ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ଉଦ୍‌ଘାଟନୀ ସଭାରେ କଲେଜ ଅଧ୍ୟକ୍ଷ ଆଶିଷ କୁମାର ଦାସ ସ୍ୱାଗତ ଭାଷଣ ଓ ଜିଲା କର୍ମ ନିଯୋଜନ ଅଧିକାରିଣୀ ସଞ୍ଜୁ କୁମାରୀ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ଦେବକୀରାଣି ବେହେରାଙ୍କ ପରିଚାଳନା କରିଥିବାବେଳେ ଏଥିରେ ଜିଲାର ଛୋଟବଡ ୨୪ ଶିଳ୍ପସଂସ୍ଥା ଯୋଗଦେଇଥିଲେ। ସମୁଦାୟ ୫୫୬ଜଣ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ଏଥିମଧ୍ୟରୁ ୫୧୭ଜଣଙ୍କ ନାମ ନିଯୁକ୍ତି ତାଲିକାରେ ସ୍ଥାନ ପାଇଛି। ଅଧିକାଂଶ କଲେଜ ଛାତ୍ରୀଛାତ୍ର ରହିଛନ୍ତି। ମେଳାରେ ବିଭିନ୍ନ ସଂସ୍ଥାର ଷ୍ଟଲ୍ ଲାଗିଥିଲା। ହେଲେ ଅଧିକାଂଶ ଷ୍ଟଲ୍‌ରେ ସମ୍ପୃକ୍ତ ସଂସ୍ଥାର ବ୍ୟାନର ଦେଖିବାକୁ ମିଳି ନ ଥିଲା । ପେପରରେ ଜେରେକ୍ସ କରାଯାଇ ଷ୍ଟଲ୍‌ରେ ଲଗାଯାଇଥିଲା। ଫଳରେ ମେଳାକୁ ଆସିଥିବା ଯୁବତୀଯୁବକ ସଂସ୍ଥା ସମ୍ପର୍କରେ ଜାଣିବା ପାଇଁ ଦ୍ୱନ୍ଦ୍ୱରେ ପଡିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ସଂସ୍ଥାର ଅଧିକାରୀଙ୍କୁ ପଚାରିବାରୁ ସେମାନେ କହିଥିଲେ, ନିଯୁକ୍ତି ମେଳା ମଙ୍ଗଳବାର ରହିଥିବାବେଳେ ଜିଲା କର୍ମ ନିଯୋଜନ ବିଭାଗ ତରଫରୁ ତାଙ୍କୁ ସୋମବାର ରାତିରେ ସୂଚନା ଦିଆଯାଇଥିଲା। ଫଳରେ କମ୍ ସମୟ ମଧ୍ୟରେ କର୍ମନିଯୁକ୍ତି ପଦବୀ ତାଲିକା ସାଙ୍ଗକୁ ବ୍ୟାନର ପ୍ରସ୍ତୁତ କରିବା ସମ୍ଭବପର ହୋଇ ନ ଥିଲା। ଏହାଛଡା ମେଳା ସମ୍ପର୍କରେ ଜିଲା କର୍ମ ନିଯୋଜନ ବିଭାଗ ତରଫରୁ ଠିକ୍ ଭାବେ ସୂଚନା ଦିଆଯାଇ ନ ଥିବାରୁ ବହୁ ବେକାର ଯୁବତୀଯୁବକ ଆସିପାରି ନ ଥିଲେ। ଏ ସମ୍ପର୍କରେ ଜିଲା କର୍ମ ନିଯୋଜନ ଅଧିକାରିଣୀ ସାହୁ କହନ୍ତି, ପ୍ରଚାର ପ୍ରସାର ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେହେରୁ ଯୁବକେନ୍ଦ୍ରକୁ ଦାୟିତ୍ୱ ଦିଆଯାଇଥିଲା। ଜିଲା ପ୍ରଶାସନ ଦିନ ଧାର୍ଯ୍ୟ କଲାପରେ ସମ୍ପୃକ୍ତ ଶିଳ୍ପସଂସ୍ଥାଙ୍କୁ କମ୍ ସମୟ ମଧ୍ୟରେ ସୂଚନା ପ୍ରଦାନ କରାଯାଇଥିଲା। ଫଳରେ ଶିଳ୍ପସଂସ୍ଥା ନିଜର ବ୍ୟାନର ପ୍ରସ୍ତୁତ କରିପାରି ନ ଥିଲେ।

## ନାଟକ ସମାଜ ସଂସ୍କାର ବାର୍ତ୍ତା ଦେବା ଜରୁରୀ

ସମ୍ବଲପୁର,୨୯।୧୨(ବ୍ୟୁରୋ):

ଯୁବ ଉଦୟନ ପକ୍ଷରୁ ଆୟୋଜିତ ୨୪ତମ ବୀର ସୁରେନ୍ଦ୍ର ସାଏ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ବୁଧବାର ଅନ୍ତିମ ଦିବସରେ ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ଆରଣ୍ୟକ ମଞ୍ଚଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ଼. ଶିବ ନାରାୟଣ ଶତପଥି ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଡ଼. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ପାଣିଗ୍ରାହୀ ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ନାଟ୍ୟବିତ୍ ପ୍ରଶାନ୍ତ ମହାରଣା ପ୍ରତିଯୋଗିତାରେ ମଞ୍ଚସ୍ଥ ହୋଇଥିବା ନାଟକଗୁଡ଼ିକୁ ସମୀକ୍ଷା କରିଥିଲେ। ସେ କହିଥିଲେ, ନାଟକ ଦର୍ଶକଙ୍କୁ ମନୋରଞ୍ଜନ ଦେବା ସହ ସମାଜ ସଂସ୍କାର ପାଇଁ ବାର୍ତ୍ତା ଦେବା ଜରୁରୀ। ନାଟ୍ୟକର୍ମୀ ଏଥିପ୍ରତି ଯତ୍ନଶୀଳ ହେବା ଆବଶ୍ୟକ। ସଭାପତି ଡ଼. ଶତପଥି ନାଟକ ମାନବଧର୍ମୀ ତଥା ସମାଜ ସଂସ୍କାର ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ଅତିଶ ଶତପଥି, ଚକ୍ରଧର ମିଶ୍ର, ସୁବାସ ଚନ୍ଦ୍ର ନନ୍ଦ, ମାନସ ମିଶ୍ର, ସଞ୍ଜୟ ମିଶ୍ର, ସଂଯୁକ୍ତା ପଣ୍ଡା, ସୌମେନ୍ଦ୍ର ପୂଜାରୀ, ଦେବାର୍ଚ୍ଚନ ଠାକୁର, ପ୍ରଭାସ ବାନାର୍ଜୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସମ୍ପାଦକ ଡ଼. ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରାଜଗାଙ୍ଗପୁର ଟ୍ରକ୍ ମାଲିକ ସଂଘ ନିର୍ବାଚନ ସ୍ଥଗିତ

ରାଜଗାଙ୍ଗପୁର, ୨୯।୧୨ (ଡି.ଏନ.ଏ)

୨୦୨୨ବର୍ଷ ପାଇଁ ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘର ନିର୍ବାଚନ ୩୦ତାରିଖ ହେବାର ସ୍ଥିରୀକୃତ ହୋଇଥିବା ବେଳେ କେତେକ ସଭ୍ୟ ତାଙ୍କର ଭୋଟ ଦେବା କ୍ଷମତାକୁ ବେଆଇନ ଭାବରେ କାଟିଦେଇ ନିର୍ବାଚନରେ ଭାଗ ନେବା ଉପରେ ପ୍ରତିବନ୍ଧ ଲଗାଇବାର ବିରୋଧରେ ସୁନ୍ଦରଗଡ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୩୦ ତାରିଖ ନିର୍ବାଚନକୁ ସ୍ଥଗିତ କରିବାକୁ ସୁନ୍ଦରଗଡ଼ ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ ବୁଧବାର ପତ୍ର ସଂଖ୍ୟା ୨୯୭୮ ଦ୍ୱାରା ଜାରି କରାଯାଇଛି। ଏହା ସହିତ ଅଭିଯୋଗ ଉପରେ ତନଖି ପାଇଁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଗୁଣ୍ଡୁରିପୋଶି ଗ୍ରାମରେ ହାତୀ ଉପଦ୍ରବ: ଅଞ୍ଚଳବାସୀ ଭୟଭୀତ

ଦେବଗଡ଼,୨୯।୧୨(ଡି.ଏନ୍.ଏ.):



ହାତୀ କ୍ଷତିଗ୍ରସ୍ତ କରିଥିବା ଗଛ ।

ମଙ୍ଗଳବାର ରାତିରେ ୭ଟି ହାତୀ ଥିବା ଏକ ହାତୀପଲ ଦେବଗଡ ବନାଞ୍ଚଳ ତଥା ଦେବଗଡ ଫରେଷ୍ଟ ସେକସନ ଅନ୍ତର୍ଗତ ଗୁଣ୍ଡୁରିପୋଶି ଗ୍ରାମରେ ପଶି ବହୁ ବାଡି ବଗିଚା ନଷ୍ଟ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ହାତୀପଲ ଗୁଣ୍ଡୁରିପୋଶି ଗ୍ରାମରେ ପଶି ଉକ୍ତଗ୍ରାମର ଦିଲ୍ଲୀପ ସ୍ୱାଇଁ, କାଳିଆ ସ୍ୱାଇଁ, ରଞ୍ଜନ ସ୍ୱାଇଁ, ଡମ ଚରଣ ସ୍ୱାଇଁ, ମାୟାଧର ସ୍ୱାଇଁ ଓ ଦ୍ୱାରିକା ନାଥ ସ୍ୱାଇଁଙ୍କ ସମେତ ଉକ୍ତ ଗ୍ରାମର ବହୁ ଚାଷୀଙ୍କ ବାଡି ବଗିଚାରେ ପଶି କଦଳୀ ଗଛ ନଷ୍ଟ କରିବା ସହ ଆଳୁ ,ପିଆଜ, କୋବି, ବାଇଗଣ, ଟମାଟୋ ଆଦି ପନିପରିବା ନଷ୍ଟ କରିଦେଇଥିଲେ । ଏଥିସହ ଅନେକ ଚାଷୀଙ୍କର ବାଡିରେ ଥିବା ଡେକଚି ଓ କଡେଇ ଆଦି ମଧ ଭାଙ୍ଗିରୁଜି ଦେଇଥିଲେ। ବୁଧବାର ପ୍ରତ୍ୟୁଷରେ ଗ୍ରାମବାସୀ ଉକ୍ତ ହାତୀପଲକୁ ନିକଟସ୍ଥ ଜଙ୍ଗଲ ମଧକୁ ଘଉଡାଇ ଦେଇଥିଲେ ହେଁ ବୁଧବାର ସନ୍ଧ୍ୟାରେ ପୁଣିଥରେ ନିକଟସ୍ଥ ବୁଡିବିଲ ଗ୍ରାମ ଆଡକୁ ମୁହାଁଇଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏଣୁ ବନ ବିଭାଗ କର୍ତ୍ତୃପକ୍ଷ ଉକ୍ତ ହାତୀପଲକୁ ଜଙ୍ଗଲ ମଧ୍ୟକୁ ଘଉଡାଇବା ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ଡିସିବିଏଲ୍ ପକ୍ଷରୁ ପ୍ରଥମ ଇ-ଟ୍ରକ୍ ଶୁଭାରମ୍ଭ

ରାଜଗାଙ୍ଗପୁର,୨୯।୧୨ (ଡି.ଏନ.ଏ.)



ପତାକା ଦେଖାଇ ଇ-ଟ୍ରକର ଶୁଭାରମ୍ଭ କରାଯାଉଛି ।

ଡାଲମିଆ ଭାରତ ଲିମିଟେଡ ସହଯୋଗୀ ସଂସ୍ଥା ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ(ଡିସିବିଏଲ୍) ପକ୍ଷରୁ ଏହାର ଇ-ଟ୍ରକ୍ ପ୍ରଚଳନ ମଙ୍ଗଳବାର ଶୁଭାରମ୍ଭ କରାଯାଇଛି । ଏଥିସହିତ ଚକ୍ରାକାର ଅର୍ଥନୀତି ଆଡକୁ ଶିଳ୍ପର ରୂପାନ୍ତରଣ ନେତୃତ୍ୱ ଗ୍ରହଣ କରାଯାଇଛି । ଏହି ପଦକ୍ଷେପ ଅଙ୍ଗାରକାମ୍ଳ ହ୍ରାସ କରିବା ଲାଗି ଡିସିବିଏଲ କରିଥିବା ଲକ୍ଷ୍ୟକୁ ତ୍ୱରାନ୍ୱିତ କରିବା ସହ କମ୍ପାନୀର ସାମଗ୍ରିକ ଲଜିଷ୍ଟିକ୍ସ ମୂଲ୍ୟ ସ୍ଥିତିରେ ଉନ୍ନତି ଆଣିବ । କମ୍ପାନୀର ନୂଆ ଇଭି ଟ୍ରକ ଫ୍ଲିଟ ଶୁଭାରମ୍ଭ ସହ ଡିଜେଲ ଟ୍ରକ ଯୋଗୁ ହେଉଥିବା ଅଙ୍ଗାରକାମ୍ଳ ନିର୍ଗମନ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ । ଏହା ଭାରତର ପ୍ରଥମ ଇ-ଟ୍ରକ ବୋଲି କମ୍ପାନୀ ପକ୍ଷରୁ ଦର୍ଶାଯାଇଛି।
ଏହି ପଦକ୍ଷେପର ପ୍ରଥମ ପର୍ଯ୍ୟାୟ ଅଂଶ ଭାବେ ପ୍ରସ୍ତାବିତ ୨୨ଟି ଉଚ୍ଚ ଦକ୍ଷତାର ଇଲେକ୍ଟ୍ରିକ ଟ୍ରକ ମଧ୍ୟରୁ ଦୁଇଟିକୁ କାର୍ଯ୍ୟରେ ମୁତୟନ କରାଯାଇଛି ଏବଂ ବଳକା ୨୦ଟିକୁ ୨୦୨୨ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ କାର୍ଯ୍ୟରେ ଲଗାଯିବ। ସରକାରଙ୍କ ଆତ୍ମନିର୍ଭର ଭାରତ ମିଶନକୁ ସହାୟତା ପ୍ରଦାନ କରିବା ଲାଗି ଭାରତର ପ୍ରଥମ ଉଚ୍ଚ କ୍ଷମତା ସମ୍ପନ୍ନ ଇଲେକ୍ଟ୍ରିକ ଟ୍ରକ ନିର୍ମାତା ଆଇପିଏଲ ଟେକ୍ ଡିସିବିଏଲ ପକ୍ଷରୁ ନିଯୁକ୍ତ କରାଯାଇଛି ଯାହା ପ୍ରଥମ ଧରଣର ଇଭି ପ୍ରଦାନ କରିବ । ସିମେଣ୍ଟ ଉତ୍ପାଦନ ପାଇଁ ପ୍ରମୁଖ କଞ୍ଚାମାଲ ସ୍ଲାଗ ରାଉରକେଲାସ୍ଥିତ ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ (ସେଲ୍)ରୁ ଏହାର ରାଜଗାଙ୍ଗପୁରରେ ଥିବା ସିମେଣ୍ଟ ଉତ୍ପାଦନ କାରଖାନା ପର୍ଯ୍ୟନ୍ତ ପରିବହନ କରିବା ଲାଗି ସେହି ଟ୍ରକକୁ ବ୍ୟବହାର କରାଯିବ । କମ୍ପାନୀ ପକ୍ଷରୁ ରାଜଗାଙ୍ଗପୁରରେ ଦୁଇଟି ଚାର୍ଜିଂ ଷ୍ଟେଶନକୁ କାର୍ଯ୍ୟକାରୀ କରାଯାଇଛି ଏବଂ ୨୦୨୨ ମାର୍ଚ୍ଚ ସୁଦ୍ଧା ଆଉ ତିନିଟି ଚାର୍ଜିଂ ଷ୍ଟେଶନକୁ କାର୍ଯ୍ୟକାରୀ କରାଯିବ ।
ବ୍ୟବସାୟ ଓ ସାମାଜିକ ଦୃଷ୍ଟିରୁ ପରିବେଶ ନିରନ୍ତରତା ହାସଲ କରିବା ପାଇଁ ଡିସିବିଏଲ୍ ସର୍ବଦା ପ୍ରାଥମିକତା ଦେଇଛି। ସକାରାତ୍ମକ ପରିବେଶ ପଦକ୍ଷେପ ଗ୍ରହଣ କରିବା ଲାଗି ସରକାର ଠିକ ନୀତି ଓ ପରିବେଶ ସୃଷ୍ଟି କରୁଥିବାରୁ କମ୍ପାନୀ କୃତଜ୍ଞ ଥିବା ବେଳେ ଘରୋଇ ସଂସ୍ଥାକୁ ମଧ ନେତୃତ୍ୱ ନେବାକୁ ପଡିବ ବୋଲି ମହେନ୍ଦ୍ର ସିଂଘୀ, ପରିଚାଳନା ନିର୍ଦ୍ଦେଶକ ଓ ସିଇଓ, ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ କହିଛନ୍ତି । ନିରନ୍ତର ଅଭିବୃଦ୍ଧିକୁ ଉତ୍ସାହିତ କରୁଥିବା ଏକ ସାମଗ୍ରିକ ବ୍ୟବସାୟ ବ୍ୟବସ୍ଥା ସୃଷ୍ଟି କରିବାରେ ଡିସିବିଏଲ୍ ସର୍ବଦା ଅଗ୍ରଣୀ ସ୍ଥାନରେ ରହିଛି । ୨୦୪୦ ସୁଦ୍ଧା କାର୍ବନ ନେଗେଟିଭ ହେବା ଲାଗି ଆମର ଯେଉଁ ନିରନ୍ତର ଲକ୍ଷ୍ୟ ରହିଛି ତାହାକୁ ଆମେ ହାସଲ କରିପାରିବୁ । ଇଭିକୁ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେବା ଲାଗି ଡିସିବିଏଲ ନେଇଥିବା ନିଷ୍ପତ୍ତି ପରିବେଶ ସ୍ଥିତିରେ ଉନ୍ନତି ଆଣିବ ଏବଂ ଏହାର କାର୍ଯ୍ୟ କ୍ଷେତ୍ରର ଆଖାପାଖରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିପଦ କମ କରିବାରେ ସହାୟକ ହେବ । ଏହି ଅଭିଯାନ ସମ୍ପର୍କରେ ଚେତନ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଡିସିବିଏଲ୍ ଓ ୟୁନିଟ ମୁଖ୍ୟ, ରାଜଗାଙ୍ଗପୁର କହିଛନ୍ତି, ଭାରତର ଅଗ୍ରଣୀ ସବୁଜ ସିମେଣ୍ଟ ନିର୍ମାତା ଭାବେ ଅଭିନବ ସମାଧାନ ଉପସ୍ଥାପନ କରିବା ଲାଗି କମ୍ପାନୀ ଦୃଢ ଭାବେ ଉଦ୍ୟମ କରୁଛି , ଯାହା ନିରନ୍ତର ପରିବହନର ପ୍ରସାର କରିବା ସହ ଅଙ୍ଗାରକାମ୍ଳ ହ୍ରାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ।

## କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ସୁନ୍ଦରଗଡ,୨୯।୨୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ କଂଗ୍ରେସର ୧୩୭ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶର ସ୍ୱାଧୀନତା ଆନ୍ଦୋଳନ ଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ କଂଗ୍ରେସ ସବୁବେଳେ ସାଧାରଣ ଲୋକଙ୍କ ସହ ରହି ଏକ ଦଳ ନୁହେଁ ଏକ ସାମାଜିକ ଆନ୍ଦୋଳନର ବାର୍ତ୍ତାବହ ପାଲଟିଛି ବୋଲି କହିଥିଲେ। କଂଗ୍ରେସର ଅତୀତ ଓ ଭବିଷ୍ୟତ ମଧ ଉଜ୍ଜ୍ୱଳ ବୋଲି ସେ କହିଥିଲେ। ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ ଅନେକ ଘାତ ପ୍ରତିଘାତ ସତ୍ତ୍ୱେ କଂଗ୍ରେସ ତାର ନୀତି ଆଦର୍ଶରୁ ବିଚ୍ୟୁତ ହୋଇନାହିଁ। ଆଗାମୀ ଦିନରେ ସାଧାରଣ ଜନତାଙ୍କ ଆସ୍ଥା ଭାଜନ ହୋଇ ପୁଣି କ୍ଷମତାକୁ ଫେରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, ସାଧାରଣ ସମ୍ପାଦକ କାଳୀପଦ ସାମଲ, ସାବିନା ଟପ୍ପୋ, ବିନିତା ନାଏକ, ସେବାଦଳର ମୁନୁ ସରାଫ,ଚିନ୍ତାମଣି ସାହୁ,ସୁଧାଂଶୁ ପଶାୟତ, ସତ୍ୟ ନାରାୟଣ ସାହୁ, ପ୍ରଣବ ସିଂହ, ସତ୍ୟଜିତ ପଣ୍ଡା,ବବଲୁ ବେନିଓାଲ,ରାଜା ପଟ୍ଟନାୟକ, ନାଜିର ହୁସେନ ଯୋଗ ଦେଇଥିଲେ। ଏହାଛଡା ଯୁବ ସଭାପତି ବି. ପଟ୍ଟନାୟକ, ବିଜୁ ମହାରଣା, ଶୁଭାଶୀଷ ବାନାର୍ଜୀ ଯୋଗ ଦେଇଥିଲେ।

## ଭୀମଭୋଇ ସାମର୍ଥ୍ୟ ଶିବିର

ରେଢାଖୋଲ,୨୯।୧୨(ଡି.ଏନ.ଏ.):

ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଭୀମଭୋଇ କଲ୍ୟାଣ ମଣ୍ଡପଠାରେ ବୁଧବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ କୁଷ୍ଠରୋଗରୁ ଆରୋଗ୍ୟ ହୋଇଥିବା ରେଢାଖୋଲ ବ୍ଲକ ଓ ଏନ୍‌ଏସିର ୨୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ନିତ୍ୟ ବ୍ୟବହାର୍ଯ୍ୟ ରୋଷେଇ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବୁର୍ଲା ଭିମ୍‌ସାର ପ୍ରଫେସର ଡା. ସନ୍ତୋଷ ମିଶ୍ର, କୁଷ୍ଠରୋଗ ବିଶେଷଜ୍ଞ ଡା. ପ୍ରମୋଦ ବିଶ୍ୱାଳ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୈରେନ୍ଦ୍ରୀ ମେହେର, ଜିଲା ଅଧିକାରୀ ସନ୍ତୋଷ ନାୟକ, ରବୀନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଗୁରୁବାର, ୩୦ ଡିସେମ୍ବର, ୨୦୨୧

# BUSINESS POWERLIST



**କୋଭିଡ୍**
ସଂକ୍ରମଣ ଯୋଗୁ ୨୦୨୦ରେ ଭୁଶୁଡ଼ି ପଡ଼ିଥିବା ଅର୍ଥନୀତି ଓ ନିଯୁକ୍ତି କ୍ଷେତ୍ର ପାଇଁ ୨୦୨୧ରେ ଅନେକ ଆଶା ସୃଷ୍ଟି ହୋଇଥିଲା। ସ୍ଥିତି ସହ ଖାପ ଖୁଆଇ ବହୁ ଉଦ୍ୟୋଗୀ ଆଗକୁ ବଢ଼ିବା ସହ ନିଯୁକ୍ତି କ୍ଷେତ୍ର ପୁନଃବିସ୍ତାର ହୋଇଛି। ଏହି ମହାମାରୀର ମହାବିପଦକୁ ଦୃଷ୍ଟିରେ ରଖି ସ୍ୱକୀୟ କୃତିରେ ବିକାଶଧାରାକୁ ବଳ ଦେଇଥିବା ଓଡ଼ିଶାର ସଫଳ ଉଦ୍ୟୋଗୀମାନଙ୍କୁ ନେଇ ପ୍ରସ୍ତୁତ ହୋଇଛି ବିଜ୍‌ନେସ୍ ପାୱାର ଲିଷ୍ଟ।

**ବି.ଦ୍ର.-ଏହି ତାଲିକା କ୍ରମାଙ୍କ ଅନୁସାରେ ପ୍ରସ୍ତୁତ କରାଯାଇନାହିଁ।**



**ଅଚ୍ୟୁତାନନ୍ଦ ମେହେର**
ଅରୁନ୍ଧତୀ ମୋଟର୍ସ

**ନିଶିକାନ୍ତ ମିଶ୍ର**
ଟିମ୍ ଆଡ୍‌ମାର୍କ

**ପୁରୁଷୋତ୍ତମ ବୁଧରାଜ**
ନାରାୟଣୀ ମୋଟର୍ସ

**ଡା. ଅରିଜିତ୍ ମହାପାତ୍ର**
ଜଗନ୍ନାଥ ହେଲ୍‌ଥ କେୟାର

**ଚର୍ଚ୍ଚିତ ମିଶ୍ର**
ଓଏସ୍‌ଏଲ୍ ଗ୍ରୁପ୍

**ଦେବେଶ୍ ପ୍ରସାଦ ନନ୍ଦ**
ଟ୍ରିନିଟି ସ୍କୋଡା

**ମହେନ୍ଦ୍ର ଗୁପ୍ତା**
ଗୁପ୍ତା ପାୱାର



**ଶ୍ଳୋକ ସେନ୍**
ସୁପର ସେଲ୍ସ ମୋଟର୍ସ

**ସୌରଭ ରାୟ**
ରାଧା ଗୋବିନ୍ଦ ରାୟ ଗ୍ରାଣ୍ଡସନ୍ସ ଜୁଏଲର୍ସ

**ମାଳା ମିଶ୍ର**
ଡିପିଏସ୍ କଳିଙ୍ଗ

**ଦେବେନ୍ ରାୟ**
ସ୍ୱାଇସ୍ ଅପ୍

**ସୁଭାଷ ଚନ୍ଦ୍ର ନାୟକ**
ନିସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ

**ପଦ୍ମଶ୍ରୀ ଚତୁର୍ଭୁଜ ମେହେର**
ମେହେର୍ସ

**ପ୍ରଦୋଷ କୁମାର ରାଉତ**
ପ୍ରଗତି ମିଲ୍କ

**ପ୍ରଭୁଚରଣ ମହାନ୍ତି**
ଜାଭିୟର ଗ୍ରୁପ୍ ଅଫ୍ ସ୍କୁଲ

**ମନୋରଞ୍ଜନ ଦାସ**
ପିଏମ୍‌ଜି ୟାମାହା



**ପ୍ରତାପ ବଳବନ୍ତରାୟ**
ବିଆଇଆଇଟିଏମ୍

**ଲଲାଟେନ୍ଦୁ ମହାନ୍ତି**
ପ୍ରିୟଦର୍ଶିନୀ ଓଡ଼ିଶୀ ହ୍ୟାଣ୍ଡଲୁମ୍

**ଦେବୀଦତ୍ତ ମିଶ୍ର**
ଏସ୍‌କେ ଡେଭଲପର୍ସ

**ଡା. ପ୍ରକାଶ ଚନ୍ଦ୍ର ଦଳାଇ**
ଗ୍ୟାଷ୍ଟ୍ରୋ ଆଣ୍ଡ କିଡ୍‌ନୀ କେୟାର ହସ୍ପିଟାଲ

**ଡି. ମୁରଲୀବାବୁ**
ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍

**ଡା. କୃପାସିନ୍ଧୁ ପଣ୍ଡା**
ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ

**ଦୀପକ ଶର୍ମା**
ଉତ୍କଳ ବଜାଜ

**ସଞ୍ଜୟ ଦାସ**
ହରି ପ୍ଲାଷ୍ଟ ଉଦ୍ୟୋଗ

**ଅବିନାଶ ଚାପୋଲିଆ**
ଜିଆର୍‌ସି ଗାରମେଣ୍ଟସ୍



**ଚିତ୍ତରଞ୍ଜନ ସେନାପତି**
ହୋମ୍‌ଫିଲ୍ସ

**କଳିଙ୍ଗ କେଶରୀ ରଥ**
ଇଭୋସ୍ ବିଲଡ୍‌କନ୍

**ଅଖିଳ ପୋଦ୍ଦାର**
ଉତ୍କଳ ହୋଣ୍ଡା

**ଆଦିତ୍ୟ ଦାସ**
ରାମ୍‌ସ ଆସୋର୍ଟେଡ କୋଲ୍ଡ ଷ୍ଟୋରେଜ୍

**ଆଲୋକ ଅଗ୍ରୱାଲ**
ଆକାଶଦୀପ୍ ହୁଣ୍ଡାଇ

**ଲିପ୍‌ସା ହଂସ**
ଚାନ୍ଦି ଭଣ୍ଡାର

**ଅମିତ୍ ଅଗ୍ରୱାଲ**
ରିଦ୍ଧିସିଦ୍ଧି

**ବିଶ୍ୱ ଚେତନ ମିଶ୍ର**
ହଲ୍‌ମାର୍କ ଅର୍ନାମେଣ୍ଟସ

**ଅଶୋକ ଜଲାନ୍**
ଓଡ଼ିଶୀ ଅଟୋମୋବାଇଲ



**ସଞ୍ଜୟ ଦିଦ୍‌ୱାନିଆ**
ପ୍ରୋ ଭିଜୁଆଲ

**ଅୟରୀଶ ଦାସ**
ଯୁବୋଦୟ ଇନ୍‌ଷ୍ଟିଚ୍ୟୁଟ୍

**ଅନିଲ ଅଗ୍ରୱାଲ**
ଟୁଇନ୍ ସିଟି ବିଲଡର୍ସ

**ବିନୋଦ ଦାଶ**
ସିନର୍ଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି

**ଗଣେଶ ପ୍ରସାଦ ବାଗେଡ଼ିଆ**
ଗୃହସ୍ଥି ମସଲା

**ଶ୍ରୀରାମ ପଣ୍ଡା**
ମିତ୍ର ଗ୍ରୁପ୍

**ଡା. ପ୍ରଦୀପ କୁମାର ମହାନ୍ତି**
ସଦ୍‌ଗୁରୁ ମେଡିକାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର

**ପ୍ରମୋଦ ଚନ୍ଦ୍ର ରଥ**
ପ୍ରମୋଦ କନ୍‌ଭେନ୍‌ସନ ଆଣ୍ଡ କ୍ଲବ୍ ରିସର୍ଟ

**ଏମ୍. କେଶବ ରାଓ**
ଗ୍ରୀନ୍ ଚିଲିଜ୍

**କଟପା ଆଇନ ପ୍ରଶିକ୍ଷଣ ଶିବିର**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ କଟପା ଆଇନ-୨୦୦୩ ପ୍ରୟୋଗ ସମ୍ପର୍କରେ ବୁଧବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ତମାଖୁ ବ୍ୟବହାର ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା ହେବା ସହ କିଭଳି ଏହାକୁ କଡାକଡି ପାଳନ କରାଯିବ ସେଥିପାଇଁ ସମସ୍ତଙ୍କ ସହଯୋଗ ଲୋଡା କରାଯାଇଥିଲା। ଏଥିପାଇଁ ଜନ ସଚେତନତା ସହ ବିଭିନ୍ନ ସ୍ଥାନରେ ଚଢାଉକୁ ଜୋରଦାର କରାଯିବ। ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି।

# ଅସହାୟ ପରିବାରକୁ ପୋଲିସର ସହାୟତା

ସମ୍ବଲପୁର,୨୯।୧୧(ବ୍ୟୁରୋ)

ଆର୍ଥିକ ଅନଟନ ମଣିଷକୁ ଅସହାୟ କରିଦେଇଥାଏ। ସମ୍ବଲପୁର ମହାନଗର ନିଗମ ଦୁର୍ଗାପାଲି ଅଞ୍ଚଳରେ ପଲିଥିନ ତଳେ ଜୀବନ ବିତାଉଥିବା ଧାନବାଦର ଉମେଶ ଭୂୟାଁଙ୍କ ପରିବାର କ୍ଷେତ୍ରରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଅସୁସ୍ଥ ସ୍ତ୍ରୀ ସରସ୍ୱତୀ ଓ ପାଞ୍ଚ ମାସର ଶିଶୁ କନ୍ୟା ୨ଦିନ ହେଲା ଭୋକ ଉପାସରେ ଥିଲେ ମଧ ଉମେଶ ନିରୁପାୟ ହୋଇ ଜଗି ବସିଥିଲେ। ଏ ସମ୍ପର୍କରେ ଖବର ପାଇ ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ନିର୍ଦ୍ଦେଶ କ୍ରମେ କ୍ଷେତରାଜପୁର ଆଦର୍ଶ ଥାନା ପୋଲିସ ସହାୟତାର ହାତ ବଢାଇଛି। ଥାନା ଅଧିକାରିଣୀ ମମତା ନାଏକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସେମାନଙ୍କୁ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରାତିରେ ସେମାନେ ଜିଲା ସଦର ଡାକ୍ତରଖାନାରେ ଥିବା ଆଶ୍ରୟସ୍ଥଳରେ ରହିବେ। ଡାକ୍ତରୀ ଟିମ୍ ଉପଯୁକ୍ତ ଚିକିତ୍ସା କରିବେ। ସ୍ୱାସ୍ଥ୍ୟବସ୍ଥାର ସୁଧାର ଆସିଲେ ସେମାନଙ୍କୁ ଧାନବାଦ ପହଞ୍ଚାଇବା ବ୍ୟବସ୍ଥା କରାଯିବ ବୋଲି ଥାନା ଅଧିକାରୀଣୀ ନାଏକ କହିଥିଲେ। ସେ ଆହୁରି କହିଥିଲେ, ଧାନବାଦର ମୂଳବାସିନ୍ଦା ଏହି ପରିବାର ରୋଜଗାର ପାଇଁ ପ୍ରାୟ ଏକବର୍ଷ ତଳେ ସମ୍ବଲପୁର ଆସିଥିଲେ। ଦୁର୍ଗାପାଲି ଅଞ୍ଚଳରେ ଏକ ପଲିଥିନର କୁଡିଆ କରି ରହୁଥିଲେ। ଜରି ଓ ପ୍ଲାଷ୍ଟିକ ସାମଗ୍ରୀ ଗୋଟାଇ ବିକ୍ରି କରି ଯାହା ରୋଜଗାର କରୁଥିଲେ ସେଥିରେ ଚଳୁଥିଲେ। ୫ମାସ ପୂର୍ବରୁ ଶିଶୁକନ୍ୟା ଜନ୍ମ ହେବା ପରେ ସରସ୍ୱତୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଥିଲା। ଏମାନଙ୍କୁ ଛାଡି ଉମେଶ ରୋଜଗାର ପାଇଁ ଯାଇପାରୁ ନ ଥିବାରୁ ଖାଇବାରେ ସମସ୍ୟା ହୋଇଥିଲା।

# ଜିଲା ପ୍ରାଥମିକ ଶିକ୍ଷକ ସଂଘ ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୨୯।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ଚାରି ଦଫା ଦାବି ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ପୁରୁଣା ପେନ୍‌ସନ, ସମସ୍ତ ଶିକ୍ଷକଙ୍କୁ ନିୟମିତ ନିଯୁକ୍ତି ସହ ସମାନ ଦରମା ପ୍ରଦାନ, ସପ୍ତମ ବେତନ ତୁରନ୍ତ ଦେବା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଏହାକୁ ଗ୍ରହଣ କରିଥିଲେ। ସଂଘ ସଭାପତି ରାଜ କିଶୋର ସାହୁ, ସମ୍ପାଦକ ବ୍ରବ୍ରୁବାହାନ ଭୋଇ, ଦୁର୍ଗା ସିଂ, ଗୋପାଳ ରୋହିଦାସ, ପ୍ରଶାନ୍ତ ପଣ୍ଡା, ମାଲା ଡାଏରୀ, ରଞ୍ଜିତା ସେଠ, ମଞ୍ଜୁଲତା ନାୟକ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

# ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଲାଗି ଆହ୍ୱାନ

ସମ୍ବଲପୁର,୨୯।୧୨(ବ୍ୟୁରୋ): କଂଗ୍ରେସର ପ୍ରତିଷ୍ଠା ଦିବସ ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଜିଲା କମିଟି ସଭାପତି ଅଶ୍ୱିନୀ ଗୁରୁ ଅଧକ୍ଷତା କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ନିଯୁକ୍ତ ପ୍ରଭାରୀ ଉମାଶଙ୍କର ପଣ୍ଡା ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ଲାଗି ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ ଓ ରାଜେନ୍ଦ୍ର ଛତ୍ରିଆ, ପ୍ରେମପ୍ରକାଶ ସାହାନୀ, ସୁରେଶ୍ୱର ମିଶ୍ର, ସସ୍ମିତା ଦେହୁରି, ସୁତପା ମିତ୍ର, ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦୟାନନ୍ଦ ଶତପଥିଙ୍କ ଝିଅ ସୌଦାମିନୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବ୍ଲକ ପ୍ରତିନିଧି, କର୍ମକର୍ତ୍ତା ଓ ଦଳର ପୁରୁଖା ନେତୃବୃନ୍ଦ ସାମିଲ ହୋଇଥିଲେ।

## ପ୍ରାଣୀ ଚିକିତ୍ସା ଶିବିର

ପଡିଆବାହାଲ,୨୯।୧୨(ଡି.ଏନ.ଏ.): ଝୁଝୁମୁରା ବ୍ଲକ ଛାମୁଣ୍ଡା ପଞ୍ଚାୟତ ବଦମାଲ ଗ୍ରାମଠାରେ ବୁଧବାର ଏକ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଏମ୍‌ସିଏଲ୍ ଓ ଏଲ୍‌ଆଇ ମହେଶ ଦୀପଙ୍କ ସହାୟତାରେ ଆୟୋଜିତ ଶିବିରରେ ଡା. ଦିଲୀପ କୁମାର ପଣ୍ଡା ଉପସ୍ଥିତ ରହି ଅଞ୍ଚଳର ୨୦ ଗୋପାଳକଙ୍କ ୫୪ ଗାଈଙ୍କ ଚିକିତ୍ସା କରି ଔଷଧ ବିତରଣ କରିଥିଲେ।

# ମୁକ୍ତା ଯୋଜନା ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ

ଝାରସୁଗୁଡ଼ା ଅଫିସ,୨୯।୧୨

ଲୋକଙ୍କ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁକ୍ତା ଯୋଜନା ପ୍ରଣୟନ କରିଛନ୍ତି। ପୌରାଞ୍ଚଳ ଭିତ୍ତିଭୂମି ବିକାଶ ସକାଶେ ଏକାଧିକ ଜନକଲ୍ୟାଣକାରୀ ପ୍ରକଳ୍ପ ହାତକୁ ନିଆଯାଇଛି। ଏଥିମଧ୍ୟରେ ମିନିପାର୍କ, ଜିମ୍, ଶିଶୁ ଉଦ୍ୟାନ, ଜଳାଶୟ, ଶୌଚାଳୟ ଓ ଭେଣ୍ଡିଂଜୋନ୍ ଆଦି ପ୍ରକଳ୍ପ ପ୍ରତ୍ୟେକ ୱାର୍ଡର ଜନସାଧାରଣଙ୍କ ଆପୋସ ଆଲୋଚନା ଓ ସହମତି ଭିତ୍ତିରେ ୧୫କୋଟି ୫୬ଲକ୍ଷ ଟଙ୍କା ବ୍ୟୟ ଅଟକଳର ଏକ ପ୍ରସ୍ତାବ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫୮ପ୍ରକଳ୍ପ ପାଇଁ ୭କୋଟି ୩୧ଲକ୍ଷ ଟଙ୍କା ଅନୁମୋଦନ ହୋଇଛି । ଏହି ଅବସରରେ ଝାରସୁଗୁଡ଼ା ବିଧାୟକ ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ପୌର ପରିଷଦ ଅଡିଟୋରିୟମ ହଲ୍‌ରେ ବୁଧବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ସହ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି।

# ପାଟଣେଶ୍ୱରୀ ମନ୍ଦିର ୨ ପର୍ଯ୍ୟନ୍ତ ବନ୍ଦ

ସମ୍ବଲପୁର,୨୯।୧୨(ବ୍ୟୁରୋ): ରାଜ୍ୟ ସରକାରଙ୍କ କୋଭିଡ ନିୟମକୁ ଦୃଷ୍ଟିରେ ରଖି ସମ୍ବଲପୁରସ୍ଥିତ ପାଟଣେଶ୍ୱରୀ ମନ୍ଦିରରେ ଭକ୍ତଙ୍କ ଦର୍ଶନ ଉପରେ କଟକଣା କରିବାକୁ ସ୍ଥିର କରାଯାଇଛି। ଚଳିତ ମାସ ୩୦ରୁ ଜାନୁୟାରୀ ୨ ତାରିଖ ପର୍ଯ୍ୟନ୍ତ ଦେବୀଙ୍କ ଦର୍ଶନ ବନ୍ଦ ରହିବ। କେବଳ ନୀତିକାନ୍ତି ହେବ ବୋଲି ବୁଧବାର ପାଟଣେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରେସ ବିବୃତିରେ ସୂଚିତ କରାଯାଇଛି ।

## OFFICE OF THE EXECUTIVE ENGINEER MAYURBHANJ LIFT IRRIGATION DIVISION, BARIPADA

E-mail: olicbpd@ymail.com

No. 3775 Dated: 20.12.2021

**CORRIGENDUM NOTICE**

No. CAD-2537: In partial modification to this office Tender Call Notice No. 3764 Dt.18.12.2021 the date of publishing of the Tender 31.12.2021, Date of closing of the Tender 11.01.2022 and Date of Opening 12.01.2022 due to some unavoidable circumstances. All other terms & conditions are remained unaltered.

| Procurement Officer | Bid Identification No./Date | Availability of Tender on Online for Bidding | | Date & time of Opening of Tender (Technical Bid) |
|---|---|---|---|---|
| | | Date & time of Publishing | Date & time of Closing | |
| Executive Engineer, M.L.I. Division, Baripada | 3764 / 18.12.2021 | 31.12.2021 10.00 A.M. | 11.01.2022 5.00 P.M. | 12.01.2022 At 11 A.M. |

Sd./- Er. Gokulananda Patra
Executive Engineer, M.L.I. Division, Baripada
OIPR-32215/11/0004/2122

## ODISHA PUBLIC SERVICE COMMISSION CUTTACK

**NOTICE**

No. 9550/P.S.C. Dt.28.12.2021
(DR - IV) (2PL - 01 - 2021-22)

No. D-257: It is for information of all concerned that **Computer Based Recruitment Examination (CBRE)** for recruitment to the post of **Insurance Medical Officer,** pursuant to Advertisement No. **18 of 2021-22** will be held on **06.02.2022 (Sunday)**.
The detail programme of examination will be notified shortly.
The candidates are advised to visit **(www.opsc.gov.in)** the wesbite of the Commission regularly for further information on examination related Notice (s).

OIPR-12002/11/0186/2122 Sd./- Secretary

## idco | ODISHA NEW OPPORTUNITIES

No.CAD-2542

## OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR

Bid Identification No. Civil/EST-37/2021-22

Letter No. 22717 Dt.18.12.2021

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1 Name of the Work: Construction of a State of Art Intelligent Library Building at College of Engineering & Technology (CET), Bhubaneswar
2 Value of the Work: Rs.781.97 lakhs (Approx.)
3 Period of Completion: 09 (Nine) Calendar Months
4 Availability of tender online for Bidding:
   I. Start Date: 18.00 hours of Dt.30.12.2021.
   II. End Date: 15.00 hours of Dt.18.01.2022.
   III. Opening Date: 16.00 hours of Dt.18.01.2022.

Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.

Sd./- Chief General Manager (Civil)
OIPR-14003/11/0151/2122 IDCO, Bhubaneswar

## SHORT TENDER CALL NOTICE

No.MM-317:- Sealed tenders are invited from the Registered Manufacturer/ Wholesaler / Supplier / Retailer for supplying the following Uniforms and Uniform articles for the year 2021-22 for the staff of Dhenkanal Division through Registered Post / Speed Post/ Courier Service on or before 10.01.2022 by 5.30 P.M.

**The Tender will be opened at 11.00 A.M. of dt.11.01.2022.**

**List of Uniforms/Uniform Articles to be supplied**

1. Rain Coat- 115 Nos.
2. Blanket- 115 Nos.
3. Barrette Cap with OF monogram (Green 73+Navy Blue 42)- 115 Nos.
4. Belt (Leather-Red)- 115 Nos.

**Terms & conditions**

1. Quotations should be included all payable taxes and accompanied with rate & sample to be delivered in Division Office, Dhenkanal.
2. No quotation shall be accepted after due date and time as fixed above.
3. Concerned supplier should make time delivery of Uniforms & Uniform Articles at Divsiion Office, Dhenkanal after getting supply order basing on available funds.
4. VAT / GST & Income Tax Clearance Certificate for last 3 years should be attached with quotation papers.
5. The undersigned has right to cancel or modify the tender without assigning any reason thereof.

Sd./- Divisional Forest Officer, Dhenkanal Division
OIPR-08037/11/0014/2122

## ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା

## OFFICE OF THE DIVISIONAL FOREST OFFICER CUM WILDLIFE WARDEN

ROURKELA FOREST DIVISION, ROURKELA, SUNDARGARH, ODISHA
Phone No. 0661-2664637, Fax No. 0661-2664638, e mail- dforourkela.od@gov.in
Order No. 586/ Dtd.22.12.2021

No.MM-322:- **INVITATION FOR BIDS (IFB)**

E-Procurement Bid Identification No. RKL- F.E. & CC-01/2021-22 Dtd.22.12.2021

1. Name of work : Construction of Office Building at Divisional Forest Officer, Rourkela Forest Divsion
2. No. of works : 01 No.
3. No. of covers : Single cover
4. Estimated cost : Rs.24,75,189.00
5. Period of completion : 2.5 calendar months
6. Date & time of avialability of bid documents in portal : From 10.00 A.M. of dated 27.12.2021 to 05.00 P.M. of dated 08.01.2022.
7. Last date / time for receipt of bids inthe portal : Upto 5.00 P.M. of 08.01.2022
8. Date of opening of bid documents : At 11.30 A.M. of 10.01.2022
9. Class of contractor : 'D' & 'C' class contractor
10. Name and address of officer inviting bid : Divisional Forest Officer, Rourkela Forest Division

Further details can be seen from the e-procurement portal www.tenderodisha.gov.in. The addendum / corrigendum if any will be hosted in the website only.

Sd./- Divisional Forest Officer, Rourkela Forest Division
OIPR-08044/11/0008/2122

## ODISHA SPACE APPLICATIONS CENTRE (ORSAC)

Dept. of Science & Technology, Govt. of Odisha
Bhubaneswar - 751 023

**RFP Advt. No. 18/2021**

No. CAD-2547: Odisha Space Applications Centre (ORSAC) invites sealed Request For Proposal (RFP) from reputed, established and reliable firms for selection of Agency to undertake Village wise Plot Level Analysis of Paddy Crop growing areas in different Crop Seasons for the State of Odisha. For details please visit Website **http://www.odisha.gov.in** and ORSAC website **http://www.orsac.gov.in** or ORSAC office for the tender papers.

CHIEF EXECUTIVE
OIPR-28007/11/0014/2122

## ODISHA PUBLIC SERVICE COMMISSION CUTTACK

**NOTICE**

No. 9585/PSC, (1R-96-21/22) (DR-V), Dt. 28.12.21

**No. D-259:-** It is for information of all concerned that, pursuant to the advertisement No. 10 of 2021-2022, **03 (three)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Professor in "Journalism & Mass Communication".** The Interview in respect of the following candidates will be held in the office of the Commission at 19,. Dr. P.K. Parija Road, Cuttack- 753001 on **10.01.2022** as per the programme mentioned below.

| Date | Time of Interview | PPSAN |
|---|---|---|
| 10.01.2022 | 10.30 A.M. | 00110431, 00094865 & 00111259 = 03 Candidates |

**The candidates are advised to produce following documents at the time of interview:-**

1. **All Original Research Publications/Books.**
2. **Photocopy of front and back cover pages of published books-04 sets.**
3. **Photocopies of 10 best original publications- 04 sets.**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission half an hour before the commencement of interview on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

OIPR-12002/11/0188/2122 Sd./- Secretary




## The Odisha Gazette

No. CAD-2532

EXTRAORDINARY
PUBLISHED BY AUTHORITY

No. 2043 CUTTACK, FRIDAY, DECEMBER 10, 2021/MARGASIRA 19, 1943

## BHUBANESWAR DEVELOPMENT AUTHORITY

**NOTICE**

The 4th December 2021

**FORM - III**
**[See Rule 28(1)]**

No. 39971-TPS (Planning)40/2015/BDA - As required under sub-section (3) of Section 23 of the Orissa Development Authority Act, 1982, notice is given that Bhubaneswar Development Authority has declared its intention vide Resolution No. 11/141 dated the 25th September, 2021 to make a Town Planning Scheme No. 07/2021 in respect of the area (comprising parts of village **shyampur and Malipada** under the Development area of Bhubaneswar Development Authority) bounded by Starting from West to East side TPS - 07/2021 bounday is being bounded by boundaries of **Dasapur and Andharua Mouzas in the North**, Starting from West to East side TPS - 07/2021 boundary is being bounded by adjoining plots such as 992, 319, 991, 990, 307, 136 of **Malipada Mouza** and adjoining plots such as 329, 330, 333, 313 (Part), 296, 294, 291 (Part), 1242, 1241, 280, 277, 275 of **Shyampur Mouza in the South**, Starting from North to South side TPS - 07/2021 boundary is being bounded by adjoining plots such as 4, 6, 7, 8, 61, 65, 1221, 89, 87, 86, 106, 107, 76, 1262, 265, 1252, 264, 263, 1260, 266, 269, 271 of **Shyampur Mouza in the East,** and Starting from North to South side TPS - 07/2021 boundary is being bounded by boundary of **Gothapatna Mouza in the West**. The said declaration has been published in the **Extra Ordinary issue of Odisha Gazette No. 1982 dated 29th November 2021**.

A plan showing the area proposed to be included in the Town Planning Scheme covered by the aforesaid declaration may be seen during office hours on all working days except on Saturdays in the head office of the authority at Akash Shova Building, Sachivalaya Marg, Bhubaneswar - 751001. Information in respect of title or interest by any person may be having in the lands or buildings covered by the above intended scheme shall be furnished in Form IV enclosed herewith to this Development Authority within two months from the date of first publication of this notice. The proposed scheme shall be known as **Town Planning Scheme No. 07/2021**.

**Enclose - Form No. IV**

KABINDRA KUMAR SAHOO
Secretary, BDA, Bhubaneswar

**FORM IV**
**[See Rule 28 (3)]**

From: ____________ Place: ____________
____________ Date: ____________
____________

(Name in Block Letters and full address for corresponding of persons furnishing information)
To,
The Secretary,
Bhubaneswar Development Authority
Sir,
In response to your Notice No. ____________, dated ____________ inviting information pertaining to the title or interest in lands or buildings covered by the **Town Planning Scheme No. 07/2021** of the Bhubaneswar Development Authority. I/We herewith declare that I/We Own/Possess Land/Building within the abvoe scheme area the details of which are given in the following table:

**Nature of Land:**

| Serial No. | Name of the Title or Interest Holder | Name of Village in which the Land/Building is located | Ward No. | Holding No. (Khata No.) | Plot No. | Area of the Land in Acres |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) |
| | | | | | | |

| Agriculture | Vacant | Built Up | If land with Building, gives details of the Building | Nature of Title or Interest (Free Hold/Mortgaged and other) | Remark |
|---|---|---|---|---|---|
| (8) | (9) | (10) | (11) | (12) | (13) |
| | | | | | |

Signature of the Person
Furnishing the Information

Printed and Published by the Director, Directorate of Printing, Stationery and Publication, Odisha, Cuttack - 10
Ex. Gaz. 1496 - 173+30

OIPR-13033/11/0142/2122

## OFFICE OF THE DIVISIONAL FOREST OFFICER, ANGUL DIVISION

e.Mail: dfo.angul@odisha.gov.in

**NOTIFICATION**

No. MM-319: This is for the information of all concerned that the following Forest Roads of Angul Forest Division in the District Angul will remain closed to traffic on 31.12.2021 (Friday) from Zero hour to 24 hours in accordance with the Rule 284 of the Odisha Forest Department Code 1979. The movement of traffic on the above date as specified will be violation of Section 26 of Forest Act. 1972 hence will be liable for prosecution.

**List of Forest Roads of Angul Forest Division**

| Sl. No. | Name of the Forest Road | Name of the Range | Length in Kms. |
|---|---|---|---|
| 1 | Nuakheta - Raigoda | Bantala | 5.5 |
| 2 | Rasanda - Kantamegha | Bantala | 6.0 |
| 3 | Ugi - Antulia | Jarpada | 5.0 |
| 4 | Katada - Pitacheri | Jarpada | 4.8 |
| 5 | Raijharan - Durgapur | Chhendipada | 10.0 |
| 6 | Purunagargh - Manikjodi | Angul | 12.0 |
| 7 | Manikjodi - Sitikoili | Angul | 5.0 |
| 8 | Gaham - Bulajhar | Talcher | 13.0 |
| 9 | Sibrampur - Kalamchhun | Talcher | 11.0 |
| 10 | Jharabereni - Sapakata | Kaniha | 8.0 |
| 11 | Sapakata - Andhari | Kaniha | 5.0 |
| | **Total** | | **85.3** |

Sd./- Divisional Forest Officer, Angul Division
OIPR-08027/11/0006/2122

## ODISHA PUBLIC SERVICE COMMISSION CUTTACK

**NOTICE**

No. 9591/PSC, (1R-92-21/22) (DR-V), Dt. 28.12.21

**No. D-260:-** It is for information of all concerned that, pursuant to the advertisement No. 06 of 2021-2022, **10 (ten)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor in "Journalism & Mass Communication".** The Interview in respect of the following candidates will be held in the office of the Commission at 19,. Dr. P.K. Parija Road, Cuttack-753001 on **13.01.2022** as per the programme mentioned below.

| Date | Time of Interview | PPSAN |
|---|---|---|
| 13.01.2022 | 10.30 A.M. | 00086165, 00110769, 00109375, 00110639, 00094865 & 00110431 = 6 Candidates |
| | 2.30 P.M. | 00109084, 00110832, 00092122 & 00109455 = 4 Candidates |

**The candidates are advised to produce following documents at the time of interview:-**

1. **All Original Research Publications/Books.**
2. **Photocopy of front and back cover pages of published books-04 sets.**
3. **Photocopies of 10 best original publications- 04 sets.**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission half an hour before the commencement of interview on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

OIPR-12002/11/0189/2122 Sd./- Secretary

## OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

Telephone No. 06815-222310, 222252, 222958, 223474
E-Mail Id: parala,mply@gmail.com

Letter No. 4111 Date: 28.12.2021

**QUOTATION CALL NOTICE**

No. C-1702: Sealed quotations are invited from the manufacturer/ authorized firms/suppliers having registration certificates, valid GSTN, PAN Card for 1) "Installation of Mist Cooling Systems at Atal Children Park & 2) Installation of Mist. Systems at Maharaja Samadhi & Children Park, Paralakhemundi Municipality. The tender paper obtain in person from Paralakhemundi Municipality on payment of work Rs.4,000/- or submission of DD in favour of Executive Officer, Paralakhemundi Municipality in shape of Demand Draft issued from any Nationalized Scheduled Bank may be prepared in the name of the **Executive Officer, Paralakhemundi Municipality, Paralakhemundi** payable at **Paralakhemundi** (Non-refundable) on every working days between 10.00 A.M. to 5.00 P.M. from Dt.30.12.2021 to Dt.06.01.2022 the last date for receipt of sealed quotation is 06.01.2022 upto 5.00 P.M. The quotations will be opened on Dt.07.01.2022 at 11.00 A.M. in the office of the undersigned in presence of the quotationers or their authorized representatives who intend to attend. Each quotation should accompany (1) Valid copy of GSTN Clearance Certificate, (2) Copy of PAN Card, (3) Certificate of Dealership of reputed make to be furnished should have been duly attested. The tender papers along with required documents may dropped in the tender box kept at Development Section, Paralakhemundi Municipality by 06.01.2022 by 5.00 P.M. or it may be sent through Registered/Speed Post/ By Hand in a sealed cover superscripted as 1) "Installation of Mist. Cooling Systems at Atal Children Park & 2) Installation of Mist. Systems at Maharaja Samadhi & Children Park". The undersigned will not be held responsible for the postal delay, if any the delivery of the documents or non-receipt of the same. The bidder should be accompanied with all the documents as mentioned in DQCN. The rates to be quoted as per "Annexure-A & B" shall be excluding of all taxes, but including of duties towards handling and delivery charges etc. any of the aforesaid date(s) of sale/receipt (last date) and opening of quotation documents is/are declared as holiday(s)/ office work remain(s) suspended in that/those date(s) for any reason whatsoever then the next working day(s) will be treated as the respective event day(s) as the case may be. **the undersigned reserves the right to reject any or all quotations without assigning any reason thereof.**

Sd./- Executive Officer
Paralakhemundi Municipality
OIPR-13145/11/0007/2122

DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଡିସେମ୍ବର ୩୦/୨୦୨୧ Sambalpur, Thursday, December 30/ 2021

# ଓଡ଼ିଆ ଖେଳାଳିଙ୍କ ଚମକ

ଭୁବନେଶ୍ୱର, ୨୯।୧୨
(କ୍ରୀଡ଼ା ପ୍ରତିନିଧି)

ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ସର୍ବପ୍ରଥମ ସିନିୟର ପୁରୁଷ ଆନ୍ତଃ ବିଭାଗୀୟ ଜାତୀୟ ହକି ଟୁର୍ନାମେଣ୍ଟରେ ଓଡ଼ିଆ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ବେଙ୍ଗାଲୁରୁରେ ଡିସେମ୍ବର ୧୮ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ଚାମ୍ପିୟନ ଏବଂ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆରଏସ୍‌ପିବି) ରନର୍ସଅପ୍ ହୋଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍ (ପିଏନ୍‌ବି) ତୃତୀୟ ସ୍ଥାନ ହାସଲ କରିଛି। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ପିଏସ୍‌ପିବି ଦଳର ଅଧିନାୟକ ଥିଲେ। ଅନ୍ୟତମ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ରୋଶନ ମିଞ୍ଜ ମଧ୍ୟ ଏହି ଦଳରୁ ଖେଳୁଥିଲେ। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ପିଏସ୍‌ପିବି ୨-୧ ଗୋଲରେ ଆରଏସ୍‌ପିବିକୁ ପରାସ୍ତ କରିଥିଲା। ଆରଏସ୍‌ପିବି ପକ୍ଷରୁ ଓଡ଼ିଶାର ଅଲିମ୍ପିକ୍ସ ବ୍ରୋଞ୍ଜ୍ ମେଡାଲିଷ୍ଟ ଅମିତ ରୋହିଦାସ, ଅନ୍ତର୍ଜାତୀୟ ଖେଳାଳି ସୁମନ ବେକ୍ ଏବଂ ସୁମନ କୁଜୁର ପ୍ରତିନିଧିତ୍ୱ କରୁଥିଲେ। ସେହିପରି ବ୍ରୋଞ୍ଜ ପଦକ ପାଇଁ ଅନୁଷ୍ଠିତ ମ୍ୟାଚରେ ପିଏନ୍‌ବି ୬-୨ ଗୋଲ୍‌ରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆକୁ ପରାସ୍ତ କରିଥିଲା। ଓଡ଼ିଶାର ବନମାଳୀ ଖେସ୍ ପିଏନ୍‌ବି ପକ୍ଷରୁ ଖେଳୁଥିଲେ ଏବଂ ଦଳର ମ୍ୟାନେଜର ଥିଲେ ମାଥିଆସ ମିଞ୍ଜ୍। ଏହି ମ୍ୟାଚ ପାଇଁ ହକି ଇଣ୍ଡିଆ ପକ୍ଷରୁ ନିଶାନ ଜ୍ୟୋତି ମହାନ୍ତିଙ୍କୁ ଟେକ୍ନିକାଲ ଅଫିସିଆଲର ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିଲା।

ଫାଇନାଲର ୨୩ତମ ମିନିଟରେ ପିଏସ୍‌ପିବିର ଦିବାକର ରାମ୍ ପେନାଲ୍ଟି କର୍ନରରୁ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଆରଏସ୍‌ପିବିର ନୀଳକାନ୍ତ ଶର୍ମା ୪୩ତମ ମିନିଟରେ ଗୋଲଟି ପରିଶୋଧ କରି ଦେଇଥିଲେ। ମାତ୍ର ୫୬ତମ ମିନିଟରେ ଆରଏସ୍‌ପିବି ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ପିଏସ୍‌ପିବିକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା। ସୁନୀଲ ଯାଦବ ଏହାକୁ ଗୋଲରେ ପରିଣତ କରି ଦଳକୁ ବିଜୟୀ କରାଇଥିଲେ। ସେହିପରି ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍ ପକ୍ଷରୁ ସତେନ୍ଦର କୁମାର ୧ମ ଓ ୫୦ତମ, ଅଭିଷେକ ୧୦ମ ଓ ୪୯ତମ ଏବଂ ସୁଖଜିତ ସିଂ ୪୦ ଓ ୪୭ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆର ରିମାଂଶୁ ୩ୟ ଓ ୨୦ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ।


(ବାମରୁ) ନିଶାନ ଜ୍ୟୋତି ମହାନ୍ତି, ମାଥିଆସ ମିଞ୍ଜ୍, ସୁମନ କୁଜୁର, ରୋଶନ ମିଞ୍ଜ୍, ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ବନମାଳୀ ଖେସ୍ ଓ ସୁମନ୍ ବେକ୍।

**ଆନ୍ତଃ ବିଭାଗୀୟ ଜାତୀୟ ହକି**

- ପିଏସ୍‌ପିବି ଚାମ୍ପିୟନ, ଆରଏସ୍‌ପିବି ରନର୍ସଅପ୍, ପିଏନ୍‌ବିକୁ ତୃତୀୟ ସ୍ଥାନ
- ବୀରେନ୍ଦ୍ର ଲାକ୍ରା, ରୋଶନ ମିଞ୍ଜ୍ ସ୍ୱର୍ଣ୍ଣ, ଅମିତ ରୋହିଦାସ, ସୁମନ ବେକ୍, ସୁମନ କୁଜୁରଙ୍କୁ ରୌପ୍ୟ, ବନମାଳୀ ଖେସ୍‌ଙ୍କୁ ବ୍ରୋଞ୍ଜ
- ମାଥିଆସ ମ୍ୟାନେଜର, ନିଶାନ ହକି ଇଣ୍ଡିଆ ଟେକ୍ନିକାଲ ଅଫିସିଆଲ

## ରଣଜୀ ଟ୍ରଫି: ପୃଥ୍ୱୀ ମୁମ୍ବାଇ ଅଧିନାୟକ

**ମୁମ୍ବାଇ, ୨୯।୧୨:** ଆଗାମୀ ରଣଜୀ ସିଜନ ପାଇଁ ୨୦ ଜଣିଆ ମୁମ୍ବାଇ ଦଳ ବୁଧବାର ଘୋଷଣା କରାଯାଇଛି। ମୁମ୍ବାଇ ଦଳର ନେତୃତ୍ୱ ନେବେ ଯୁବ ଓପନର ପୃଥ୍ୱୀ ଶ'। ସେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ନେତୃତ୍ୱ ନେବେ। **ମୁମ୍ବାଇ ଦଳ:** ପୃଥ୍ୱୀ ଶ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଆକର୍ଷିତ ଗୋମେଲ, ଅର୍ମାନ ଜାଫର, ସର୍ଫରାଜ ଖାଁ, ସଚିନ ଯାଦବ, ଆଦିତ୍ୟ ତାରେ (ଉଇକେଟକିପର), ହାର୍ଦ୍ଦିକ ତାମୋର (ଉଇକେଟକିପର), ଶିବମ ଦୁବେ, ଅମନ ଖାଁ, ଶାମ୍ସ ମୁଲାନ, ତନୁଶ କୋଟିଆନ, ପ୍ରଶାନ୍ତ ସୋଲାଙ୍କି, ଶଶାଙ୍କ ଅତାର୍ଡେ, ଧବଲ କୁଲକର୍ଣ୍ଣୀ, ମୋହିତ ଅବସ୍ଥି, ପ୍ରିନ୍ସ ବଡିଆନି, ସିଦ୍ଧାର୍ଥ ରାଉତ, ରଏଷ୍ଟାନ ଡାଏସ୍ ଓ ଅର୍ଜୁନ ତେନ୍ଦୁଲକର।

# ଭାରତର କ୍ଲିନ୍ ସୁଇପ୍



ବାଂଲାଦେଶ ବିପକ୍ଷରେ ସିରିଜ ବିଜୟୀ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ ଅତିଥିଙ୍କ ସହ।

ଭୁବନେଶ୍ୱର, ୨୯।୧୨
(କ୍ରୀଡ଼ା ପ୍ରତିନିଧି)

**ଦିନିକିଆ ଦୃଷ୍ଟିହୀନ କ୍ରିକେଟ**

ଭୋପାଳରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦୃଷ୍ଟିହୀନ ଦିନିକିଆ କ୍ରିକେଟ ସିରିଜରେ ଭାରତ କ୍ଲିନ୍ ସୁଇପ୍ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଭାରତ ବିଜୟୀ ହେବାସହ ସିରିଜକୁ ୩-୦ରେ ଜିତିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୦ ଓଭରରେ ୫ ଉଇକେଟ ହରାଇ ୪୬୬ ରନ କରିଥିଲା। ଦଳ ପକ୍ଷରୁ ଓପନର ଦୁର୍ଗା ରାଓ ୧୧୩ ବଲ୍‌ରୁ ୧୬୩ ଓ ଅଧିନାୟକ ସୁନୀଲ ରମେଶ ୭୬ ବଲ୍‌ରୁ ୧୭୭ ରନ ସ୍କୋର କରିଥିଲେ। ଜବାବରେ ବାଂଲାଦେଶ ମହମ୍ମଦ ଅବଦୁଲ ମାଲେକଙ୍କ ୧୩୮ ଓ ଅରିଫ ଉଲାଙ୍କ ୪୭ ରନ ସତ୍ତ୍ୱେ ୧୭୭ ରନରେ ପରାଜିତ ହୋଇଥିଲା। ଦୁର୍ଗା ରାଓ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ସଭାପତି ମହନ୍ତେଶ ଜି.କେ. ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ପ୍ରଗତି ସ୍ପୋର୍ଟିଂ ବିଜୟୀ



ଅସୀମ ବାରାଦ ପୁରସ୍କୃତ ହେଉଛନ୍ତି।

**ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି):** ପାରାମାଉଣ୍ଟ ପଡ଼ିଆରେ ଚାଲିଥିବା ୧୩ ବର୍ଷରୁ କମ୍ ସିଦ୍ଧାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ୯୫ ରନରେ ଓସ୍କାର ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ଆଦିତ୍ୟ ଷଡ଼ଙ୍ଗୀଙ୍କ ୮୪ ଓ ଅସୀମ ବାରାଦଙ୍କ ୫୮ ରନ ସହାୟତାରେ ୩୫ ଓଭରରେ ୫ ଉଇକେଟ ହରାଇ ୨୨୩ ରନ ସ୍କୋର କରିଥିଲା। ୨୨୪ ରନ ବିଜୟ ଲକ୍ଷ୍ୟନେଇ ଓସ୍କାର ସ୍ପୋର୍ଟିଂ ପୂରା ୩୫ ଓଭର ଖେଳିଥିଲେ ହେଁ ୬ ଉଇକେଟ ବିନିମୟରେ ୧୩୦ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଆୟନ ନାୟକ ୩୬ ଓ ଇସାନ ମହାପାତ୍ର ୩୨ ରନରେ ଅପରାଜିତ ରହିଥିଲେ। ପ୍ରଗତି ପକ୍ଷରୁ ଅସୀମ ବାରାଦ ୪ଟି ଉଇକେଟ ନେଇଥିଲେ। ଅସୀମ ବାରାଦ ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ଆୟନ ନାୟକ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ କୋଷାଧ୍ୟକ୍ଷ ସଞ୍ଜିବ ରଥ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




# ଶ୍ରେୟାଂସଙ୍କୁ ଓଡ଼ିଶାର ନେତୃତ୍ୱ

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି**

**ଭୁବନେଶ୍ୱର,୨୯।୧୨:** ଜାନୁୟାରୀ ୯ ତାରିଖରୁ ଗୁଆହାଟୀରେ ଆରମ୍ଭ ହେବାକୁ ଥିବା ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପାଇଁ ଏକ ୧୮ ଜଣିଆ ୧୬ ବର୍ଷରୁ କମ୍ ଦଳ ଘୋଷଣା କରାଯାଇଛି। ଶ୍ରେୟାଂଶ ଭରଦ୍ୱାଜ ଦଳର ଅଧିନାୟକ ଓ କରନ ମହାପାତ୍ର ଉପ- ଅଧିନାୟକ ନିଯୁକ୍ତ ହୋଇଛନ୍ତି। ୯ ତାରିଖରେ ଓଡ଼ିଶା ଆସାମ, ୧୨ରେ ବେଙ୍ଗଲ, ୧୫ରେ ଝାଡଖଣ୍ଡ ଓ ୨୧ରେ ତ୍ରିପୁରାକୁ ଭେଟିବ। **ଘୋଷିତ ଦଳ:** ଶ୍ରେୟାଂସ ଭରଦ୍ୱାଜ (ଅଧିନାୟକ), କରନ ମହାପାତ୍ର (ଉପ- ଅଧିନାୟକ), ଆୟୁଷ ସୂତାର, ସୌରଭ କୁଣ୍ଡୁ, ଆକାଶ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ଅଭିଷେକ ମହାନ୍ତି, ସାର୍ଥକ ସ୍ୱୟଂ ପ୍ରକାଶ, କ୍ରିଶ ସିଂ, ରତି ରଞ୍ଜନ ବାରିକ, ପିୟୂଷ ମନ୍ତ୍ରୀ, ପ୍ରତୀକ ସ୍ୱାଇଁ, ସୁମିତ ମିଶ୍ର, ପ୍ରୟାସ ପଟ୍ଟନାୟକ, ଶ୍ରୀରାଜ ପଟ୍ଟନାୟକ, କ୍ରିଷ୍ଣା ମହାନ୍ତି, ଦେବଜ୍ୟୋତି ପଟ୍ଟନାୟକ, ମହମ୍ମଦ ଫିଜାନ, ପୀୟୂଷ ପାଣିଗ୍ରାହୀ ଓ ଚିରଞ୍ଜୀବୀ ବେହେରା।

## ପୂର୍ବତନ ଟିଟି ଖେଳାଳି ଓ କୋଚ୍‌ଙ୍କ ପରଲୋକ



**ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟର ପୂର୍ବତନ ଟେବୁଲ ଟେନିସ ଖେଳାଳି ଓ କୋଚ୍ ଗୌରୀ ଚରଣ ବୋଷଙ୍କର ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ମୃତ୍ୟୁ ଖବର ଜାଣିବାପରେ ବହୁ ଛାତ୍ର, କ୍ରୀଡ଼ା ପ୍ରଶାସକ ଓ କ୍ରୀଡ଼ାପ୍ରେମୀ ତାଙ୍କ କଟକସ୍ଥିତ ଆଲାମ ଚାନ୍ଦ ବଜାର ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଖାନ୍‌ନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଝିଅ ପୂଜା ବୋଷ ମୁଖାଗ୍ନି ଦେଇଥିଲେ। ରାଜ୍ୟସ୍ତରୀୟ ଟେବୁଲ ଟେନିସରେ ଅନେକଥର ଚାମ୍ପିୟନ ହୋଇଥିବା ଗୌରୀ ଚରଣ ଏକାଧିକଥର ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ଖେଳ ଜୀବନରୁ ଅବସର ନେବାପରେ ସେ ଜଣେ ପ୍ରତିଷ୍ଠିତ କୋଚ୍‌ଭାବେ ପରିଚିତ ଥିଲେ। ତାଙ୍କର ଅନେକ ଛାତ୍ର ରାଜ୍ୟସ୍ତରରେ ଚାମ୍ପିୟନ ହେବା ସହ ଜାତୀୟ ସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଛନ୍ତି। ତାଙ୍କ ପରଲୋକରେ ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି।

# ଜୁଭେନାଇଲ ସ୍ପୋର୍ଟିଂ ଫାଇନାଲରେ

**କାକଟପୁର, ୨୯।୧୨(ଡି.ଏନ୍.ଏ)**

୩୨ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ବୁଧବାର କ୍ରାଉନ ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ଜୁଭେନାଇଲ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରାଉନ ସ୍ପୋର୍ଟିଂକୁ ହରାଇ ଜୁଭେନାଇଲ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ କ୍ରାଉନ ସ୍ପୋର୍ଟିଂ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୬ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନ୍ୱେଷ ଦାସ ୩୨ ଓ ନିଲୁ ପ୍ରଧାନ ୨୩ରନ୍ କରିଥିଲେ। ଜୁଭେନାଇଲ ପକ୍ଷରୁ ବୋଲିଂ କରି ମହମ୍ମଦ ସାହିଲ ରାଜା ୫ ଓଭରରେ ୨୦ରନ୍ ଦେଇ ୩ଟି ଏବଂ ସୂର୍ଯ୍ୟନାରାୟଣ ୪ଓଭରରେ ୩୨ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ୧୧୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଜୁଭେନାଇଲ୍ ସ୍ପୋର୍ଟିଂ କଟକ ଟିମ୍ ଶେଷ ଓଭରର ପ୍ରଥମ ବଲରେ ଚୌକା ମାରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ସତ୍ୟପ୍ରକାଶ ତ୍ରିପାଠୀ ୨୭ ବଲ୍ ଖେଳି ୨୫ ରନ୍, ସିଦ୍ଧାର୍ଥ ନାୟକ ୨୧ ବଲ୍ ଖେଳି ୨୪ରନ୍ ସଂଗ୍ରହ କରିଥିଲେ। କ୍ରାଉନ୍ ସ୍ପୋର୍ଟିଂ ପକ୍ଷରୁ ବୋଲିଂ କରି ସୂର୍ଯ୍ୟକାନ୍ତ ସାମଲ ୫ ଓଭରରେ ୧୭ରନ୍ ଦେଇ ୨ଟି, ନିଲୁ ପ୍ରଧାନ ୫ ଓଭରରେ ୧୮ରନ୍ ବିନିମୟରେ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଉନ୍ନତ ପ୍ରଦର୍ଶନ ପାଇଁ ଜୁଭେନାଇଲ ସ୍ପୋର୍ଟିଂର ସତ୍ୟପ୍ରକାଶ ତ୍ରିପାଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଭାବେ କାକଟପୁର ପ୍ରେସ୍ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ୍, ବିଜେଡି ଯୁବନେତା ମାନସ କୁମାର ଦୀକ୍ଷିତ୍, ବ୍ରାଣ୍ଡ ଫ୍ୟାକ୍ଟ୍ରି ସ୍ୱତ୍ତ୍ୱାଧିକାରୀ ପ୍ୟାର୍ ମହମ୍ମଦ ଏବଂ ଖବରଦାତା ଆଦିତ୍ୟ ରାଉତ ଯୋଗଦେଇଥିଲେ। ଅମ୍ପାୟର ଭାବେ ଅୟେଶକାନ୍ତ ଓ ନିର୍ମଳ କୁମାର ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ଭାଗବତ ସ୍ୱାଇଁ, ପ୍ରଦୀପ ପଣ୍ଡା, ପ୍ରଦୀପ୍ତ ଦୀକ୍ଷିତ୍ ଧାରା ବିବରଣୀ ଦେଇଥିଲେ। କୁମାର ବାବୁ, ରାକେଶ ଦୀକ୍ଷିତ୍, ଜ୍ୟୋତି ପ୍ରକାଶ, ତ୍ରିଲୋଚନ, ଏସ୍.ଲିକୁନ, କାହ୍ନା ପଣ୍ଡା, ରୋହନ ଦୀକ୍ଷିତ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ୨ୟ ସେମିଫାଇନାଲ ରାମେଶ୍ୱର ସ୍ପୋର୍ଟିଂ ଓ ହିନ୍ଦୁସ୍ତାନ ସ୍ପୋର୍ଟିଂ ମଧ୍ୟରେ ହେବ।


ସତ୍ୟପ୍ରକାଶ ତ୍ରିପାଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ଜାତୀୟ ଗ୍ରାପ୍‌ଲିଂରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୬ ପଦକ


ଜାତୀୟ ଗ୍ରାପ୍‌ଲିଂରେ ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀ।

**ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି):** ମହାରାଷ୍ଟ୍ର ଅହମଦନଗର ଜିଲାସ୍ଥିତ ଆତ୍ମା ମଲିକ ସ୍ପୋର୍ଟ୍ସ ଆଣ୍ଡ ଏଜୁକେଶନ କମ୍ପ୍ଲେକ୍ସରେ ଅନୁଷ୍ଠିତ ୧୪ତମ ଜାତୀୟ ଗ୍ରାପ୍‌ଲିଂ ପ୍ରତିଯୋଗିତାରେ ଓଡ଼ିଶା ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଛି। ରାଜ୍ୟରୁ ମୋଟ ୬ ଜଣ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ବେହେରା ୬୬ କେଜି ଜୁନିୟର ଗି ଏବଂ ନୋ-ଗି ବିଭାଗରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସିଦ୍ଧାର୍ଥ ଶଙ୍କର ମହାନ୍ତି ୫୮ କେଜି ଗି ଜୁନିୟର ବିଭାଗ, ସନ୍ତୋଷ ସିଂ ୭୧ କେଜି ନୋ-ଗି ସିନିୟର ବର୍ଗ ଏବଂ କ୍ରିଷ୍ଣାଶିଷ ମହାନ୍ତି ୮୪ କେଜି ନୋ-ଗି ସିନିୟର ବିଭାଗରେ ଗୋଟିଏ ଲେଖାଏ ରୌପ୍ୟ ପଦକ ଜିତିଛନ୍ତି। ଯୁବ ବର୍ଗରେ ଅଂଶଗ୍ରହଣ କରିଥିବା ତନେଶ ପୁନୀତ ଲେଙ୍କା ୬୩ କେଜି ନୋ-ଗି ବିଭାଗରେ ଗୋଟିଏ ବ୍ରୋଞ୍ଜ ପଦକ ପାଇଛନ୍ତି। ଓଡ଼ିଶା ଗ୍ରାପ୍‌ଲିଂ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ କୃତୀ ଗ୍ରାପ୍‌ଲରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂରକ୍ଷଣ ତାଲିକାକୁ ନେଇ କଂଗ୍ରେସର ଅସନ୍ତୋଷ

**ଲୋଇସିଂହା,(ଡି.ଏନ.ଏ):** ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଓବିସି ଏବଂ ଅନୁସୂଚିତ ଜନଜାତିକୁ ସଂରକ୍ଷଣରୁ ବାଦ୍ ଦିଆଯାଇଛି। ଏହାର ପ୍ରତିବାଦ କରିଛି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କଂଗ୍ରେସ। ଉଭୟ ସମ୍ପ୍ରଦାୟକୁ ସଂରକ୍ଷଣ ବ୍ୟବସ୍ଥାରେ ସାମିଲ କରିବା ଏବଂ ସେମାନଙ୍କୁ ରାଜନୈତିକ ଅଧିକାର ଦେବା ଦାବିରେ ବୁଧବାର ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ରବିନ୍ଦ୍ର ସାହୁଙ୍କ ନେତୃତ୍ୱରେ ସରୋଜ ବିଶ୍ୱାଳ, ଭାଗବତୀଆ ଭୋଇ, ଶିବ କୁମାର ଅଗ୍ରୱାଲ, ସୋମନାଥ ପଟେଲ, ବିଭୂତି ଭୂଷଣ ପଧାନ, ବୀରବର ପଧାନ, ବିରଞ୍ଚି ମହାପାତ୍ର ପ୍ରମୁଖ ବିଡିଓଙ୍କୁ ସାକ୍ଷାତ କରିଥିଲେ।

# ୩ ବର୍ଷ ହେଲା ପାଠାଗାରରେ ଚାଲିଛି ଅଫିସ

■ପାଠଗାର ଚାଲିଛି ବାରଣ୍ଡାରେ
■୫୧ ବର୍ଷରେ ଜୁନାଗଡ଼ ଏନ୍‌ଏସି

**ଜୁନାଗଡ,୨୯।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଇତିମଧ୍ୟରେ ୫୧ବର୍ଷରେ ପଦାର୍ପଣ କରିସାରିଛି। ଗତ ୧୯୯୫ରୁ ୧୯୯୯ ମସିହା ପର୍ଯ୍ୟନ୍ତ ଲଗାତର ୪ ବର୍ଷ ଶ୍ରେଷ୍ଠ ଏନ୍‌ଏସି ଭାବେ ଜୁନାଗଡ ପୁରସ୍କୃତ ହୋଇଥିଲା। କିନ୍ତୁ ବର୍ତ୍ତମାନର ଚିତ୍ରକୁ ଦେଖିଲେ ସାଧାରଣରେ ଆଶ୍ଚର୍ଯ୍ୟ ଲାଗୁଛି। ଏନ୍‌ଏସି କାର୍ଯ୍ୟାଳୟ ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ଗତ ୩ବର୍ଷ ହେଲା ସ୍ଥାନୀୟ ପାଠାଗାରରେ ଯେଣତେଣ ପ୍ରକାର କାର୍ଯ୍ୟାଳୟ ଚାଲୁଥିବାରୁ ଗତ ବର୍ଷେ ହେଲା ବାରଣ୍ଡାରେ ପାଠାଗାର ଚାଲୁଛି। ସେହି ବାରଣ୍ଡାରେ ପାଠକ/ପାଠିକା ଛିଡା ହୋଇ, ତଳେ ବସି ବିଭିନ୍ନ ଖବରକାଗଜ, ପତ୍ରିକା ପଢୁଥିବା ଜଣାପଡିଛି। ଯାହାକି ଦେଖିଲେ, ଶୁଣିଲେ ସାଧାରଣରେ ଆଶ୍ଚର୍ଯ୍ୟ ଲାଗେ। ପ୍ରକାଶ ଯେ, କଳାହାଣ୍ଡି


ପାଠାଗାରରେ ଚାଲିଛି ଜୁନାଗଡ଼ ଏନ୍‌ଏସି କାର୍ଯ୍ୟାଳୟ।

ଜିଲା ଜୁନାଗଡ ଏନ୍‌ଏସି କାର୍ଯ୍ୟାଳୟ ଗତ ୧୮।୩।୧୯୭୦ ମସିହାରେ ସ୍ଥାପିତ ହୋଇଥିଲା। ୫୧ ବର୍ଷରେ ପର୍ଦାପଣ କରିଥିବା ଏହି କୋଠା ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। କୋଠା ଛାତରୁ ସିମେଣ୍ଟ ଖଣ୍ଡଗୁଡିକ ପଡୁଥିବାବେଳେ ବର୍ଷାହେଲେ ପାଣି ଗଳୁଥିଲା। ଫଳରେ କାର୍ଯ୍ୟାଳୟ କର୍ମଚାରୀମାନେ ନିଜକୁ ନିରାପଦ ନ ଭାବି ପରିସରରେ ଥିବା ସ୍ଥାନୀୟ ପାଠାଗାରରେ କାର୍ଯ୍ୟାଳୟକୁ ପରିବର୍ତ୍ତିତ କରିଥିଲେ। ଏପଟେ ନୂତନ କାର୍ଯ୍ୟାଳୟ ପାଇଁ ଏନ୍‌ଏସିରୁ ସରକାରଙ୍କୁ ପ୍ରସ୍ତାବ ଯାଇଥିବା ଜଣାପଡିଛି। କିନ୍ତୁ ଗତ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର କୌଣସି ନା ଗନ୍ଧ ଜଣାପଡିନାହିଁ। ଅନ୍ୟପକ୍ଷରେ ଜୁନାଗଡ ଏନ୍‌ଏସି ବିକାଶ ପଥରେ ବୋଲି ବିଭିନ୍ନ ସଭା, ସମିତି, ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେଉଥିବାବେଳେ ଏହା କ'ଣ ବିକାଶର ଚିତ୍ର ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ ଜୁନାଗଡ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶମ୍ବର ମିଶ୍ରଙ୍କୁ ପଚାରିବାରୁ କାର୍ଯ୍ୟାଳୟର ନୂତନ କୋଠା ପାଇଁ ପ୍ରସ୍ତାବ ପଠାଯାଇଛି। ଖୁବ୍‌ଶୀଘ୍ର ନୂତନ କୋଠା ନିର୍ମାଣ କରାଯିବ ବୋଲି କହିଛନ୍ତି। ଏଥିପ୍ରତି କଳାହାଣ୍ଡି ଜିଲାପାଳ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

(ରିପୋର୍ଟ–ଉତ୍ତମ କୁମାର ଦାଶ)

## ୫ ଦାଦନ ଶ୍ରମିକ ଉଦ୍ଧାର, ଗାଡ଼ି ଜବତ

**ପୋଲିସ କନଷ୍ଟେବଲ ଆହତ**

**ଖପ୍ରାଖୋଲ,୨୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଚଢାଉ କରି ୫ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। କଟାପାଲି ଗାଁ ନିକଟରେ ଏକ ଟାଟା ସୁମୋରେ ଶ୍ରମିକଙ୍କୁ ନିଆ ଯାଉଥିବା ଜାଣି ଖପ୍ରାଖୋଲ ପେଟ୍ରୋଲିଂ ପୋଲିସ ଗାଡି ଅଟକାଇଥିଲା। ପଚରାଉଚରା ବେଳେ ସେମାନଙ୍କୁ ଦାଦନ ସର୍ଦ୍ଦାର ରଜନୀ ସୁନା ତାମିଲନାଡୁର ଏକ ଇଟା ଭାଟିକୁ ପଠାଉଥିବା ଜଣା ପଡିଥିଲା। ଶ୍ରମିକ ଚାଲାଣ କରୁଥିବା ମଧ୍ୟସ୍ଥ ଯୁବା ଗାଁର ତିରନ ନାଗ (୨୭)ଙ୍କୁ ପୋଲିସ ଟିମ ନେଇ ଫେରୁଥିବା ବେଳେ ବୁଢିବାହାଲ ଗାଁ ନିକଟରେ ହଠାତ୍ ସେ ଗାଡିରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ତାଙ୍କୁ ଅଟକାଇବାକୁ ଯାଇ ପୋଲିସ କନଷ୍ଟେବଲ ସଞ୍ଜୀବ ସାହୁ ଗୁରୁତର ହୋଇଥିଲେ। ତିରନ ମଧ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ଭୀମ ଭୋଇ ମେଡିକାଲ କଲେଜ ଡାକ୍ତରଖାନା ପଠାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୪୨/୨୧)ରୁଜୁ ହୋଇଥିବା ଥାନା ଏସଆଇ ଜୟଶଙ୍କର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଦେଓଗାଁ କେଜିବିଭି: ମାଂସ ବଦଳରେ ଖାଇବାକୁ ଦିଆଯାଉଛି ଅଣ୍ଡା

**ଦେଓଗାଁ,୨୯।୧୨(ଡି.ଏନ.ଏ.):** ଦେଓଗାଁ ବ୍ଲକ ସାଗରପାଲି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି)ରେ ପିଲାଙ୍କୁ ତାଲିକା ଅନୁଯାୟୀ ଖାଦ୍ୟ ଦିଆଯାଉ ନାହିଁ। ବୁଧବାର ମଧାହ୍ନଭୋଜନ ସମୟରେ ଏହା ନଜରକୁ ଆସିଛି। ଏହି ଦିନ ଭାତ, ମାଂସ, ଆମ୍ବିଳ ଓ ଭଜା ପିଲାଙ୍କୁ ଖାଇବାକୁ ଦେବା କଥା। କିନ୍ତୁ ମାଂସ ବଦଳରେ ସେମାନଙ୍କୁ ଗୋଟିଏ ଲେଖାଏ ଅଣ୍ଡା ଦିଆଯାଇଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପରିଚାଳନା କମିଟି ସଭାପତି ନୀଳମଣି ଦୀପଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ତାଗିଦ୍ କରିଥିବା କହିଛନ୍ତି। ଆଗକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି।

### ପତ୍ରିକା ନବ ଉଷା ଉନ୍ମୋଚିତ

**ଲୋଇସିଂହା,୨୯।୧୨(ଡି.ଏନ.ଏ):** ଲୋଇସିଂହା ବ୍ଲକ ମାଣ୍ଡିଆପଦରଠାରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ତୃତୀୟ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାହିତ୍ୟ ପତ୍ରିକା ନବ ଉଷା ଉନ୍ମୋଚନ ହୋଇଛି। ନାଟ୍ୟକାର କମଳ ଭୂଏଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସବିତା ମହରା ମୁଖ୍ୟ ଅତିଥି, କବି ଓ କଳାକାର ଦେବେନ୍ଦ୍ର ଭୋଇ, ଗୋପୀନାଥ ସାହୁ, ସଞ୍ଜୀବ ଭୋଇ ସମ୍ମାନୀତ ଅତିଥି, ଚନ୍ଦ୍ରାବତୀ ପାଣ୍ଡେ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ।

### ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

**ମୁରିବାହାଲ,୨୯।୧୨(ଡି.ଏନ.ଏ.):** ମୁରିବାହାଲ ବ୍ଲକ ଇଛପଡା ପଞ୍ଚାୟତର ଅନ୍ତର୍ଲାଠାରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ବ୍ଲକ ଅଧକ୍ଷ ହଂସରାଜ ଜୈନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପରେ ମାଣ୍ଡିଆ ଚାଷୀଙ୍କୁ ନେଇ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ ସଂଗଠନ ଆଶାର ସମ୍ପାଦକ ଭାସ୍କର ସାହଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ପ୍ରିୟରଞ୍ଜନ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ ମାଣ୍ଡିଆ ଚାଷ କରି ଚାଷୀ କିପରି ଲାଭବାନ ହୋଇ ପାରିବ କହିଥିଲେ। ସମ୍ମାନୀତ ଅତିଥି ଟିଟିଲାଗଡ଼ ଏଡିଓ ସୁରେଶ ଚନ୍ଦ୍ର ସାହୁ, ଏପିଓ ସୁଶାନ୍ତ କୁମାର ଦାସ, ସିଡିପିଓ ସରସି ପଣ୍ଡା, ମିଲେଟ ମିଶନ ର ବଲାଙ୍ଗୀର ଜିଲା ସଂଯୋଜକ ଯଶୋବନ୍ତ ନାୟକ, ନାବାଡ଼ ଡିଡିଏମ ଲକ୍ଷଣ ସାଏ ଉପସ୍ଥିତ ଥିଲେ।

### ପଛୁଆବର୍ଗଙ୍କୁ ରାଜନୀତି ସଂରକ୍ଷଣରୁ ବଞ୍ଚିତର ପ୍ରତିବାଦ

**ବଲାଙ୍ଗୀର ଅଫିସ,୨୯।୧୨:** ପଛୁଆ ବର୍ଗଙ୍କୁ ରାଜନୀତି ସଂରକ୍ଷଣରୁ ବଞ୍ଚିତ କରିବା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିର ପ୍ରତିବାଦ କରିଛି କଂଗ୍ରେସ। ବୁଧବାର ଦଳ ପକ୍ଷରୁ ବଲାଙ୍ଗୀର ସଦର ବ୍ଲକ ଓ ପୁଇଁତଲା ବ୍ଲକ ଘେରାଉ କରାଯାଇଥିଲା। ସଦର ବ୍ଲକ ସଭାପତି ରାମପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ପ୍ରତିବାଦ ଏବଂ ବ୍ଲକ ଘେରାଉ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ସରକାର ଏସବୁ ସମସ୍ୟା ତୁରନ୍ତ ସମାଧାନ ନ କଲେ ସାଧାରଣ ଜନତା ଆନ୍ଦୋଳନ ପନ୍ଥା ଆପଣାଇବେ ବୋଲି ନେତୃବର୍ଗ କହିଥିଲେ। ପୁଇଁତଲା ବ୍ଲକ କଂଗ୍ରେସ ସଭାପତି ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ବିଡିଓ ଯୁଧିଷ୍ଠିର ନାଏକଙ୍କୁ ଦାବିପତ୍ର ଦିଆଯାଇଥିଲା। ପୁଇଁତଲା ବ୍ଲକ ପର୍ଯ୍ୟବେକ୍ଷକ ବୁଲୁ ଦାନୀ, ସୁଶାନ୍ତ ଷଡଙ୍ଗୀ, ରାଜକିଶୋର ବାବୁ, ଓମ୍ ପ୍ରକାଶ କୁମ୍ଭାର, ସାନନ୍ଦ ମିଶ୍ର, ଜ୍ୟୋତିଷ ମୁଗ୍ରୀ ଉପସ୍ଥିତ ଥିଲେ।

### ଟ୍ରାଫିକ ସମସ୍ୟା ଦୂର ପାଇଁ ଆଲୋଚନା

**କଣ୍ଟାବାଞ୍ଜି,୨୯।୧୨(ଡି.ଏନ.ଏ.):** କଣ୍ଟାବାଞ୍ଜି ସହରାଞ୍ଚଳରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ବୁଧବାର ପୋଲିସ ଅଭ୍ୟର୍ଥନା ଗୃହରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାସ୍ତାରୁ ଜବର ଦଖଲ ହଟାଇ ଉଠା ଦୋକାନୀଙ୍କୁ ନିୟନ୍ତ୍ରଣ କରାଗଲେ ଟ୍ରାଫିକ ସମସ୍ୟା ଦୂର କରା ଯାଇ ପାରିବ ବୋଲି ମତପ୍ରକାଶ ପାଇଥିଲା। ପୋଲିସ ଏସଡିପିଓ ହୃଷିକେଶ ମେହେରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଏନଏସି ନିର୍ବାହୀ ଅଧିକାରୀ ସାମ୍ପି ରେଡ୍ଡି ଜୟଶ୍ରୀ, ଥାନାଧିକାରୀ ସତ୍ୟଜିତ କନ୍ଦନକେଲ, ପିଡବ୍ଲ୍ୟୁଡି ସହକାରୀ ନିର୍ବାହୀ ଯନ୍ତ୍ରୀ, ଏନଏସି.ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ, କିରାଣା ମର୍ଚ୍ଚାଣ୍ଟ ଆସୋସିଏଶନ, ଟ୍ରାନ୍ସପୋର୍ଟ କମ୍ପାନୀ ସଂଘ, କପଡା ବ୍ୟବସାୟୀ ସଂଘ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଶୁଳିଆ ମହୋତ୍ସବ ସ୍ଥଗିତ, ବିଧିରକ୍ଷା ପାଇଁ ଯାତ୍ରା ହେବ

**ଦେଓଗାଁ, ୨୯।୧୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଖଇରଗୁରାଠାରେ ୨୦୨୧ ଜାନଆରୀ ୧୧ତାରିଖରେ ହେବାକୁ ଥିବା ଶୁଳିଆ ମହୋତ୍ସବକୁ ସ୍ଥଗିତ ରଖାଯାଇଛି। ବିଧିରକ୍ଷା ପାଇଁ କେବଳ କୋଭିଡ କଟକଣା ମଧ୍ୟରେ ପ୍ରସିଦ୍ଧ ଶୁଳିଆ ଯାତ୍ରା ପାଳିତ ହେବ। ବୁଧବାର ସ୍ଥାନୀୟ ବିଜାମୁଣ୍ଡା ଲଙ୍କାଆମ୍ବ ଚୋଟାଠାରେ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ପକ୍ଷରୁ ଏହି ସୂଚନା ଦିଆଯାଇଛି । ପ୍ରତିବର୍ଷ ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାର ଶୁଳିଆ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ରବିବାର ଅମାବାସ୍ୟା, ସୋମବାର ପ୍ରତିପଦା ଥିବାରୁ ଚନ୍ଦ୍ର ଦର୍ଶନ ହୋଇ ପାରିବ ନାହିଁ। ତେଣୁ ୧୧ ତାରିଖ ମଙ୍ଗଳବାର ଆଦିବାସୀ ସଂସ୍କୃତି ଓ ପରମ୍ପରା ଅନୁସାରେ ଶୁଳିଆ ଯାତ୍ରା ପାଳନ କରାଯିବ । ଚଳିତ ବର୍ଷ ମଧ୍ୟ କରୋନା କଟକଣା ଜାରି ରହିଥିବାରୁ ମହୋତ୍ସବକୁ ବନ୍ଦ କରାଯାଇ କେବଳ ବିଧିରକ୍ଷା ପୂର୍ବକ କମ୍ ଭକ୍ତ ଗହଣରେ ଯାତ୍ରା କରିବା ପାଇଁ ସହମତି ପ୍ରକାଶ ପାଇଥିଲା । ଖବରଦାତା ସମ୍ମିଳନୀରେ ଆଦି ଉତ୍କଳ କନ୍ଧ ସମାଜ କେନ୍ଦ୍ରୀୟ କମିଟି ସଭାପତି ଚିନ୍ତାମଣି ଭୋଇ, ଶିକା ପ୍ରଗଣା ସଭାପତି ପ୍ରଦୀପ କୁମାର ମାଝି, କପୁରଚନ୍ଦ ଭୋଇ, ମାଝି ପ୍ରଗଣା ସଭାପତି ପ୍ରହଲାଦ ମାଝି, ଆଦିବାସୀ ନେତା ମୟ ପ୍ରଧାନୀ, ଯୁବନେତା ବିଶ୍ୱଜିତ ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି, ଡ. ଶଶୀଭୂଷଣ ସାହୁ, ପିଣ୍ଟୁ ବେହେରା ତଥା ଖଇରଗୁରା, କୁମୁରିଆ ଶୁଳିଆ ଯାତ୍ରା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## 'ଦେଶବ୍ୟାପୀ ଶିଶୁଙ୍କୁ ଟିକା ଦେବାରେ ବିଳମ୍ବ ହୋଇଛି'

**ବଲାଙ୍ଗୀର ଅଫିସ, ୨୯।୧୨**

ସମଗ୍ର ଦେଶରେ ଶିଶୁଙ୍କୁ ଟିକା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର ଯଥେଷ୍ଟ ବିଳମ୍ବ କରିଛନ୍ତି। କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ ପକ୍ଷରୁ ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିବା ତଥ୍ୟରୁ ଏହା ଜଣାପଡିଛି। ବୟସ୍କ, କିଶୋର ଓ ଶିଶୁମାନଙ୍କୁ ବୁଷ୍ଟର ଡୋଜ ପ୍ରୟୋଗ କରିବା ପାଇଁ କ୍ଲିନିକାଲ ଟ୍ରାଏଲ ଜାରି ରହିଛି। ମେସର୍ସ ଭାରତ ବାୟୋଟେକ ଓ ମେସର୍ସ ଖ୍ରୀଷ୍ଟିଆନ ମେଡିକାଲ କଲେଜ, ଭେଲୋର ବୟସ୍କଙ୍କ ପାଇଁ ବୁଷ୍ଟର ଡୋଜର କ୍ଲିନିକାଲ ଟ୍ରାଏଲ କରୁଥିବା ବେଳେ ଶିଶୁ ଓ କିଶୋରଙ୍କ ପାଇଁ ବୁଷ୍ଟର ଡୋଜର କ୍ଲିନିକାଲ ଟ୍ରାଏଲ ମେସର୍ସ ବାୟୋଲୋଜିକାଲ କରୁଛନ୍ତି ବୋଲି ତଥ୍ୟ ପ୍ରଦାନ କରାଯାଇଛି। ସବୁ ବୟସର ଲୋକଙ୍କ ପାଇଁ ବୁଷ୍ଟର ଡୋଜର କ୍ଲିନିକାଲ ପରୀକ୍ଷା ଚାଲିଥିବା କୁହାଯାଇଛି। ଦେଶରେ ବୁଷ୍ଟର ଡୋଜର କ୍ଲିନିକାଲ ପରୀକ୍ଷା ଚାଲିଥିବାବେଳେ ଶିଶୁଙ୍କ ପାଇଁ ଟିକାଦାନର ପ୍ରଥମ ଡୋଜ ମଧ୍ୟ ଆରମ୍ଭ କରାଯାଇ ନ ଥିବା ବିଷୟରୁ ଶିଶୁଙ୍କୁ ଟିକାଦାନରେ ବିଳମ୍ବ ହୋଇଥିବା ସ୍ପଷ୍ଟ ହୋଇଛି ବୋଲି ପଣ୍ଡା କହିଛନ୍ତି । ବୟସ୍କ ମାନଙ୍କ ପାଇଁ ବୁଷ୍ଟର ଡୋଜ ଓ କିଶୋର ମାନଙ୍କ ପାଇଁ ପ୍ରଥମ ଡୋଜ ଟିକାଦାନ ଆରମ୍ଭ କରିବା ପାଇଁ ସରକାର ଇତିମଧ୍ୟରେ ଘୋଷଣା କରିଛନ୍ତି । ଏହି ତଥ୍ୟରୁ ଜଣାପଡୁଛି ଯେ, ସମଗ୍ର ଦେଶରେ ଶିଶୁଙ୍କ ପାଇଁ ଟିକାଦାନରେ ଯଥେଷ୍ଟ ବିଳମ୍ବ ହୋଇସାରିଛି। ଟିକାଦାନକୁ ନେଇ କେନ୍ଦ୍ର ସରକାର କେବଳ ପ୍ରଚାରଧର୍ମୀ ନହୋଇ ବାସ୍ତବତାର ସହିତ କାର୍ଯ୍ୟ କରିବା ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । କୋଭିଡ ଟିକାକୁ ନେଇ ସୂଚନା କର୍ମୀ ପଣ୍ଡା ଆଇସିଏମ୍‌ଆରର ଡିଜିଙ୍କ କାର୍ଯ୍ୟାଳୟରୁ କେତେକ ତଥ୍ୟ ମାଗିଥିଲେ। ଆଇସିଏମ୍‌ଆର୍ ପକ୍ଷରୁ ସୂଚନା ଅଧିକାର ଆଇନର ୬(୧) ଧାରା ଉପଯୋଗ କରାଯାଇ ବିଭିନ୍ନ ବିଭାଗକୁ ପଣ୍ଡାଙ୍କ ଆବେଦନକୁ ସ୍ଥାନାନ୍ତରଣ କରାଯାଇ ଏହି ତଥ୍ୟ ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ସଂରକ୍ଷଣ ଚିଠା ପ୍ରକାଶ ପରେ ଅସନ୍ତୋଷ

**ସରପଞ୍ଚ ଆସନ ସଂରକ୍ଷଣ ପୁନଃବିଚାର ଦାବି**

**ବେହେରା,୨୯।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକର ୨୪ଟି ସରପଞ୍ଚ ଓ ସମିତି ଆସନ ପାଇଁ ପ୍ରକାଶିତ ସଂଶୋଧିତ ସଂରକ୍ଷଣ ତିଳିକାକୁ ଅନୁସୂଚିତ ଜନଜାତି ବର୍ଗ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମିତି ନିର୍ବାଚନ ମଣ୍ଡଳୀରେ କେବଳ ବଡଫୁର୍ଲା, ନନ୍ଦଗାଁ ପାଇଁ ଅନୁସୂଚିତ ଜନଜାତି, ବ୍ରାହ୍ମଣଛେଣ୍ଡିଆ, ବଡଘୁମର ଓ ପର୍ଲାରେ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସରପଞ୍ଚ ପଦବୀ ପାଇଁ ଗୋଟିଏ ଆସନ ମଧ୍ୟ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣ ନାହିଁ। ଏ ନେଇ ଜିଲା ଅନୁସୂଚିତ ଜନଜାତି ସଂଘ ଜନଜାତି ଆୟୋଗ, ଭାରତ ସରକାର, ପଞ୍ଚାୟତିରାଜ ମନ୍ତ୍ରୀ, ନିର୍ବାଚନ ଆୟୋଗ, କଳାହାଣ୍ଡି ଜିଲାପାଳ ତଥା ଜିଲା ପଞ୍ଚାୟତ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅଭିଯାଗ କରିଛନ୍ତି। ଦଣ୍ଡପାଟ ଅଞ୍ଚଳର ଯୁବନେତା ତଥା ଧର୍ମଗଡ ବ୍ଲକ ଆଦିବାସୀ ସଂଘ ସଭାପତି ଭବେଶ ଗଇନ୍ତା ପ୍ରକାଶ ପାଇଥିବା ସଂରକ୍ଷଣ ତାଲିକାକୁ ତୀବ୍ର ବିରୋଧ କରିବା ସହ ଆଦିବାସୀଙ୍କୁ ରାଜନୀତି ଅଧିକାରରୁ ବଞ୍ଚିତ କରାଯାଉଛି, ଏହାର ପୁନଃବିଚାର କରା ନ ଗଲେ ରାଜରାସ୍ତାକୁ ଆଦିବାସୀବର୍ଗ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଧର୍ମଗଡ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ ମଧ୍ୟ ସଂରକ୍ଷଣ ତାଲିକାକୁ ବିରୋଧ କରି ଏହାର ପୁନଃବିଚାର ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି।

## ଆନ୍ଦୋଳନକୁ ପ୍ରଶାସନର ଅଣଦେଖା ଅଭିଯୋଗ

**ଦେଓଗାଁ, ୨୯।୧୨(ଡି.ଏନ.ଏ.)**

ଆଠବର୍ଷ ହେଲା ବନ୍ଦ ପଡିଥିବା ଦେଓଗାଁ ବ୍ଲକ ସାଗରପାଲିସ୍ଥିତ ଚିନିକଳ ପୁନଃ ଚାଲୁ ଦାବି ନେଇ ଚାଲିଥିବା ଆନ୍ଦୋଳନକୁ ଚାରି ମାସ ବିତିଛି। ଏହାସତ୍ତ୍ୱେ ଧାରଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଆସି ନାହାନ୍ତି। ବୁଧବାର ଧାରଣାସ୍ଥଳରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅସନ୍ତୋଷବ୍ୟକ୍ତି କରିଛନ୍ତି ଆନ୍ଦୋଳନର ନେତୃତ୍ୱ ନେଉଥିବା ନେତୃବୃନ୍ଦ। ଓଡିଶା କୃଷିଭିତ୍ତିକ ଶିଳ୍ପ କାର୍ଯ୍ୟକ୍ଷମ ଆନ୍ଦୋଳନ କମିଟି ଅଧକ୍ଷ ଡ. ବିପିନ କୁଶଲିଆ ଖବରଦାତା ସମ୍ମିଳନୀରେ କହିଥିଲେ ବିଜୟାନନ୍ଦ ସମବାୟ ଚିନିକଳରେ ତିନି ଶହରୁ ଅଧିକ କର୍ମଚାରୀ ୨୦ହଜାରରୁ ଉର୍ଦ୍ଧ୍ୱ ଆଖୁ ଚାଷୀଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ ଦିନମଜୁରିଆ ନିଜ ଗୁଜୁରାଣ ମେଣ୍ଟାଉଥିଲେ। ୨୦୧୪ ମସିହାରୁ ଚିନିକଳ ବନ୍ଦ ପରେ କର୍ମ ସଂସ୍ଥାନ ହରାଇଛନ୍ତି। ଚାଷୀମାନେ ଆଖୁ ଚାଷ ଛାଡୁଛନ୍ତି। ପୁନଃ ଚାଲୁ ଦିଗରେ ସରକାର ଆନ୍ତରିକତା ଦେଖାଉ ନାହାନ୍ତି। ଆଗାମୀ ଦିନରେ ବିଭିନ୍ନ ସଂଗଠନ ଆନ୍ଦୋଳନରେ ସାମିଲ ହେବେ ବୋଲି ସଂଗଠନ ପ୍ରଦେଶ ମହାସଚିବ ରାଜେଶ ବଗର୍ତ୍ତି, ସଚିବ କପିଳ କୁମ୍ଭାର, ସାନଦିପ ବାଗ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ମିଶନ ଶକ୍ତି ଭବନର ଶିଳାନ୍ୟାସ, ମିଶନ ଶକ୍ତି କ୍ୟାଫେ ଶୁଭାରମ୍ଭ



ନୂଆପଡାଠାରେ ମିଶନ ଶକ୍ତି ଗୃହ ଉଦ୍‌ଘାଟନ ଉତ୍ସବରେ ଅତିଥି ବୃନ୍ଦ।

**ନୂଆପଡ଼ା ଅଫିସ,୨୯।୧୨**

ନୂଆପଡା ଜିଲା ଦିନିକିଆ ଗସ୍ତରେ ଆସି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ନୂଆପଡା ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମ ସମ୍ମୁଖରେ ବୁଧବାର ମିଶନ ଶକ୍ତି ଭବନ ଭିତ୍ତିପ୍ରସ୍ତର ସ୍ଥାପନ ଓ ମିଶନ ଶକ୍ତି କ୍ୟାଫେ ଉଦ୍‌ଘାଟନ କରିଛନ୍ତି। ଏହା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱୟଂ ସହାୟକ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ମିଶନ ଶକ୍ତି କ୍ୟାଫେ ଉଦ୍‌ଘାଟନ କରିଥିଲେ। ଏହି କ୍ୟାଫେ ସଦର ବ୍ଲକ ବୋଇରଭାଡି ପଞ୍ଚାୟତର ଓମଶାନ୍ତି ସ୍ୱୟଂ ସହାୟକ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ। ଏହି ଅବସରରେ ଜିଲାପାଳ ସ୍ୱାଧାଦେବ ସିଂ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ମନ୍ତ୍ରୀ ସାହୁ ଖଡିଆଳ ଓ କୋମନା ବ୍ଲକ ସମ୍ମୁଖରେ ନିର୍ମାଣ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରିଛନ୍ତି। ଖଡିଆଳ ବିଡିଓ ନାରାୟଣ ସାହୁ, କୋମନା ବିଡିଓ ସୁଶାନ୍ତ ରଣା, ନୂଆପଡା ବିଡିଓ ସୁବେଦାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ତାଲିକାରେ ନାଁ ଅଛି, ମିଳୁନି ଘର


ନିଜ ଘର ଆଗରେ ବଚଙ୍କ ପରିବାର।

■ଖପର ଘରେ ଦିନ କାଟୁଛନ୍ତି ଯମୁନାଙ୍କ ପରିବାର
■ଏସ୍‌ଇସିସି ତାଲିକାକ୍ରମ ଓଲଟପାଲଟ ଅଭିଯୋଗ
■ତଦନ୍ତ ରିପୋର୍ଟରେ ଯମୁନାଙ୍କ କୋଠାଘର ଥିବା ଦର୍ଶାଇଛି ପ୍ରଶାସନ

**ଲୋଇସିଂହା,୨୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଞ୍ଚାୟତ କର୍ଲିପାଟ ଗାଁର ଯମୁନା ପଧାନ(୩୪)। ସାମାଜିକ ଅର୍ଥନୈତିକ ଏବଂ ଜାତିଗତ ଜନଗଣନା ଏସ୍‌ଇସିସି ତାଲିକାରେ ତାଙ୍କ ନାମ ରହିଛି। ହେଲେ ଅଦ୍ୟାବଧି ତାଙ୍କୁ ମିଳିନି ଆବାସ ଯୋଜନାରେ ଘର। ବାରମ୍ବାର ପଞ୍ଚାୟତରୁ ବ୍ଲକ ଅଫିସ ଯାଏ ଦୌଡି ମଧ୍ୟ ତାଙ୍କୁ ସଫଳତା ମିଳି ନ ଥିବା ଯମୁନା କହିଛନ୍ତି। ସ୍ୱାମୀ ବଚ ପଧାନ(୩୯), ଦୁଇଝିଅ ପୂର୍ଣ୍ଣିମା(୧୧) ଓ ଶ୍ରୀମା(୫)ଙ୍କୁ ନେଇ ଯମୁନାଙ୍କ ପରିବାର। ସ୍ୱାମୀ ବିଶାଖାପାଟଣାସ୍ଥିତ ଏକ ଗ୍ରାନାଇଟ କମ୍ପାନୀରେ ଦାଦନ ଖଟୁଥିଲେ। ପରେ ଗାଁକୁ ଚାଲି ଆସି ମୂଲ ମଜୁରି କରୁଛନ୍ତି। ପୈତୃକ ଜମି ବାବଦ ମାତ୍ର ଅଧ ଏକର ଜମି। ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ମିଳୁଛି ୨୦କେଜି ଚାଉଳ। ଅନ୍ୟ କୌଣସି ଉପାର୍ଜନ ପନ୍ଥା ନାହିଁ। ଏଥିରେ ୪ପ୍ରାଣୀ ପରିବାର ଚଳିବା କଷ୍ଟସାଧ୍ୟ ହୋଇଥିବା ବେଳେ ପକ୍କାଘର କରିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ୨୦୧୯ରେ ଯମୁନାଙ୍କ ନାଁରେ ଏକ ଆବାସ ଘର ଆସିଥିଲା। ପଞ୍ଚାୟତ ତାଲିକାର ୧୨୨ ନମ୍ବରରେ ତାଙ୍କ ନାଁ ରହିଥିଲା। ପଞ୍ଚାୟତ ପକ୍ଷରୁ ଯମୁନାଙ୍କୁ ଜଣାଇ ଦିଆଯାଇଥିଲା। ଖବର ପାଇବା ପରେ ବଚ ବିଶାଖାପାଟଣାରୁ ଗାଁକୁ ଆସିଥିଲେ। ହେଲେ ପଞ୍ଚାୟତ ପକ୍ଷରୁ ତାଙ୍କୁ କାର୍ଯ୍ୟାଦେଶ ଦିଆଗଲା ନାହିଁ। ବରଂ ତାଲିକାର ୧୨୮, ୧୩୦, ୧୩୧ ନମ୍ବରରେ ଥିବା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏ ନେଇ ବ୍ଲକରେ ଚାଲିଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ବଚ ଲିଖିତ ଅଭିଯୋଗ କରିଥିଲେ। ଆବଶ୍ୟକ ପଦକ୍ଷେପ ନେବାକୁ ଲୋଇସିଂହା ବିଡିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଉପରେ ତଦନ୍ତ କରିବାକୁ ବିଡିଓ ତତ୍‌କ୍ଷଣାତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ହେଲେ ପିଇଓ ତାଙ୍କ ତଦନ୍ତରେ ପକ୍କାଘର ରହିଥିବା ଦର୍ଶାଇଥିବାରୁ ଆବାସ ଯୋଜନାରୁ ବଞ୍ଚିତ ରହିଥିବା ଯମୁନା ଓ ବଚ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏବିଡିଓ ବିଜୟ କୁମାର ହୋତାଙ୍କୁ ପଚାରିବାରୁ ପଞ୍ଚାୟତ ୱାଲଲିଷ୍ଟ(ପିଡବ୍ଲୁଏଲ)ରେ ନାଁ ଥିଲେ ଘର ପାଇବା କଥା । ଫାଇଲ ଦେଖିଲା ପରେ କହିହେବ ବୋଲି କହିଥିଲେ।

## ସରପଞ୍ଚ ପଦବୀ ପାଇଁ ସଂରକ୍ଷଣ ନାହିଁ

**କର୍ଲାମୁଣ୍ଡା ବ୍ଲକ**



■ଆଦିବାସୀମାନଙ୍କ ମଧ୍ୟରେ ଅସନ୍ତୋଷ
■ଆନ୍ଦୋଳନ ପାଇଁ ଦାନା ବାନ୍ଧୁଛି

**କର୍ଲାମୁଣ୍ଡା,୨୯।୧୨(ଡି.ଏନ.ଏ.)**

ସମ୍ପ୍ରତି ନୂତନ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆସନ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ୧୨ଟି ପଞ୍ଚାୟତରୁ ଗୋଟିଏ ବି ଆଦିବାସୀଙ୍କ ପାଇଁ ସଂରକ୍ଷିତ ନ ଥିବାରୁ ଆଦିବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ଗଜବାହାଲ, ତେରେସିଂହା, ବୋରପଦର, ରିଷିଡା ଓ ସରଗୁଲମାଲପଡା ସରପଞ୍ଚ ଆସନ ଅଣସଂରକ୍ଷିତ ଥିବା ବେଳେ କର୍ଲାମୁଣ୍ଡା, ଯୋରାଡବ୍ରା, ପୌରକେଲା, ରାଜପୁର ଓ ରେଗଡା ଅଣସଂରକ୍ଷିତ ମହିଳା ରହିଛି। ରିଞ୍ଜା ପଞ୍ଚାୟତ ଅନୁସୂଚିତଜାତି ଓ ସାପଲହରା ପଞ୍ଚାୟତ ଅନୁସୂଚିତ ଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି। କେବଳ କର୍ଲାମୁଣ୍ଡା ବ୍ଲକ ନୁହେଁ ଜିଲାର ବିଭିନ୍ନ ବ୍ଲକରେ ଗୋଟିଏ ବି ସରପଞ୍ଚ ଆସନ ଆଦିବାସୀଙ୍କ ପାଇଁ ସଂରକ୍ଷିତ ନ ଥିବାରୁ ଡିଷ୍ଟ୍ରିକ ଆଦିବାସୀ ସଂଘ ଏହାର ଉଚିତ ବ୍ୟବସ୍ଥା ନ କଲେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ସେହିପରି ସମିତି ସଭ୍ୟ ଆସନ ମଧ୍ୟରେ ଯୋରାଡବ୍ରା, ପୌରକେଲା, ରିଷିଡା ଓ ସରଗୁଲମାଲପଡା ଆସନ ଅଣସଂରକ୍ଷିତ ରହିଥିବା ବେଳେ ଗଜବାହାଲ, ତେରେସିଂହା, ବୋରପଦର ଓ ରେଗଡା ଅଣସଂରକ୍ଷିତ (ମହିଳା) ରହିଛି। କର୍ଲାମୁଣ୍ଡା ଅନୁସୂଚିତ ଜନଜାତି ଓ ରାଜପୁର ଅନୁସୂଚିତ ଜନଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ରିଞ୍ଜା ଅନୁସୂଚିତ ଜାତି ଓ ସାପଲହରା ଅନୁସୂଚିତ ଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଆସନ ପୂର୍ବରୁ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ଏଥର ଅଣସଂରକ୍ଷିତ (ମହିଳା)ଙ୍କ ଲାଗି ରହିଛି। ସେହିପରି ଜିଲା ପରିଷଦରେ 'କ' ଜୋନ ଅଣସଂରକ୍ଷିତ (ମହିଳା) ଥିବା ବେଳେ 'ଖ' ଜୋନ ଅଣସଂରକ୍ଷିତ ରହିଛି।

## ବଣ୍ଡୋଗୁଡା–ସୋରିଶମାଲ ପୋଲ ଭିତ୍ତିପ୍ରସ୍ତର ସ୍ଥାପନ

**ଜୁନାଗଡ,୨୯।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦେଦର ପଞ୍ଚାୟତ ବଣ୍ଡୋଗୁଡା – ସୋରିଶମାଲ ପୋଲର ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଅଶୋକ ମାଝି, ସ୍ଥାନୀୟ ସରପଞ୍ଚ ସାବିତ୍ରୀ ମେହେର, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ପୋଲ ନିର୍ମାଣ କରାଯିବ। ସେହିପରି ଏହି ପୋଲର ଲମ୍ବ ୩୨ମିଟର ରହିଥିବାବେଳେ ଏଥିପାଇଁ ୧.୬କୋଟି ଟଙ୍କା ବ୍ୟୟ ଅଟକଳ ରହିଥିବା ବିଭାଗରୁ ଜଣାପଡିଛି। ପ୍ରକାଶ ଯେ, ଦୀର୍ଘ ଦିନ ଧରି ଏଠାରେ ପୋଲ ହେବା ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଗତବର୍ଷ ମନ୍ତ୍ରୀ ମିଶ୍ର ପରିଦର୍ଶନ ସମୟରେ ଅଞ୍ଚଳବାସୀ ଏଠାରେ ଏକ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ। ସେତେବେଳେ ମନ୍ତ୍ରୀ ମିଶ୍ର ଖୁବ୍‌ଶୀଘ୍ର ଏଠାରେ ଏକ ପୋଲ ନିର୍ମାଣ କରାଯିବ ବୋଲି ଅଞ୍ଚଳବାସୀଙ୍କୁ କଥା ଦେଇଥିଲେ। ଫଳରେ କଥା ଦେଇ କଥା ରଖିଥିବାରୁ ମନ୍ତ୍ରୀ ମିଶ୍ରଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି।

**କଳାକାର ବଞ୍ଚିଲେ କଳା ବଞ୍ଚିବ**

ଜାମଟିକ୍ରା,(ଡି.ଏନ.ଏ.): ବରଗଡ ଜିଲା ଅତାବିରା ବ୍ଲକ ଝିଲିମିଣ୍ଡା ପଞ୍ଚାୟତ ସ୍ୱପ୍ନେଶ୍ୱର ପୀଠରେ କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁଧୀର ପଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ଅତାବିରା ବ୍ଲକର କଳାକାରମାନେ ଯୋଗଦେଇ କଳା ପରିବେଷଣ କରିଥିଲେ । ବରିଷ୍ଠ କଳାକାର ବିହାରୀ ପଧାନ, ସୁନୀଲ ନାୟକ, ଯୋଗେଶ୍ୱର ପଧାନ, ଭରତ ମହାପାତ୍ର ବିଜୟ ମେହେର, ନନ୍ଦିଘୋଷ ମେହେର ସମାବେଶରେ ଯୋଗଦେଇଥିଲେ । କଳାକାର ବଞ୍ଚିଲେ କଳା ବଞ୍ଚି ରହିବ। ତେଣୁ ସେମାନଙ୍କ ପ୍ରତି ସରକାର ଦୃଷ୍ଟିଦେଇ ସହଯୋଗ ଯୋଗାଇ ଦେବାକୁ ବରିଷ୍ଠ କଳାକାର ସୁରେନ୍ଦ୍ର କୁମାର ଦାସ କହିଛନ୍ତି ।

# ବର୍ଷା, କରାମାଡ଼ ଆଣିଲା ଦୁଃଖ

**ବରଗଡ଼ ଅଫିସ,୨୯।୧୨**

ବର୍ଷା ସାଙ୍ଗକୁ କରାମାଡ଼(କୁଆପଥର ବୃଷ୍ଟି) ବରଗଡ଼ ଜିଲା ଚାଷୀଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। ବର୍ଷା ଯୋଗୁ ମଣ୍ଡି ଏବଂ କ୍ଷେତ, ଖଳାରେ ଥିବା ଧାନ ଭିଜି ଯାଇଛି। ସେହିପରି କିଆରିରେ ଥିବା କୋବି, ଟମାଟୋ, ବାଇଗଣ ଆଦି ପରିବା ନଷ୍ଟ ହୋଇଯାଇଛି। ବର୍ଷା ଯୋଗୁ ଧାନ କିଣାବିକା ପ୍ରଭାବିତ ହୋଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ଅନ୍ୟପକ୍ଷେ କୃଷି, ରାଜସ୍ୱ କର୍ମଚାରୀ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରୁଥିବା ସୂଚନା ମିଳିଛି।

ମଙ୍ଗଳବାର ରାତିରୁ ବର୍ଷା, ସ୍ଥାନେ ସ୍ଥାନେ କୁଆପଥର ବୃଷ୍ଟି ହୋଇଥିଲା। ଜିଲାର ଅମ୍ବାଭୋନା ବ୍ଲକରେ ସର୍ବାଧିକ ୧୦୫.୬ ମିମି ବର୍ଷା ହୋଇଥିବା ରେକର୍ଡ

**ଧାନ ଭିଜିଲା, ପରିବା ଉଜୁଡ଼ିଲା**



- ଅମ୍ବାଭୋନା ସର୍ବାଧିକ ପ୍ରଭାବିତ
- ପ୍ରଶାସନର କ୍ଷୟକ୍ଷତି ଆକଳନ, କ୍ଷତିପୂରଣ ଆଶାରେ ଚାଷୀକୁଳ

କରାଯାଇଛି। ଏହି ବ୍ଲକରେ କରାମାଡ଼ ବି ହୋଇଥିଲା। ସେହିପରି ଅତାବିରା ବ୍ଲକରେ ୪୫.୬, ବରଗଡ଼ରେ ୩୦.୪, ବରପାଲିରେ ୪, ଭଟଲିରେ ୧୫, ଭେଡ଼େନରେ ୧୪.୨, ବିଜେପୁରରେ ୯, ଗାଇସିଲେଟରେ ୮, ଖାରବନ୍ଧରେ ୧୮, ପଦ୍ମପୁରରେ ୮, ପାଇକମାଲରେ ୬ ଏବଂ ସୋହେଲା ବ୍ଲକରେ ୩୭ମିମି ବୃଷ୍ଟିପାତ ରେକର୍ଡ଼ କରାଯାଇଛି।

ଅମ୍ବାଭୋନା ବ୍ଲକର ନାରଙ୍ଗପୁର, ବଡ଼ଧରା, ଦ୍ୱାରୀ, ବେନିଆପାଲି, କୁମ୍ଭୋ, କୁଶମୁଦା, ବାଞ୍ଜିପାଲି, ବଡ଼ ଦର୍ଲିପାଲି, ରୁଚିଦା ଆଦି ଅଞ୍ଚଳରେ ଫୁଲକୋବି, ସୋରିଷ, ଗହମ ଫସଲ ନଷ୍ଟ ହୋଇଥିବା ଅମ୍ବାଭୋନା ପ୍ରତିନିଧି ଜଣାଇଛନ୍ତି। ସୋହେଲା ବ୍ଲକ ଅନ୍ତର୍ଗତ କେଣ୍ଡମୁଣ୍ଡି, ଲମ୍ବରୁପାଲି, ପିପିଲିପାଲି, ବାଦିପାଲି, ବୁଢ଼ିମାଲ, ଦଶମାଇଲ, ସରକଣ୍ଡା ଆଦି ଅଞ୍ଚଳରେ ଅମଳ ଧାନ ସହିତ ବନ୍ଧାକୋବି, ଫୁଲକୋବି, ଲଙ୍କା, ମଟର, ଶିମ୍ବ ଫସଲ ନଷ୍ଟ ହୋଇଛି। ବରଗଡ଼ ବ୍ଲକ ବାଲିଯୋରି ସମେତ ଆଖପାଖ ଅଞ୍ଚଳରେ ପରିବା ଫସଲ ଉଜୁଡ଼ିଛି। ଜିଲାର ପ୍ରାୟତଃ ସବୁ ଅଞ୍ଚଳର ସ୍ଥିତି ଏଭଳି। ଅଚାନକ ବର୍ଷା, କରାମାଡ଼ ଯୋଗୁ ଉଭୟ ଧାନ, ଅଣଧାନ ଫସଲ ଉଜୁଡ଼ି ଯାଇଥିବାବେଳେ ଚାଷୀ ଏବେ କେବଳ ସରକାରୀ କ୍ଷତିପୂରଣକୁ ଚାହିଁ ବସିଛି।

ବିଗତ ବର୍ଷରେ ଏଭଳି ଫସଲ କ୍ଷତି ହୋଇଥିଲେ ବି ଏପର୍ଯ୍ୟନ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳି ନ ଥିବା ଚାଷୀନେତା ରମେଶ ମହାପାତ୍ର କହିଛନ୍ତି। ସରକାରଙ୍କ ରିଲିଫ୍ କୋଡ୍ ଅବ୍ୟବସ୍ଥିତ ହୋଇଥିବା ଯୋଗୁ ଏଭଳି ବିପର୍ଯ୍ୟୟ ସମୟରେ ଚାଷୀଙ୍କୁ କ୍ଷତିପୂରଣରୁ ବଞ୍ଚିତ ହେବାକୁ ପଡୁଛି। ଫଳରେ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯିବା ଜରୁରୀ ହୋଇ ପଡ଼ିଛି ବୋଲି ମହାପାତ୍ର କହିଛନ୍ତି। ଜୟ କିଷାନ ଆନ୍ଦୋଳନ ସମ୍ପାଦକ ହର ବଣିଆ କହିଛନ୍ତି, ଜିଲାର ମଣ୍ଡିଗୁଡ଼ିକରେ ବର୍ତ୍ତମାନ ସୁଦ୍ଧା ୧୧ଲକ୍ଷ ୪୬ହଜାର ପ୍ୟାକେଟ୍ ଧାନ ବିକ୍ରି ଅପେକ୍ଷାରେ ପଡ଼ି ରହିଛି। ସେଠାରେ ଧାନ ସୁରକ୍ଷିତ ରଖିବା ପ୍ରଶାସନର ଦାୟିତ୍ୱ। ବିନା କଟ୍‌ନୀରେ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ ସବୁଧାନ କିଣାଯାଉ ବୋଲି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣାଙ୍କୁ ପଚାରିବାରୁ କୃଷି ଓ ରାଜସ୍ୱ କର୍ମଚାରୀମାନେ ପ୍ରଭାବିତ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରୁଛନ୍ତି । ସେ ନେଇ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଦେଉଳଝୁରୀ ପୀଠରେ ଶ୍ରୀଅରବିନ୍ଦ ପାଠଚକ୍ରର ଜିଲାସ୍ତରୀୟ ସମ୍ମିଳନୀ

ଅମରପାଲି,୨୯।୧୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ଦେଉଳଝରିସ୍ଥିତ ସିଦ୍ଧେଶ୍ୱର ପୀଠ ଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲା ସଙ୍ଗଠକ ଲଳିତ ମୋହନ ପୁଜାହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରରେ ଜୋନାଲ ସଂଗଠକ ମଦନ ମୋହନ ଦାନୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଶ୍ରୀଅରବିନ୍ଦଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ବ୍ଲକ ସଂଗଠକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଭାପତି ଓ ସମ୍ପାଦକଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦୁଃଖୀଶ୍ୟାମ ଭୋଇ ଶ୍ରୀମାଙ୍କ ଆର୍ଶୀବଚନ ପ୍ରଦାନ କରିଥିଲେ । ଶେଷରେ ତ୍ରିଜୀବ ବଘାର ଧନ୍ୟବାଦ ଅର୍ପଣ କରିଥିଲେ । ଶାଶତ ତ୍ରିପାଠୀ, ନବୀନ ସେଠୀ, ପ୍ରୀତି ଅପା, ବଲ୍ଲଭି ଅପା, ମନୋରଞ୍ଜନ ଦାଶ, ମହାଦେବ ପଣ୍ଡା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

### କରାଟେ ଡୁ ସଂଘର ସଫଳତା

ପଦ୍ମପୁର,୨୯।୧୨(ଡି.ଏନ.ଏ.): ରାଜ୍ୟସ୍ତରୀୟ କରାଟେ ଡୁ ପ୍ରତିଯୋଗିତା ଭୁବନେଶ୍ୱର ରେଲୱେ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ସିଆନ କାବୁଲି ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୮ ଜଣିଆ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ୧୦ରୁ୧୧ ବର୍ଷ ବର୍ଗରେ ସମ୍ଭବ ସିଦାର,୨୫ରୁ ୩୦ ବର୍ଷ ବର୍ଗ ପୁରୁଷ ବର୍ଗରେ ଅଶ୍ୱିନୀ ବାରିକ ସ୍ୱର୍ଣ୍ଣ ବିଜେତା ହୋଇଥିଲେ। ଖୁସବୁ ରାଉତ, ନିରଞ୍ଜନ ସୁନା, ଆୟୁଷ ସାହୁ, ସୌରଭ ରଣା, ହୃଦୟ ବଲ୍ଲଭ ସାହୁ, ସୂର୍ଯ୍ୟନାରାୟଣ ପାଲ ବ୍ରୋଞ୍ଜ ପାଇ ଜିଲାର ଗୌରବ ବୃଦ୍ଧି କରିଛନ୍ତି।

### ଶିବମନ୍ଦିରର ଶିଳାନ୍ୟାସ

ଜାମଟିକ୍ରା,୨୯।୧୨(ଡି.ଏନ.ଏ.): ଅତାବିରା ବ୍ଲକ ଖରମୁଣ୍ଡା ଗ୍ରାମରେ ବରଗଡ ଏମ୍‌ପି ସୁରେଶ ପୂଜାରୀ ଶିବମନ୍ଦିର ପାଇଁ ଶିଳାନ୍ୟାସ କରିଛନ୍ତି। ପରେ ଡଡଙ୍ଗାପାଲି, ଚୁଲଧର, ନୁଆଁପଡ଼ା ଗ୍ରାମକୁ ଯାଇ ଲୋକଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଟାଙ୍ଗରପାଲି ଆଶ୍ରମକୁ ଯାଇ ସ୍ୱାସ୍ଥ୍ୟ ଶିବିର ବୁଲି ଦେଖିଥିଲେ। ଗସ୍ତ ସମୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶର ଶତପଥୀ, ବରିଷ୍ଠ ନେତା ମିଳନ ସେଟ, କୁଶ କୁମ୍ଭାର, ସୁଶାନ୍ତ ମିଶ୍ର, କ୍ଷିରେଶ୍ୱରୀ ସ୍ୱାଇଁ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁନନ୍ଦା ମେହେର, ଏମ୍‌ପି ପ୍ରତିନିଧି ବିପିନ ଭୋସାଗର ପ୍ରମୁଖ ଉପସ୍ଥିତ ଥିଲେ ।

### ବୀରମହାରାଜପୁର ମହାବିଦ୍ୟାଳୟ ପରିଚାଳନା କମିଟି ଗଠିତ

ଅମରପାଲି,୨୯।୧୨(ଡି.ଏନ.ଏ): ବୀରମହାରାଜପୁର ମହାବିଦ୍ୟାଳୟ ପୂର୍ଣ୍ଣାଙ୍ଗ ପରିଚାଳନା କମିଟି ଗଠିତ ହୋଇଛି। ଗତ ୨୧ ତାରିଖରେ ସମ୍ବଲପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ଆଦେଶ ଜାରି ହୋଇଛି। ସ୍ୱୟମ୍ଭୁନାଥ ଖଣ୍ଡଗିରି ସଭାପତି, ଅଧକ୍ଷ ମୁରଲୀଧର ହୋତା ସମ୍ପାଦକ ମନୋନୀତ ହୋଇଛନ୍ତି । ଅଧାପକ ଦୀନବନ୍ଧୁ ମେହେର, ରାଜେଶ୍ୱରି କର, ଜଗଦୀଶ ସାହୁ, ରାଧାକାନ୍ତ ବାଘ, ସୟଦ ମୁଜାଫର ଅଲି, ସୁବୀଣା ମିଶ୍ର, ମୌସୁମୀ ମେର୍ଲି, ରଞ୍ଜିତ ରଥ, ନିଳୀମା ପଣ୍ଡା ସଭ୍ୟ ମନୋନୀତ ହୋଇଛନ୍ତି ।

## ଛିନ୍ଦେଇକେଲା କପ: ଫାଇନାଲରେ କଟାପାଲି

ପାଇକମାଲ, ୨୯।୧୨(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଚାଲିଥିବା ୨୭ତମ ସହଦେବ ମେମୋରିଆଲ ଛିନ୍ଦେଇକେଲା କପର ଦ୍ୱିତୀୟ ସେମିଫାଇନାଲରେ ପାଟଣାଗଡ଼କୁ ହରାଇ କଟାପାଲି ଫାଇନାଲରେ ପ୍ରବେଶ କରିଛି। କଟାପାଲି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ ପାଟଣାଗଡ଼ ଦଳ ସମସ୍ତ ଉଇକେଟ ହରାଇ ୮୭ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ହର ବେହେରା ସର୍ବାଧିକ ୫୩ ରନ କରିଥିଲେ। କଟାପାଲି ଦଳରୁ ସନ୍ତୋଷ ଯାଦବ ସର୍ବାଧିକ ୫ ଉଇକେଟ ହାସଲ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଛିନ୍ଦେଇକେଲା ରାଜିଂ ଷ୍ଟାର କ୍ରିକେଟ କ୍ଲବ ପୂର୍ବତନ ଅଧିନାୟକ ବିନନ୍ଦ ସାହୁ, ଉପଦେଷ୍ଟା ରତିକାନ୍ତ ସାହୁ ଓ ନିରାକାର ରଣା ଅତିଥି ଭାବେ ଯୋଗଦେଇ କଟାପାଲିର ସନ୍ତୋଷ ଯାଦବଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

## ଆସନ ସଂରକ୍ଷଣକୁ ନେଇ ଅସନ୍ତୋଷ

**ସୋନପୁର,୨୯।୧୨(ନି.ପ୍ର.)**

- ଭୋଟ ବର୍ଜନ ଚେତାବନୀ ଦେଲା ଆଦିବାସୀ ସଂଘ
- ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ସୁବର୍ଣ୍ଣପୁର ଜିଲାରେ ପଞ୍ଚାୟତ ନିର୍ବାଚନ ସକାଶେ ସ୍ଥାନ ସଂରକ୍ଷଣ ଚିଠା ପ୍ରସ୍ତାବକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ପଛୁଆ ବର୍ଗ ଅସନ୍ତୁଷ୍ଟ ଥିବା ବେଳେ ଜିଲା ପ୍ରଶାସନ ଅନୁସୂଚିତ ଜନଜାତି ବର୍ଗଙ୍କୁ ଆକ୍ରୋଶମୂଳକ ଭାବେ ନିର୍ବାଚନରୁ ଦୂରରେ ରଖିବା ପାଇଁ ଯୋଜନା କରିଛି। ଜିଲାରେ ମୋଟ ୧୦୯ଟି ପଞ୍ଚାୟତ ଥିବା ବେଳେ ଅନୁସୂଚିତ ଜନଜାତିଙ୍କ ପାଇଁ ଗୋଟିଏ ବି ସରପଞ୍ଚ ଆସନ ସଂରକ୍ଷିତ ରଖାଯାଇନି। ଏହା ଜିଲାର ଆଦିବାସୀ ସମାଜକୁ ବ୍ୟଥିତ କରିଛି। ସମ୍ବିଧାନରେ ସଂରକ୍ଷଣ ବ୍ୟବସ୍ଥା ଅନୁଯାୟୀ ଅନୁସୂଚିତ ଜନଜାତି ବର୍ଗର ଲୋକ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ସୁଯୋଗ ପାଉଛନ୍ତି। ମାତ୍ର ଏହି ଜିଲାରେ ୧୦ %ରୁ ଊର୍ଦ୍ଧ୍ୱ ଏହି ବର୍ଗର ଲୋକ ବସବାସ କରୁଥିବା ବେଳେ ନ୍ୟାର୍ଯ୍ୟ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରାଯାଇଛି। ତେଣୁ ଜିଲା ଆଦିବାସୀ କଲ୍ୟାଣ ସଂଘ ନେତୃତ୍ୱରେ ସମାଜର ନେତୃବୃନ୍ଦ ବୁଧବାର ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କୁ ଭେଟି ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ କରିବା ପାଇଁ ଦାବି କରିଛନ୍ତି । ନଚେତ ଜିଲାର ଆଦିବସୀ ପରିବାର ଗ୍ରାମ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ପ୍ରତିନିଧି ଦଳରେ ସଂଘର ଜିଲା ସଭାପତି ଯୋଗେନ୍ଦ୍ର ଭୋଇ, ଉପସଭାପତି ଗୁପ୍ତେଶ୍ୱର ମଲ୍ଲିକ, ବିହାରୀ ମାଝୀ, ବିରାଜୁ ଭୁଏ, ଶ୍ୟାମ ସୁନ୍ଦର ଭୋଇ, ଯୁବରାଜ ସିଂ ବରିହା, ଜୟ କୁମାର ବରିହା ଓ ସୋମନାଥ ସିଂ ଠାକୁର ପ୍ରମୁଖ ଜିଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଆନ୍ତଃ ମହାବିଦ୍ୟାଳୟ ଇଂଲିଶ ପାଠଚକ୍ର



ଇଂରାଜୀ ପାଠଚକ୍ରରେ ଉପସ୍ଥିତ ଅଧାପିକା ଅଧାପକ ।

**ବୌଦ୍ଧ,୨୯।୧୨(ସ୍ୱ.ପ୍ର.)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଇଂଲିଶ ବିଭାଗ ଓ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପୁରୁଣାକଟକର ଇଂଲିଶ ବିଭାଗ ସହଯୋଗରେ ଆନ୍ତଃ ମହାବିଦ୍ୟାଳୟ ଇଂରାଜୀ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ଅଧାପକ ସଞ୍ଜୀବ କୁମାର ନାୟକ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅଧାପିକା ଶୁଭଙ୍କରୀ ବଡମାଳୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଞ୍ଚାୟତ ମହାବିଦ୍ୟାଳୟ ଇଂଲିଶ ସମ୍ମାନର ୩୫ ଛାତ୍ରୀଛାତ୍ର ଓ ଭୈରବୀ ଡ୍ରିଗୀ ମହାବିଦ୍ୟାଳୟର ୪୦ ଛାତ୍ରୀଛାତ୍ର ଯୋଗଦେଇ ପ୍ରାୟ ୨୦ଟି ସନ୍ଦର୍ଭ ପାଠ କରିଥିଲେ। ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ଇଂଲିଶ ବିଭାଗ ମୁଖ୍ୟ ଡ. ପ୍ରମୋଦ କୁମାର ମହାପାତ୍ର ଫେମିନିଜିମ ଉପରେ ଆଲୋଚନା କରି ନାରୀମାନଙ୍କର ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ପାଠଚକ୍ରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ପ୍ରଶଂସାପତ୍ରର ଅର୍ଥରାଶିକୁ ପ୍ରାଣୀ ଚିକିତ୍ସକ ଡା. ପ୍ରିୟବ୍ରତ ବେହେରା ପ୍ରଦାନ କରିଥିଲେ। ଅଧାପିକା ବେନଜିର ଓ ଲକ୍ଷ୍ମଣ ମେହେର ଉପସ୍ଥିତ ଥିଲେ। ସ୍ମୃତି ଅଗ୍ରୱାଲ, ବିଶ୍ୱଜିତ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥଲେ।

## ନୃସିଂହନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ପାନସିଆଲି ଚାମ୍ପିୟନ**

ଉଲୁଣ୍ଡା,୨୯।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବିଶିପଡ଼ା ପଞ୍ଚାୟତ ଅନ୍ତର୍ଗତ ମାରିଚପୁରଠାରେ ବାବା ନୃସିଂହନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହିଲୁଙ୍ଗକୁ ହରାଇ ପାନସିଆଲି ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ପାନିସିଆଲି ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ବିନିମୟରେ ୬୦ ରନ କରି ଥିବା ବେଳେ ହିଲୁଙ୍ଗ ଦଳ ୮ ଓଭରରେ ମାତ୍ର ୪୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଟୁର୍ନାମେଣ୍ଟ ସଭାପତି ପିକୁନ ପଧାନ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗ ଦେଇଥିଲେ। ବିଜେଡିର ବ୍ଲକ ସଭାପତି ବିହାରୀଲାଲ ମିଶ୍ର , ଯାଦୁଗର ତଥା ଅଧାପକ ଉଦ୍ଧବ ପଧାନ , ସ୍ଥାନୀୟ ସରପଞ୍ଚ ପିଙ୍କି ବିଶି, ପୂର୍ବତନ ସମିତି ସଭ୍ୟ ବିକାଶ ବିଶି,ସୋମନାଥ ପଧାନ,ପୀତବାସ କର୍ମୀ, ଅମିୟ ରଞ୍ଜନ ଦାସ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବିଜେତା ଓ ଉପବିଜେତା ଟିମ୍‌କୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ପାନିସିଆଲି ଟିମର ମିଲୁ ସାହୁଙ୍କୁ ମ୍ୟାନ ଅଫ ଦି ସିରିଜ ପ୍ରଦାନ କରାଯାଇଥିଲା। ଅଶିନୀ ପଧାନ ଓ ପିଣ୍ଟୁ ବିଶି ଖେଳ ପରିଚାଳନା କରିଥିଲେ। ଜ୍ଞାନରଞ୍ଜନ ପଧାନ ଓ ସିଦ୍ଧାର୍ଥ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ।

## ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ



କୁବେର ସମାଜ ମହାସଭା ପୂର୍ବରୁ ବାହାରି ଥିବା କଳସ ଶୋଭାଯାତ୍ରା।

**ପାଇକମାଲ, ୨୯।୧୨(ଡି.ଏନ.ଏ.)**

**କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ର ଅଷ୍ଟାଦଶ ମହାସଭା**

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ସାଇ ତରଫରୁ ଅଂଳାଯୁବା ମହାମାୟା ସୁଶୀଳା ଦେବୀ ନର୍ସିଂ ଛାତ୍ରୀନିବାସ ପରିସରରେ କୁବେର ସମାଜ ପଶ୍ଚିମାଞ୍ଚଳ ଓଡିଶା ଓ ଛତିଶଗଡ଼ର ଅଷ୍ଟାଦଶ ମହାସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାସଭା ସଭାପତି ରାମହରି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରସ୍ତର ଶିଳ୍ପୀ ଡ ସୁଦର୍ଶନ ସାହୁ, ସମ୍ମାନିତ ଅତିଥି ମହିଳା ଓ ଶିଶୁବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ମାତୃମଞ୍ଚ ସଭାନେତ୍ରୀ ମୀନତି ସାହୁ, ଯୁବାମଞ୍ଚ ସଭାପତି ପ୍ରହଲ୍ଲାଦ ସାହୁ, ଯୁଗ୍ମ ସମ୍ପାଦକ ରମେଶ ସାହୁ, ମୁଖ୍ୟବକ୍ତାଭାବେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଯୋଗଦେଇଥିଲେ। କୁବେର ସମାଜର ସାମଗ୍ରିକ ବିକାଶ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଓଡିଶୀ ନୃତ୍ୟଶିଳ୍ପୀ ଶର୍ମିଳା ସାହୁଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ମହାସଭା ସମ୍ପାଦକ ଚୂଡାମଣି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁବାମଞ୍ଚ ସମ୍ପାଦକ ଲିଙ୍ଗରାଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ସଭା ଆରମ୍ଭ ପୂର୍ବରୁ ସମାଜର ଶତାଧିକ ମହିଳା ମାଣ୍ଡୋସିଲ ଗ୍ରାମରୁ କଳସ ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ସ୍ଥାପନ କରିଥିଲେ। ମହାସଭା କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ସାହୁ ଧନ୍ୟବାଦ ଦେଇଥିଲେ। ଯୁବାମଞ୍ଚ ସଭାପତି ମହେନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ବାଇକ ରାଲି ମାଣ୍ଡୋସିଲରୁ ବାହାରି ସଭାସ୍ଥଳକୁ ଆସିଥିଲା।

## ବଡ଼ଦିନ ସପ୍ତାହର ଉଦ୍ଦୀପନା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୯।୧୨**

ବରଗଡ଼ସ୍ଥିତ ସିଏନଆଇ ଚର୍ଚ୍ଚରେ ବଡ଼ଦିନ ସପ୍ତାହ ପାଳନ ଅବସରରେ ଉଦ୍ଦୀପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ମଧ୍ୟରେ ହୋଇଥିବା ଏହି ଧାର୍ମିକ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ ଅଧ୍ୟକ୍ଷ ଡି. ମୂରଲୀକ୍ରିଷ୍ଣା, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସନା, କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ, ରାଜ୍ୟ କଳାକାର ସଂଘ ସଭାପତି ଚୈତନ୍ୟ ପାଇକ ଅତିଥିଭାବେ ଯୋଗଦେଇଥିଲେ। ପ୍ରତ୍ୟୁଷ ନନ୍ଦ ପ୍ରଭୁଙ୍କର ବାକ୍ୟ ଉଚ୍ଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ମଣ୍ଡଳୀ ସମ୍ପାଦକ ଚନ୍ଦ୍ରଶେଖର ବାଗ ପରିଚାଳନା କରିଥିଲେ। ଡାନିଏଲ ଦୀପ, ବିଜୟା ଦୀପ, କୁମୁଦିନୀ ବାଗ, ରେଣୁବାଳା ଶର୍ମା, ଶୁଭାସିନୀ ନନ୍ଦ, ବିଶାଳ ବାଗ, ପୁନମ ନନ୍ଦ, ଆଲିଶା କୁମାର ଉପସ୍ଥିତ ଥିଲେ।



ଉଦ୍ଦୀପନା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଆୟୋଜକବୃନ୍ଦ।

## ବିନିକା ସହରକୁ ପଶିଲେ ୮ ହାତୀ

**ବିନିକା,୨୯।୧୨(ଡି.ଏନ୍.ଏ.)**

ବୁଧବାର ବିନିକା ସହର ନିକଟ ଅଞ୍ଚଳରେ ୮ଟି ହାତୀ ପଶିଥିବାରୁ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ସହରର ଘଣ୍ଟାଶୁନୀ ପାହାଡରେ ହାତୀ ରହିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ପାହାଡ ପାଦଦେଶରେ ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ, ବିନିକା କୃଷି ବିଭାଗ ଅଫିସ, ସରସ୍ୱତୀ ଶିଶୁ ମନ୍ଦିର ସହିତ ଜବଦା, ନୂଆପାଲି ଗ୍ରାମ ଓ ଜଗଦଳପୁର ଅଞ୍ଚଳ ରହିଛି। ଜଙ୍ଗଲୀ ହାତୀ ଆସୁଥିବାର କୌଣସି ସୂଚନା ବିନିକା ବନବିଭାଗ ପାଖରେ ନ ଥିବା ଯୋଗୁ ଲୋକେ ଏ ସମ୍ପର୍କରେ ଜାଣି ପାରୁନାହାନ୍ତି । ମହାନଦୀ ଅପରପାର୍ଶ୍ୱ ଜଙ୍ଗଲରୁ ହାତୀ ଆସୁଥିବାର ସୂଚନା ଫରେଷ୍ଟ ବିଭାଗ ରଖି ପାରୁନାହିଁ। ହାତୀ ପାଦ ଚିହ୍ନ ପଡିଥିବା ନେଇ ଲୋକେ ଜଣାଇଲେ ବନ ବିଭାଗ ହାତୀ ଘଉଡାଇବା ପ୍ରଚେଷ୍ଟା କରୁଛି । ବୁଧବାର ସକାଳେ ସ୍ଥାନୀୟ ଲୋକେ ହାତୀ ପାଦ ଚିହ୍ନ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ବିନିକା ସହର ଫରେଷ୍ଟ ଅଧୀନ ଜବଦା ଓ ନୂଆଁପାଲି ଘଣ୍ଟାସୁନୀ ଜଙ୍ଗଲରେ ଏବେ ହାତୀ ରହିଛନ୍ତି। ସକାଳେ ଆଖପାଖର ଲୋକେ ନୂଆଁପାଲି ଖେଳ ପଡିଆରେ ରହି ହାତୀ



ଘଣ୍ଟାସୁନୀ ଜଙ୍ଗଲରେ ହାତୀ।

ଜଙ୍ଗଲରେ ପଶୁଥିବା ଦେଖିବାକୁ ପାଇଥିଲେ। ଉଲୁଣ୍ଡାରୁ ହାତୀ ପଲ ବିନିକା ମୁହାଁ ହେବାରେ ଲାଗିଛି। ହାତୀ ଧାନ ଫସଲ ଉଜାଡି ଦେଉଛ। ହାତୀ ଘଉଡାଇବା ପାଇଁ ବନ ବିଭାଗ ତତ୍ପର ହେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରବିରେ ୮୮,୪୬୦ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ

**ସୋନପୁର,୨୯।୧୨(ନି.ପ୍ର.)**

୨୦୨୧-୨୨ ରବି ଋତୁରେ କୃଷିପ୍ରଧାନ ସୁବର୍ଣ୍ଣପୁର ଜିଲାରେ ୮୮,୪୬୦ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଖରିଫ ଫସଲ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଯାହା ଗତବର୍ଷର ଲକ୍ଷ୍ୟ ହାସଲଠାରୁ ୪,୫୨୦ହେକ୍ଟର ଅଧିକ। ବୁଧବାର ଜିଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ଏ ବିଷୟରେ ସୂଚନା ଦେଇଛନ୍ତି ଜିଲା ମୁଖ୍ୟ କୃଷି ଅଧିକାରୀ ଭାସ୍କର ପାଢୀ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ବୈଠକରେ ଅଧକ୍ଷତା କରି ଜିଲାରେ ଥିବା ଭିତ୍ତିଭୂମି ଓ ସମସ୍ତ ବୈଷୟିକ ଜ୍ଞାନ କୌଶଳ ଉପଯୋଗରେ ରବି ଚାଷ ଲକ୍ଷ୍ୟକୁ ସଫଳତାର ସହ ହାସଲ କରିବା ପାଇଁ କୃଷି ଅଧିକାରୀମାନେ ବଦ୍ଧପରିକର ହେବା ପାଇଁ ପରାମର୍ଶ ଦେଇଥିଲେ। ୨୦୨୦ ରବି ଋତୁରେ ୩୪ ହଜାର ୯୨୩ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ କରାଯାଇଥିବା ବେଳେ ଚଳିତବର୍ଷ ୨୮ ହଜାର ୬୫୦ ହେକ୍ଟର ଜମିରେ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ୨୦୨୦ ରବିରେ ୨୮,୯୭୮ହେକ୍ଟର ଜମିରେ ଡାଲି ଫସଲ, ୫,୯୩୬ ହେକ୍ଟର ଜମିରେ ତୈଳବୀଜ, ୧୧, ୫୦୯ ହେକ୍ଟର ଜମିରେ ପନିପରିବା, ୨,୫୫୬ ହେକ୍ଟର ଜମିରେ ମସଲାଜାତୀୟ ଓ ୩୮ ହେକ୍ଟର ଜମିରେ ଆଖୁଚାଷ ହୋଇଥିଲା। ଚଳିତ ରବିରେ ୩୮ ହଜାର ୭୦୦ହେକ୍ଟର ଜମିରେ ଡାଲି ଜାତୀୟ, ୮ହଜାର ୮୦୦ହେକ୍ଟର ଜମିରେ ତୈଳବୀଜ, ୯,୧୨୦ ହେକ୍ଟର ଜମିରେ ପନିପରିବା, ୩,୦୯୦ହେକ୍ଟର ଜମିରେ ମସଲା ଜାତୀୟ ଓ ୧୦୦ ହେକ୍ଟର ଜମିରେ ଆଖୁ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ରବିରେ ୬୦,୮୩୮ ହେକ୍ଟର ଜମିକୁ ବୃହତ୍, କ୍ଷୁଦ୍ର, ମଧ୍ୟମ, ବୃହତ୍ ଉଠା ଜଳସେଚନ, ଉଠାଜଳସେଚନ, ଡଗ୍ ୱେଲ ଓ ଅନ୍ୟାନ୍ୟ ଉତ୍ସରୁ ଜଳଯୋଗାଣ କରାଯିବ ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଥିଲା। ଅଣଜଳସେଚିତ ଜମିରେ ଆଦ୍ରତାରେ ମୁଗ, ବିରି ଓ କୋଳଥ ଚାଷ କରାଯିବ। ଚଳିତ ଋତୁରେ ପ୍ୟାକ୍ସ ଓ ପ୍ରାଇଭେଟ୍ ଡିଲରଙ୍କ ମାଧ୍ୟମରେ ୫, ୦୬୨ କୁଇଣ୍ଟାଲ ଧାନ, ୧୮୮ କୁଇଣ୍ଟାଲ ମୁଗ ଓ ୧,୨୫୦ କୁଇଣ୍ଟାଲ ବାଦାମ ବିହନ ଯୋଗାଇ ଦିଆ ଯିବାକୁ ନିଷ୍ପତ୍ତି ହୋଇଛି । ସେହିଭଳି ରବିରେ ହେକ୍ଟର ପ୍ରତି ୪୪.୭୦ କିଲୋଗ୍ରାମ ହିସାବରେ ମୋଟ ୩୯୫୪ ମେଟ୍ରିକ୍ ଟନ୍ ଏନପିକେ ସାର ବ୍ୟବହାର କରିବାକୁ ଲକ୍ଷ୍ୟ ରହିଛି । ଜିଲାରେ ଥିବା ମୃତ୍ତିକା ପରୀକ୍ଷାଗାରରେ ମାଟି ନମୁନା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଗାଇ ଦେବାକୁ ଲକ୍ଷ୍ୟ ରହିଛି। ସେହିପରି ଚାଷୀଙ୍କୁ ଟ୍ରାକ୍ଟର, ପାୱାର ଟିଲର, ରୋଟାଭେଟର, ଟ୍ରାନ୍ସପ୍ଲାଣ୍ଟର ଓ ପମ୍ପସେଟ୍ ଦିଆଯିବାକୁ ଯୋଜନା ରହିଛି । ସମବାୟ ବ୍ୟାଙ୍କ, ଷ୍ଟେଟବ୍ୟାଙ୍କ, ୟୁଜିବି ଓ ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କ ଜରିଆରେ କୃଷିଋଣ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଜୈବିକ ସାର, ରୋଗପୋକ ନିୟନ୍ତ୍ରଣ, ଅଧିକ ଅମଳକ୍ଷମ ଓ ଶଙ୍କରଜାତୀୟ ବିହନ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ସମ୍ପ୍ରସାରଣ



ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୁବର୍ଣ୍ଣପୁର ଜିଲା**

ସଂସ୍କାର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଓ ରାଷ୍ଟ୍ରୀୟ ଖାଦ୍ୟ ନିରାପତ୍ତା ମିଶନରେ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଥିଲା। ବୈଠକରେ ଡିଡିଏମ ନାବାର୍ଡ ତାପସ ଶଙ୍କର ରାଉତ, ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦିଲୀପ କୁମାର ପାତ୍ର, ବରପାଲି କେନାଲ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଭାସ କୁମାର ରଥ, ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଫୁଲ୍ଲ କୁମାର ବେହେରା, ଡେପୁଟି ପ୍ରୋଜେକ୍ଟ ଡାଇରେକ୍ଟର ଆତ୍ମା ଶ୍ରୀନିବାସ ମଲ୍ଲିକ, ବୀରମହାରାଜପୁର କୃଷି ଅଧିକାରୀ ପ୍ରମିଳା ସ୍ୱାଇଁ, ଡୁଙ୍ଗୁରିପାଲିର ବିନୋଦ କୁମାର ଲାକ୍ରା, ଯୋଜନା ଅଧିକାରୀ ଲଳିତ କୁମାର ସାହୁ, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ହୃଷୀକେଶ ଦାସ ଓ କୃଷି ବିଭାଗର ସମସ୍ତ ଜିଲାସ୍ତରୀୟ ଅଧିକାର ଯୋଗ ଦେଇଥିଲେ।

## ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ସାଧାରଣବର୍ଗ କରିବାକୁ ଦାବି

